# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-226 ♦WEDNESDAY ♦11 FEBRUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୨୬ ♦ବୁଧବାର ♦୧୧ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ରାମାୟଣରେ କାମ କରୁନାହାନ୍ତି ବିଜୟ

▶ପୃଷ୍ଠା ୧୧ ଦେଖନ୍ତୁ...

## ମନିଲଣ୍ଡରିଂ ମାମଲା // ଟିନା ଅମ୍ବାନୀଙ୍କୁ ସମନ କରିବ ଇଡି

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବଢ଼ିବାରେ ଲାଗିଛି ଅନିଲ ଅମ୍ବାନୀ ଏବଂ ତାଙ୍କ ପରିବାର ପାଇଁ ସମସ୍ୟା। ମନି ଲଣ୍ଡରିଂ ମାମଲାରେ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୁବ୍ ଶୀଘ୍ର ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ପତ୍ନୀ ଟିନା ଅମ୍ବାନୀଙ୍କୁ ନୂତନ ସମନ ଜାରି କରିବ। ୬୮ ବର୍ଷୀୟ ପୂର୍ବତନ ଅଭିନେତ୍ରୀ ଟିନା ଅମ୍ବାନୀଙ୍କୁ ଫେବୃଆରୀ ୯ ତାରିଖରେ ତଦନ୍ତକାରୀ ସଂସ୍ଥା ସମ୍ମୁଖରେ ହାଜର ହେବାର ଥିଲା, କିନ୍ତୁ ସେ ହାଜର ହୋଇ ନ ଥିଲେ। ଅଧିକାରୀଙ୍କ ଅନୁଯାୟୀ, ତାଙ୍କୁ ଖୁବ୍ ଶୀଘ୍ର ସମନ କରାଯିବ। ଏହି ମାମଲା ନ୍ୟୁୟର୍କରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୟ



ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ

ସହିତ ଜଡିତ। ନ୍ୟୁୟର୍କର ମାନହାଟନରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ (କଣ୍ଡୋମିନିୟମ୍) କ୍ରୟ ସହିତ ଜଡିତ ଆର୍ଥିକ କାରବାର ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯିବ ବୋଲି ବିଶ୍ୱାସ କରାଯାଉଛି। ଇଡି ଏହି ମାମଲାରେ ପୂର୍ବତନ ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ସଭାପତି ପୁନିତ ଗର୍ଗଙ୍କୁ ମଧ୍ୟ ଗିରଫ କରିଛି। ଉଲ୍ଲେଖଯୋଗ୍ୟ ଯେ, ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି) ଏବଂ ଏହାର ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ୪୦ ହଜାର କୋଟି ଟଙ୍କାର ବ୍ୟାଙ୍କିଙ୍ଗ୍ ଏବଂ କର୍ପୋରେଟ୍ ଠକେଇ ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ଗଠନ କରିଛି।

## ୩ ଘଣ୍ଟାରେ ହଟିବ ଡିପ୍‌ଫେକ୍ ଓ ଏଆଇ କଣ୍ଟେଣ୍ଟ

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): କେନ୍ଦ୍ର ସରକାର ଡିପଫେକ୍ ସମେତ ଏଆଇ-ଜେନେରେଟେଡ୍ କଣ୍ଟେଣ୍ଟ ବା ବିଷୟବସ୍ତୁ କୁ ନେଇ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡିକ ପାଇଁ ନିୟମ କଡ଼ାକଡ଼ି କରିଛନ୍ତି। ଏହା ଅଧୀନରେ ଏକ୍ସ ଏବଂ ଇନଷ୍ଟାଗ୍ରାମ ଭଳି ପ୍ଲାଟଫର୍ମଗୁଡ଼ିକୁ କୋର୍ଟଙ୍କ ଆଦେଶ ପାଇବାର ତିନି ଘଣ୍ଟା ମଧ୍ୟରେ ସେମାନଙ୍କର ପ୍ଲାଟଫର୍ମରୁ ଏଆଇ କଣ୍ଟେଣ୍ଟ ହଟାଇବାକୁ ପଡ଼ିବ। ଏଥିପାଇଁ ସରକାର ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ, ୨୦୨୧ରେ ସଂଶୋଧନ କରିଛନ୍ତି। ନୂତନ ନିୟମ ଫେବୃଆରୀ ୨୦ରୁ କାର୍ଯ୍ୟକାରୀ ହେବ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ୩୬ ଘଣ୍ଟା ପରିବର୍ତ୍ତେ ୩ ଘଣ୍ଟା ମଧ୍ୟରେ ସରକାର କିମ୍ବା କୋର୍ଟଙ୍କ ଆଦେଶ ଉପରେ କାର୍ଯ୍ୟ କରିବାକୁ ପଡ଼ିବ। ଏହାସହିତ, ବ୍ୟବହାରକାରୀଙ୍କ ଅଭିଯୋଗ ସମାଧାନ ପାଇଁ ସମୟସୀମା ହ୍ରାସ କରାଯାଇଛି। ଏହି ନୂତନ ନିୟମରୁ ନିୟମିତ ସମ୍ପାଦନା ଏବଂ

**କେନ୍ଦ୍ରର ବଡ଼ କାର୍ଯ୍ୟାନୁଷ୍ଠାନ**

**ସୋସିଆଲ ମିଡିଆ ପାଇଁ ନୂଆ ନିୟମ**

ସତ୍ ଉଦ୍ଦେଶ୍ୟ ଶିକ୍ଷାଗତ କିମ୍ବା ଡିଜାଇନ୍ କାର୍ଯ୍ୟ ଭଳି କିଛି ଜିନିଷକୁ ବାଦ୍ ଦିଆଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ମାଇଟି) ଏକ ବିଜ୍ଞପ୍ତିରେ କହିଛି ଯେ ମୁଖ୍ୟ ପରିବର୍ତ୍ତନଗୁଡ଼ିକ ମଧ୍ୟରେ କୃତ୍ରିମ ବିଷୟବସ୍ତୁକୁ ସୂଚନା ଭାବରେ ଚିହ୍ନଟ କରିବା ଅନ୍ତର୍ଭୁକ୍ତ। ଆଇଟି ନିୟମ ଅନୁଯାୟୀ ବେଆଇନ କାର୍ଯ୍ୟକଳାପ ନିର୍ଣ୍ଣୟ କରିବା ପାଇଁ ଏଆଇ ବିଷୟବସ୍ତୁକୁ ଅନ୍ୟ ସୂଚନା ପରି ବ୍ୟବହାର କରାଯିବ। ଏହି ନିୟମଗୁଡ଼ିକ ଏଆଇ କଣ୍ଟେଣ୍ଟର ବାଧ୍ୟତାମୂଳକ ଲେବଲ୍ ଆବଶ୍ୟକ କରୁଛି। ▶ପୃଷ୍ଠା-୭

# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ୍

## ଅନାସ୍ଥା ନିଷ୍ପତ୍ତି ପର୍ଯ୍ୟନ୍ତ ଲୋକସଭାକୁ ଆସିବେନି ଓମ୍ ବିର୍ଲା

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ବିରୋଧୀ ଏବଂ ସରକାର ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି କାରଣରୁ ଗତ ତିନି ତାରିଖ ଠାରୁ ଲୋକସଭା ଅଚଳ ରହିଛି। ଅଚଳାବସ୍ଥା ଦୂର ହେବାର ନାଁ ଧରୁନଥିବା ବେଳେ ବିଭିନ୍ନ କାରଣ ଦର୍ଶାଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ଦେଇଛନ୍ତି ବିରୋଧୀ ଦଳ। ଆସନ୍ତା ମାର୍ଚ୍ଚ ୯ ତାରିଖରେ ଏହା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଓମ୍ ବିର୍ଲା ଘୋଷଣା କରିଛନ୍ତି ।।ଯେ ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ନଆସିବା ପର୍ଯ୍ୟନ୍ତ ସେ ଲୋକସଭାକୁ ଆସିବେ ନାହିଁ। ଏହି ଘଟଣା ଜତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବେଳେ ସଂସଦୀୟ ଇତିହାସରେ ନୂଆର ଫର୍ଦ୍ଦ ଯୋଡ଼ିଦେଇଛି।

ବାଚସ୍ପତିଙ୍କ ଉପରେ ଅସନ୍ତୁଷ୍ଟ ବିରୋଧୀ ଦଳ ସଭ୍ୟ ଅଭିଯୋଗ କରୁଛନ୍ତି ଯେ ସେ ଆଦୌ ନିରପେକ୍ଷ ହୋଇ ଗୃହ ପରିଚାଳନା କରୁ ନାହାନ୍ତି।





ତେଣୁ ବିଭିନ୍ନ କାରଣ ଦର୍ଶାଇ ବାଚସ୍ପତି ପଦରୁ ବିର୍ଲାଙ୍କୁ ହଟାଇବା ଲାଗି ସେମାନେ ଅନାସ୍ଥା ନୋଟିସ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୯ ତାରିଖରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବାକୁ ଯାଉଥିବା ବେଳେ ସେହିଦିନ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଅତିକମରେ ୫୦ ଜଣ ସାଂସଦ ହାତ ଉଠାଇ ଏହି ପ୍ରସ୍ତାବକୁ ସମର୍ଥନ କଲେ ଅନାସ୍ଥା ଉପରେ ଆଲୋଚନା ପାଇଁ ଅନୁମତି ମିଳିବ। ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ନୋଟିସ ମିଳିବା ପରେ ଏହା ଉପରେ ପଦକ୍ଷେପ ନେବା ଲାଗି ବିର୍ଲା ଲୋକସଭା ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସେ ଘୋଷଣା କରିଛନ୍ତି ଯେ ଅନାସ୍ଥା ଉପରେ ଆଲୋଚନା ଏବଂ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସେ ଗୃହକୁ ଆସିବେ ନାହିଁ। ସମ୍ବିଧାନର ଧାରା ୯୬(୧) ଅନୁଯାୟୀ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଉପରେ ଆଲୋଚନା ଏବଂ ମତଦାନ ବେଳେ ବାଚସ୍ପତି ଗୃହରେ ଅଧ୍ୟକ୍ଷତା କରିପାରିବେ ନାହିଁ। ତେବେ ସେ ଗୃହରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିପାରିବେ ଏବଂ ତାଙ୍କ ବିରୋଧରେ ଆଗତ ଅଭିଯୋଗର ଉତ୍ତର ଦେଇପାରିବେ।

ସୂଚନାଯୋଗ୍ୟ ଯେ ସଂସଦର ଚଳିତ ବଜେଟ ଅଧିବେଶନରେ ରାହୁଲଙ୍କୁ ନେଇ ବିରୋଧୀ ଦଳର ଟାର୍ଗେଟରେ ଅଛନ୍ତି ବାଚସ୍ପତି ଓମ୍ ବିର୍ଲା। ଭାରତ ଓ ଚୀନ ମଧ୍ୟରେ ଲଦାଖ ସଂଘର୍ଷ ଉପରେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେ ଲେଖିଥିବା ଅପ୍ରକାଶିତ ପୁସ୍ତକର କିଛି ଅଂଶ ଲୋକସଭାରେ ପଢ଼ିବାକୁ ଚାହୁଁଥିଲେ ରାହୁଲ ଗାନ୍ଧୀ। ବାଚସ୍ପତି ତାଙ୍କୁ ଅନୁମତି ଦେଉ ନଥିବାରୁ ଗତ ତିନି ତାରିଖ ଠାରୁ ଲୋକସଭା ଅଚଳ ରହିଛି। ପୁଣି ଏହାରି ମଧ୍ୟରେ ଏବଂ ଏହି ପ୍ରସଙ୍ଗରେ ବିରୋଧୀ ଦଳର ୮ ଜଣ ସାଂସଦଙ୍କୁ ବାଚସ୍ପତି ସସ୍‌ପେଣ୍ଡ କରିଥିବାରୁ ବିରୋଧୀ କ୍ଷୁବ୍ଧ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ଆସନ ନିକଟରେ ବିରୋଧୀ ଦଳର ମହିଳା ସାଂସଦ ଏକାଠି ହେବା ଘଟଣାକୁ ବାଚସ୍ପତି ଅଲଗା ରଙ୍ଗ ଦେଉଥିବାରୁ ବିରୋଧୀ ଭୀଷଣ ଅସନ୍ତୁଷ୍ଟ। ଏହିସବୁ କାରଣ ଦର୍ଶାଇ ସେମାନେ ଅନାସ୍ଥା ନୋଟିସ ଦେବା ସହିତ ଅଭିଯୋଗ କରିଛନ୍ତି ଯେ ବାଚସ୍ପତି ନିରପେକ୍ଷ ଭାବେ ଗୃହ ପରିଚାଳନା କରୁ ନାହାନ୍ତି।

## ଜଳୁଛି ମଣିପୁର; ଇଣ୍ଟରନେଟ ବନ୍ଦ

### ଉପଦ୍ରବୀ ପୁଣି ଜାଳିଦେଲେ ୨୫ ଘର ଓ ସରକାରୀ କ୍ୱାର୍ଟର

■ ଇମ୍ଫାଲ, ୧୦।୨ (ଏଜେନ୍ସି): ମଣିପୁରରେ ନୂଆ ବିଜେପି ସରକାର ଗଠନର ସପ୍ତାହେ ଭିତରେ ପୁଣି ହିଂସା ସୃଷ୍ଟି ହୋଇଛି। ଗତ ୪ ଦିନ ହେଲା ଉଖରୁଲ ଜିଲ୍ଲାରେ ନିଆଁ ଜଳୁଛି। ଲିତାନ ସରେଇଖୋଙ୍ଗ ଗ୍ରାମରେ ୨୫ ଘର ଏବଂ ଚାରୋଟି ସରକାରୀ କ୍ୱାର୍ଟରକୁ ଉପଦ୍ରବୀ ଜଳାଇ ଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସମ୍ପୂର୍ଣ୍ଣ ଜିଲ୍ଲାରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ମଙ୍ଗଳବାର ସକାଳ ୧୧ଟା ୩୦ରୁ ପାଞ୍ଚ ଦିନ ପାଇଁ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ତାଙ୍ଗଖୁଲ ଏବଂ କୁକି ଜନଜାତି ମଧ୍ୟରେ ହିଂସା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅଞ୍ଚଳର ସୁରକ୍ଷାବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୂଚନା ଅନୁଯାୟୀ, ଗତ ୭ ତାରିଖ ସନ୍ଧ୍ୟାରେ ଲିତାନ ସରେଇଖୋଙ୍ଗରେ ମଦ ନିଶାଣରେ ହୋଇଥିବା ଝଗଡ଼ାରୁ ହିଂସା ଆରମ୍ଭ ହୋଇଥିଲା। ଏଠାରେ ତାଙ୍ଗଖୁଲ ନାଗା ସମ୍ପ୍ରଦାୟର ଯୁବକ କୁର୍ଲିଙ୍କ ସହ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ଏହି ହିଂସାରେ ଗୁରୁତର ଆହତ ଜଣେ ବିଧାୟକଙ୍କୁ ଚିକିତ୍ସା ଲାଗି ନୂଆଦିଲ୍ଲୀକୁ ଏୟାରଲିଫ୍ଟ କରାଯାଇଛି।



ଉପଦ୍ରବୀ ଉଖରୁଲ ଜିଲ୍ଲା ଲିତାନ ଅଞ୍ଚଳର ଆଖପାଖ ଗାଁର ଅନେକ ଘରେ ନିଆଁ ଲଗାଇ ଦେଇଥିଲେ। ହିଂସା ସମୟରେ ରାଇଫଲରୁ ଗୁଳି ମାଡ଼ ମଧ୍ୟ କରାଯାଇଥିଲା। ଅଞ୍ଚଳରେ ହିଂସା ବ୍ୟାପିବା ପରେ କର୍ଫ୍ୟୁ ଲଗା ଯାଇଥିଲା। ଏବେ ବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ମାତ୍ର ବହୁସଂଖ୍ୟାରେ ସୁରକ୍ଷାବାହିନୀ ମୁତୟନ କରାଯାଇଥିବାରୁ ସ୍ଥିତି ନିୟନ୍ତ୍ରଣରେ ଅଛି। ହିଂସା ପ୍ରଭାବିତ କ୍ଷେତ୍ରରେ ବିଏସଏଫ, ସିଆରପିଏଫ, ଆସାମ ରାଇଫଲ୍ସ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାକୁ ଦେଖି ଲୋକେ ଘର ଛାଡ଼ିବା ଆରମ୍ଭ କରିଦେଇଛନ୍ତି। ଏହି ଅଞ୍ଚଳ ରାଜଧାନୀ ଇମ୍ଫାଲଠାରୁ ୩୫ କିମି ଦୂରରେ ରହିଛି। ଏଠାରେ ତାଙ୍ଗଖୁଲ ନାଗା ଏବଂ ▶ପୃଷ୍ଠା-୭

## ପିୟୁସିସି ପାଇଁ ବକେୟା ଚାଲାଣ ପଇଠ ବାଧ୍ୟତାମୂଳକ: ହାଇକୋର୍ଟ

■ କଟକ, ୧୦।୨ (ସମିସ): ଗାଡିର ବୈଧ ପ୍ରଦୂଷଣ ପ୍ରମାଣପତ୍ର(ପିୟୁସିସି) ନ ଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନ କଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବାକି ଚାଲାଣ ପଇଠ ନେଇ ରହିଥିବା ନିୟମାବଳୀ ଅନୁସାରେ ରାଜ୍ୟ ସରକାରଙ୍କ ତରଫରୁ କରାଯାଇଥିବା ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ସଂଶୋଧିତ କେନ୍ଦ୍ର ମୋଟର ଯାନ ନିୟମାବଳୀର ଧାରା ୧୬୭ ଓ ଉପଧାରା ୧୨ ଆଧାରରେ ଗାଡ଼ିର ପିୟୁସିସି ପାଇଁ ପ୍ରଥମେ ବାକି ଥିବା ଚାଲାଣ ପଇଠ ବାଧ୍ୟତାମୂଳକ ବୋଲି ହାଇକୋର୍ଟ କହିଛନ୍ତି। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ଗାଡି ମାଲିକଙ୍କୁ ପୁଣି ବାକି ଚାଲାଣ ପଇଠ ଚିନ୍ତା ବଢ଼ିଛି।

ଆଜି ମାମଲାର ଶୁଣାଣି ବେଳେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପିୟୁସିସି ପାଇଁ ୯୦ଦିନର ବାକି ଚାଲାଣ ପଇଠ କରିବାକୁ ହେବ ବୋଲି କେନ୍ଦ୍ର ମୋଟରଯାନ ସଂଶୋଧିତ ନିୟମାବଳୀରେ ଉଲ୍ଲେଖ ରହିଥିବା ଦର୍ଶାଇଥିଲେ। ସେହିଭଳି ଏହି ପ୍ରସଙ୍ଗରେ ବିଭିନ୍ନ ରାଜ୍ୟର ହାଇକୋର୍ଟ ଓ ସର୍ବୋଚ୍ଚ ▶ପୃଷ୍ଠା-୭

## ୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ



■ ଭୁବନେଶ୍ୱର, ୧୦।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଗତ ଡିସେମ୍ବର ୨୩ ତାରିଖରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି।

### ଏୟାରଷ୍ଟ୍ରିପରେ ମଧ୍ୟ କରାଯିବ ଆମ୍ବୁଲାନ୍ସ ବ୍ୟବସ୍ଥା: ମୁଖ୍ୟମନ୍ତ୍ରୀ

ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି। ▶ପୃଷ୍ଠା-୭

## ସାଇବର୍ ଠକେଇ ଉପରମୁହାଁ

### ଓଡ଼ିଶା ପୁଲିସ୍‌କୁ ଅଡୁଆରେ ପକାଇଲା କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ

## ୩ ବର୍ଷରେ ୧୪୪୨ କୋଟି ଲୁଟ୍

■ ଭୁବନେଶ୍ୱର, ୧୦।୨ (ସମିସ): ଓଡ଼ିଶାରେ ସାଇବର ଠକେଇ ଉପରମୁହାଁ। ଠକଙ୍କୁ ଧରିବାରେ ଓଡ଼ିଶା ପୁଲିସ୍ ଆଶାନୁରୂପ ସଫଳତା ପାଉନାହିଁ। କାଁ ଭାଁ ଅପରାଧୀଙ୍କୁ ଧରୁଥିଲେ ମଧ୍ୟ ସେମାନଙ୍କ ପାଖରୁ ଠକେଇ ଅର୍ଥ ଭରଣା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ୩ ବର୍ଷରେ ସାଇବର ଠକମାନେ ୧୪୪୨ କୋଟି ଟଙ୍କା ଲୁଟି ନେଇଥିବାବେଳେ ପୁଲିସ ମାତ୍ର ୨୪ କୋଟି ଟଙ୍କା ଭରଣା କରିପାରିଛି। ଅର୍ଥାତ୍ ମୋଟ୍ ଠକେଇ ଅର୍ଥର ମାତ୍ର ୧.୬୬% ଅର୍ଥ ଭରଣା ହୋଇଛି। ରାଜ୍ୟରେ ସାଇବର ଠକେଇ ବଢୁଥିବାବେଳେ ଏହାକୁ ରୋକିବାରେ ସରକାର ବିଫଳ ହୋଇଥିବା ଖୋଦ୍ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ରାଜ୍ୟସଭାରେ ଓଡ଼ିଶାରେ ସାଇବର ଅପରାଧ ଓ ଠକେଇ ସମ୍ପର୍କିତ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ



**୨୦୨୩-୨୪ ସର୍ବାଧିକ ୧୧୫୫କୋଟି ଲୁଟ୍**

**ମାତ୍ର ୧.୬୬% ଅର୍ଥ ଭରଣା କରିଛି ଓଡ଼ିଶା ପୁଲିସ**

ପ୍ରଶ୍ନରେ ରାଷ୍ଟ୍ର ବିତ୍ତ ମନ୍ତ୍ରୀ ପଙ୍କଜ ଚୌଧୁରୀ ରଖିଥିବା ଉତ୍ତର ଓଡ଼ିଶା ପୁଲିସର ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି।

କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ମୋଟ୍ ୧୫୯୪ଟି ସାଇବର ଠକେଇ ହୋଇଛି। ପ୍ରାୟ ୨୫୫ କୋଟିରୁ ଅଧିକ ଟଙ୍କା ସାଇବର ଲୁଟେରାମାନେ ଲୁଟି ନେଇଥିବାବେଳେ ମାତ୍ର ୧୦ କୋଟି ଟଙ୍କା ଭରଣା ହୋଇ ପାରିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବବର୍ଷ ଅପେକ୍ଷା ପ୍ରାୟ ଦୁଇଗୁଣ ଏବଂ ସର୍ବାଧିକ ସାଇବର ଠକେଇ ରୋକର୍ଡ ହୋଇଛି। ମୋଟ୍ ୧୧୫୫ କୋଟି ଟଙ୍କା ଲୁଟି ସମ୍ପର୍କରେ ୨୩୬୩ ଟି ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ମାତ୍ର ସାଢ଼େ ୪ କୋଟି ଟଙ୍କା ଅର୍ଥାତ୍ ୦.୩% ଅର୍ଥ ଫେରାଇ ଆଣିବାକୁ ପୁଲିସ ସମର୍ଥ ହୋଇଛି। ଅନୁରୂପ ଭାବେ ୨୦୨୪-୨୫ ରେ ୯୧୯ଟି ମାମଲାରେ ସାଢ଼େ ୩୧ କୋଟି ଟଙ୍କା ଠକେଇ ହୋଇଥିବାବେଳେ ପ୍ରାୟ ୯ କୋଟି ଟଙ୍କା ଫେରାଇ ଅଣାଯାଇ ପାରିଛି। ଏହି ତିନି ବର୍ଷରେ ମୋଟ୍ ୧୪୪୨ କୋଟି ଟଙ୍କା ସାଇବର ଠକେଇ ▶ପୃଷ୍ଠା-୭

## ୬ ମହିଳାଙ୍କୁ ଦଳିଦେଲା ଦନ୍ତା; ୩ ମୃତ

### ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଅନ୍ୟ ୩ ଗୁରୁତର

■ ଢେଙ୍କାନାଳ, ୧୦।୨ (ସମିସ): କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ୩ ମହିଳାଙ୍କୁ ଦଳିଦେଲା ଦନ୍ତା। ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ପାଟପୁରି ଜଙ୍ଗଲରେ ଆଜି ଏପରି ଏକ ଅଘଟଣ ଘଟିଛି। ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଲୋଚାପଲ୍ଲୀ ଗ୍ରାମର ଇନ୍ଦୁ ପ୍ରଧାନ, ଟୁନୀ ବେହେରା, କୁନ୍ତଳା ପ୍ରଧାନ। ସେହିପରି

### ନବୀନଙ୍କ ଶୋକ ଓ ସମବେଦନା

ଆହତମାନେ ହେଲେ, ରମା ଦେହୁରୀ, ରସ୍ମିତା ପ୍ରଧାନ ଏବଂ ଝିଲି ପ୍ରଧାନ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ




କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଘଟଣାରେ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏହି ଅପୂରଣୀୟ କ୍ଷତି ଅତ୍ୟନ୍ତ ଦୁଃଖଦାୟକ। ଏପରି ଅସମୟରେ ଶୋକସନ୍ତପ୍ତ ପରିବାର ତଥା ଆତ୍ମୀୟ ସ୍ୱଜନଙ୍କ ସାଥିରେ ମୋର ସମବେଦନା ରହିଛି।

ବାରମ୍ବାର ମଣିଷ-ହାତୀ ମଧ୍ୟରେ ଦେଖାଯାଉଥିବା ସଂଘର୍ଷ ସ୍ଥିତି ବେଶ ଚିନ୍ତାଜନକ। ଏହା ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ସୁରକ୍ଷା ଉପାୟକୁ ସୁଦୃଢ଼ କରିବା, ▶ପୃଷ୍ଠା-୭

## ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇବ ନାହିଁ 'ସଉରା'

### ହୋ, କୁଇ, ମୁଣ୍ଡାରୀ, ଭୂମିଜ ଭାଷା ପାଇଁ ହୋଇପାରେ ସମାନ ନୀତି

■ ଭୁବନେଶ୍ୱର, ୧୦।୨ (ସମିସ): ହୋ, ମୁଣ୍ଡାରୀ, ସଉରା, ଭୂମିଜ, କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ବିଜେଡି ଦୀର୍ଘ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ନିକଟରେ ନିୟମିତ ଭାବେ ଦାବି କରି ଆସିଛି। ଅତୀତରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଅନେକ ଥର କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବିଜେଡିର ସାଂସଦମାନେ ମଧ୍ୟ ନିୟମିତ ଭାବରେ ସଂସଦରେ ଏନେଇ ସ୍ୱରଉତ୍ତୋଳନ କରି ଆସିଛନ୍ତି। ମୁଖ୍ୟତଃ ଆଦିବାସୀମାନେ ଏହି ଭାଷାର ବ୍ୟବହାର କରୁଥିବାରୁ ସେମାନଙ୍କର ଅଧିକାର, ସାଂସ୍କୃତିକ ସଂରକ୍ଷଣ ତଥା ଭାଷା ବିକାଶ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଜେଡି କେନ୍ଦ୍ର




ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ତେବେ ଓଡ଼ିଶାର ଏହି ପ୍ରମୁଖ ଦାବି ପୂରଣ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଏବେ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବୁଲେଇ ବଙ୍କେଇ ଏହି ଦାବିକୁ ଖାରଜ କରିଦେଇଛନ୍ତି। ସଂସଦରେ

**ନିର୍ଦ୍ଦିଷ୍ଟ ମାନଦଣ୍ଡ ନ ଥିବା ଦର୍ଶାଇ ନାସ୍ତିବାଣୀ ଶୁଣାଇଲେ କେନ୍ଦ୍ରମନ୍ତ୍ରୀ**


**ଓଡ଼ିଶାର କୋଟିଏରୁ ଉର୍ଦ୍ଧ୍ୱ ଆଦିବାସୀଙ୍କ ଦାବିକୁ କେନ୍ଦ୍ରର ଉପେକ୍ଷା**

**ଭାଷା ସଂରକ୍ଷଣ କ୍ଷେତ୍ରରେ କେନ୍ଦ୍ରର ଆଭିମୁଖ୍ୟ ନକାରାତ୍ମକ: ଭାଷାବିତ୍**

ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାଶ ଉଇକେଙ୍କ ଉତ୍ତର ରାଜ୍ୟର କୋଟିଏରୁ ଊର୍ଦ୍ଧ୍ୱ ଆଦିବାସୀଙ୍କୁ ନିରାଶ କରିଛି। ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରିବାକୁ ଲୋକସଭାରେ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏହାର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ ଦୁର୍ଗାଦାଶ ଉଇକେ କହିଛନ୍ତି ଯେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୌଣସି ଭାଷାକୁ ସାମିଲ ପାଇଁ ସରକାରଙ୍କ ନିକଟରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ। ତେଣୁ ଏହି ଭାଷାକୁ ସାମିଲ ପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ବୋଲି ସେ ସଫାସଫା ମନା କରିଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ଆଦିବାସୀ ସମାଜ ବହୁଳ ଭାବରେ ଉପରୋକ୍ତ ଭାଷା ସଉରା ଭାଷା ବ୍ୟବହାର କରିଥାଆନ୍ତି। ସଉରା ଭାଷା ସହ ହୋ, ମୁଣ୍ଡାରୀ, ଭୂମିଜ, କୁଇ ପରି ▶ପୃଷ୍ଠା-୭

# ନରବାଣେଙ୍କ ପୁସ୍ତକ ଲିକ୍ ପଛରେ କିଏ?



ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ପୂର୍ବତନ ସ୍ଥଳ ସେନାମୁଖ୍ୟ ଜେନେରାଲ ଏମଏମ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ 'ଫୋର୍ ଷ୍ଟାର୍ ଅଫ୍ ଡେଷ୍ଟିନି'କୁ ନେଇ ସଂସଦରେ ଝଡ଼ ଲାଗି ରହିଛି। ଏହି ପୁସ୍ତକ ଆଧାରରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କରିଥିବା ଦାବିକୁ ସରକାର ସହଜରେ ଗ୍ରହଣ କରିପାରୁନାହାନ୍ତି। ନିୟମର ଦ୍ୱାହି ଦେଇ କୌଣସି ଅପ୍ରକାଶିତ ପୁସ୍ତକ ଆଧାରରେ କିଛି ଗୃହରେ ଉଲ୍ଲେଖ

**ପୁସ୍ତକର ପ୍ରକାଶନ ହୋଇନି: ପେଙ୍ଗୁଇନ**
**ସତ କହୁଛି ପେଙ୍ଗୁଇନ: ଜେନେରାଲ ନରବାଣେ**
**କମ୍ପାନୀ କିମ୍ବା ନରବାଣେ ମିଛ କହୁଛନ୍ତି: ରାହୁଲ**

କରାଯାଇ ପାରିବ ନାହିଁ ବୋଲି ସରକାରୀ ଦଳର ସଦସ୍ୟ କହିଛନ୍ତି। ମାତ୍ର ଏହାକୁ ନେଇ ଜନତାଙ୍କ ମନରେ ଭ୍ରମ ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥଳେ ଉକ୍ତ ପୁସ୍ତକର ବିତରଣକୁ ନେଇ ଦିଲ୍ଲୀ ପୁଲିସ ଏତଲା ରୁଜୁ କରିଛି। ଏହା ମାମଲାକୁ ଅଧିକ ଜଟିଳ କରିଥିବାବେଳେ ପୁସ୍ତକ ପ୍ରକାଶନର ଅଧିକାର ପାଇଥିବା 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ' ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ନରବାଣେଙ୍କ ପୁସ୍ତକଟି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ଏହାର କୌଣସି ଅଂଶକୁ ବି ସାର୍ବଜନୀନ କରାଯାଇନାହିଁ। କମ୍ପାନୀ ପାଖରେ ଏହାର ସମସ୍ତ ପ୍ରକାଶନ ଅଧିକାର ରହିଛି। ଆଜି ପର୍ଯ୍ୟନ୍ତ ପୁସ୍ତକର କୌଣସି ମୁଦ୍ରିତ କିମ୍ବା ଡିଜିଟାଲ୍ କପି ପ୍ରକାଶିତ ହୋଇନାହିଁ। ମାତ୍ର ଏହାର ଜବାବ ଦେଇ ରାହୁଲ ଗାନ୍ଧୀ କହିଛନ୍ତି ଯେ ନିର୍ବାଣେ କିମ୍ବା ପେଙ୍ଗୁଇନ କମ୍ପାନୀ ମିଛ କହୁଛି। ଅନ୍ୟପଟେ ଏହି ପୁସ୍ତକର ପ୍ରକାଶନକୁ ନେଇ ପୂର୍ବତନ ସେନାମୁଖ୍ୟ ନରବାଣେ ମୁହଁ ଖୋଲିଛନ୍ତି। ସେ ପ୍ରକାଶକ ପେଙ୍ଗୁଇନର ଏକ ପୋଷ୍ଟକୁ ସାମାଜିକ ଗଣମାଧ୍ୟମରେ ସେୟାର କରି ବହିର ସ୍ଥିତି ବିଷୟରେ ସୂଚନା ଦେଇଛନ୍ତି। ଏହା ହିଁ ସ୍ଥିତି ବୋଲି କହିଛନ୍ତି।

ପୁସ୍ତକର ଅନଧିକୃତ କପି ଲିକ୍ ଏବଂ ଅନଲାଇନ୍ ପ୍ରସାରିତ ହେଉଥିବା ଜଣାପଡ଼ିବା ପରେ କମ୍ପାନୀ ସ୍ପଷ୍ଟୀକରଣ ଦେଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଅନଲାଇନ୍ ନ୍ୟୁଜ୍ ଫୋରମରେ ଏହାର ପ୍ରି-ପ୍ରିଣ୍ଟ କପି ପ୍ରସାରିତ ହେଉଥିବା ଦିଲ୍ଲୀ ପୁଲିସ ଏତଲାରେ କୁହାଯାଇଛି। ଆଜି ଏହି ପ୍ରସଙ୍ଗ ଉଠାଇ ରାହୁଲ ଲୋକସଭା ବାହାରେ କହିଛନ୍ତି ଯେ ଜେନେରାଲ ନରବାଣେ ନିଜ ଏକ୍ସ ହ୍ୟାଣ୍ଡେଲରେ ପୁସ୍ତକ ଉପଲବ୍ଧ ବୋଲି ସୂଚନା ଦେଇଛନ୍ତି। ସେ ଏହାର ଲିଙ୍କ ମଧ୍ୟ ସେୟାର କରିଥିଲେ। ପେଙ୍ଗୁଇନ ସଂସ୍ଥା ମଧ୍ୟ ପୁସ୍ତକ ଉପଲବ୍ଧ ଥିବା ଦାବି କରିଥିଲା। ଏବେ ନରବାଣେ କିମ୍ବା ପେଙ୍ଗୁଇନ ମିଛ କହୁଛି। କିନ୍ତୁ ରାହୁଲ ସେନା ମୁଖ୍ୟଙ୍କୁ ବିଶ୍ୱାସ କରିବାକୁ ଉଚିତ ମଣିଲେ ବୋଲି କହିଛନ୍ତି। କେହି ନରବାଣେଙ୍କ ଅପେକ୍ଷା ପେଙ୍ଗୁଇନକୁ ବିଶ୍ୱାସ କରିବେ କି?

ପୁସ୍ତକରେ ଏଭଳି କିଛି ଅଛି ଯାହା ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି ରାହୁଲ ଦାବି କରିଛନ୍ତି।

ଅନ୍ୟପଟେ କଂଗ୍ରେସ ନେତା ପବନ ଖେଡ଼ା କହିଛନ୍ତି ଯେ ପେଙ୍ଗୁଇନ୍ ଇଣ୍ଡିଆ ତାର ଟ୍ୱିଟ୍ ଡିଲିଟ୍ କରିଦେଇଛି। କମ୍ପାନୀ ପ୍ରବଳ ଚାପର ସମ୍ମୁଖୀନ ହେଉଥିବା ଏଥିରୁ ସ୍ପଷ୍ଟ ହେଉଛି। ଯାହା ଆସା କରାଯାଉଥିଲା ତାହା ହେଲା। ପେଙ୍ଗୁଇନ୍ ଯାହା ଉଚିତ ଭାବିଲା ତାହା କଲା, କିନ୍ତୁ ସେନାମୁଖ୍ୟ ଏବେ ବି ସତ୍ୟ ସହ ଛିଡ଼ା ହୋଇଛନ୍ତି।ଏହି ପୁସ୍ତକଟି ୨୦୨୪ରେ ପ୍ରକାଶିତ ହୋଇଥିଲା ଏବଂ ଆମାଜନରେ ବିକ୍ରୟ ପାଇଁ ଉପଲବ୍ଧ ଥିଲା।

ଖେଡ଼ା ସେନାମୁଖ୍ୟ ନିର୍ବାଣେଙ୍କ ଏକ ପୋଷ୍ଟ ମଧ୍ୟ ସେୟାର କରିଥିଲେ। ଏଥିରେ ନରବାଣେ ପେଙ୍ଗୁଇନ୍ ଇଣ୍ଡିଆରୁ ଏକ ପୋଷ୍ଟ ସେୟାର କରିଥିରେ। ଏଥିରେ ପୁସ୍ତକ ଉପଲବ୍ଧ ଥିବା କୁହାଯାଇଛି। ସେହିପରି ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି ଯେ ଏହି ପୁସ୍ତକ ପ୍ରକାଶନ ପାଇଁ ଆବଶ୍ୟକୀୟ ଅନୁମୋଦନ ଏପର୍ଯ୍ୟନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ମିଳିନାହିଁ। ସମାନ ଶୀର୍ଷକ ଥିବା ଏକ ପୁସ୍ତକର ଏକ ପିଡିଏଫ୍ କପି କିଛି ୱେବସାଇଟରେ ଉପଲବ୍ଧ ଥିବା ତଦନ୍ତରୁ ଜଣାପଡ଼ିଛି। ଗତ ୨-୩ ତାରିଖରେ ରାହୁଲ ଗାନ୍ଧୀ ଲୋକସଭାରେ ଏକ ପତ୍ରିକାରେ ପ୍ରକାଶିତ ସ୍ତମ୍ଭ ପଢ଼ିବାକୁ ଚେଷ୍ଟା କରିଥିଲେ। ନରବାଣେଙ୍କ ପୁସ୍ତକ ଆଧାରରେ ଏହା ଲେଖା ଯାଇଥିବା ଦାବି କରିଥିଲେ। ମାତ୍ର ବାଚସ୍ପତି ଓମ୍ ବିର୍ଲା ଏହାକୁ ଅନୁମତି ଦେଇ ନ ଥିଲେ। ଏହାକୁ ନେଇ ଲୋକସଭାରେ ହଙ୍ଗାମା ଜାରି ରହିଛି।

## ୩ ଶିଶୁଙ୍କୁ ମାରି ଜୀବନ ହାରିଲେ ସ୍ୱାମୀସ୍ତ୍ରୀ

ମଥୁରା, ୧୦।୨ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ମହାବନ ଥାନା ଅନ୍ତର୍ଗତ ଖପ୍ପରପୁର ଗ୍ରାମରୁ ସାମୂହିକ ଆତ୍ମହତ୍ୟାର ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଗୋଟିଏ ଘରୁ ୫ ଜଣଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଏବଂ ତିନି ଶିଶୁ ସାମିଲ ଅଛନ୍ତି। ଘରର ବେଡ୍ ଉପରୁ ମାଆ, ପୁଅଝିଅ, ଅନ୍ୟ ଏକ ଖଟରୁ ଦ୍ୱିତୀୟ ଝିଅ ଏବଂ ତଳେ ସ୍ୱାମୀର ମୃତଦେହ ମିଳିଥିଲା। ଘରର ତିନୋଟି ସ୍ଥାନରୁ ୩ଟି ସୁଇସାଇଡ ନୋଟ ମଧ୍ୟ ଜବତ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମାମଲାକୁ ନେଇ ୨ଟି ଥିଓରି ସାମ୍ନାକୁ ଆସିଛି। ପ୍ରଥମଟି ହେଲା ସମସ୍ତେ କ୍ଷୀରରେ ବିଷ ମିଶାଇ ପିଇଥିଲେ। ସେହିପରି ଅନ୍ୟଟି ହେଉଛି, ପ୍ରଥମେ ସ୍ତ୍ରୀ ସୀମା ଏବଂ ପରେ ପିଲାଙ୍କୁ ସ୍ୱାମୀ ମନୀଷ ହତ୍ୟା କରିଥିଲା। ଶେଷରେ ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲା। ଏସଏସପି ଶ୍ଲୋକ କୁମାର କହିଛନ୍ତି ଯେ ମଙ୍ଗଳବାର ସକାଳେ ଶିଶୁଙ୍କ ଦେଖା ନ ମିଳିବାରୁ ପଡୋଶୀରେ ରହୁଥିବା ମନୀଷଙ୍କ ପାଇଁ ଜୟକିଶାନ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ୨ଟି ସୁଇସାଇଡ ନୋଟ ଏବଂ ଗୋଟିଏ ଭିଡିଓ ପାଇଛି। ରୋଷେଇ ଘର କାନ୍ଥରେ ନିଜ ଇଚ୍ଛାରେ ପ୍ରାଣ ହରାଉଛୁ ବୋଲି ମନୀଷ ଏବଂ ସୀମାଙ୍କ ନାମରେ ଲେଖା ଯାଇଥିଲା।

## ଜେଲ୍‌ରେ ମୋତେ ହତ୍ୟା ପାଇଁ ଷଡ଼ଯନ୍ତ୍ର: ପପୁ ଯାଦବ

ପାଟନା, ୧୦।୨ (ଏଜେନ୍ସି): ପୂର୍ଣ୍ଣିଆର ସ୍ୱାଧୀନ ସାଂସଦ ପପୁ ଯାଦବଙ୍କୁ ୩୧ ବର୍ଷ ତଳର ମାମଲାରେ ମଙ୍ଗଳବାର ଜାମିନ ମିଳିଛି। ଏହାସତ୍ତ୍ୱେ ସେ ଜେଲ୍‌ରେ ରହିବେ। କାରଣ କୋତୱାଲି ଏବଂ ବୁଦ୍ଧା କଲୋନୀ ଥାନାର ମାମଲାରେ ତାଙ୍କୁ ଏ ପର୍ଯ୍ୟନ୍ତ ଜାମିନ ମିଳି ନାହିଁ। ବୁଧବାର ଏହି ମାମଲାର ଶୁଣାଣି ହେବ। ସେ ପର୍ଯ୍ୟନ୍ତ ପପୁ ପାଟନାର ବେଉର ଜେଲ୍‌ରେ ହିଁ ରହିବେ। ଶୁଣାଣି ସମୟରେ ସାଂସଦ ବିଚାରପତିଙ୍କ ସାମ୍ନାରେ କାନ୍ଦି ପକାଇ ଥିଲେ। ପୁଲିସ ତାଙ୍କୁ ଖରାପ ବ୍ୟବହାର



କରୁଥିବା ଅଭିଯୋଗ ଲଗାଇଥିଲେ। ପପୁ ଅଭିଯୋଗ କରିଥିଲେ ଯେ ଜେଲ୍‌ରେ ତାଙ୍କୁ ଇଞ୍ଜେକ୍ସନ ଦେଇ ମାରିବାକୁ ଷଡ଼ଯନ୍ତ୍ର କରାଯାଉଛି। ପାଟନା ପୁଲିସ ଉପରେ ତାଙ୍କର ଭରସା ନାହିଁ ବୋଲି ବିଚାରପତିଙ୍କୁ କହିଥିଲେ। ସୂଚନାଯୋଗ୍ୟ ଯେ ଶୁଣାଣି ପାଇଁ ପପୁ ଆଜି କୋର୍ଟରେ ୧୨ଟା୩୦ରେ ପହଞ୍ଚିଥିଲେ। ଦ୍ୱିପହର ୨ଟାରେ ତାଙ୍କ ମାମଲାର ଶୁଣାଣି ହୋଇଥିଲା। ଏହି ସମୟରେ ସେ ହ୍ୱିଲଚେୟାରରେ ବସିଥିବା ଦେଖା ଯାଇଥିଲା।

## ଏସ୍/ଏସ୍‌ଟି ସଂରକ୍ଷଣରୁ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍; କେନ୍ଦ୍ରର ମତ ଲୋଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ଅନୁସୂଚିତ ଜାତି (ଏସ୍‌ସି)/ ଅନୁସୂଚିତ ଜନଜାତି (ଏସ୍‌ଟି) ସଂରକ୍ଷଣରୁ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦେବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଏହି ବର୍ଗରେ ଥିବା ଧନୀ ଶ୍ରେଣୀର ଲୋକଙ୍କୁ ସରକାରୀ ଚାକିରି ଏବଂ ସରକାରୀ ପ୍ରତିଷ୍ଠାନରେ ନାମଲେଖା ଆଦି ସଂରକ୍ଷଣ ଜନିତ ଲାଭରୁ ବାଦ ଦେବା ଉପରେ ପ୍ରତିକ୍ରିୟା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କିଛି ଦିନ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ୨୦୨୪ ଅଗଷ୍ଟ ୧ରେ ଦେଇଥିବା ରାୟର କାର୍ଯ୍ୟକାରୀ କରିବାକୁ ଆବେଦନକାରୀ ଓପି ଶୁକ୍ଲା ଏବଂ ସମତା ଆନ୍ଦୋଳନ ସମିତି ଦାବି କରିଛି। ବରିଷ୍ଠ ସରକାରୀ କିମ୍ବା ସାମ୍ବିଧାନିକ ପଦରେ ଥିବା ଥିବା ଲୋକ ଏବେ ବି ସଂରକ୍ଷଣର ଲାଭ ପାଉଛନ୍ତି। ଏହା ଦ୍ୱାରା ସଂରକ୍ଷଣର ଅସଲ ଉଦ୍ଦେଶ୍ୟ ପୂରଣ ହେଉନାହିଁ ବୋଲି ଆବେଦନକାରୀ କହିଛନ୍ତି।

## ଛତିଶଗଡ଼ ଡ୍ରେନରେ ୫ ଦିନ ହେଲା ଫସି ରହିଥିଲେ ମଧ୍ୟପ୍ରଦେଶ ଯୁବକ

ରାୟପୁର, ୧୦।୨ (ଏଜେନ୍ସି): ଛତିଶଗଡ଼ରୁ ପ୍ରଶାସନ ଏବଂ ସରକାରୀ ବ୍ୟବସ୍ଥାକୁ ଲଜ୍ଜିତ କଲାଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିଳାଶପୁରର ଏକ ଡ୍ରେନରେ ୫ ଦିନ ହେଲା ଫସି ରହିଥିବା ଯୁବକଙ୍କୁ ଶେଷରେ ବାହାର କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଡ୍ରେନ ଭାଙ୍ଗି ଯୁବକଙ୍କୁ ବାହାର କରାଯାଉଥିବା ଏଥିରେ ଦେଖାଯାଉଛି। ଗତ ଶୁକ୍ରବାର ସକାଳେ ପୁରୁଣା ବସ୍ ଷ୍ଟାଣ୍ଡ ପାଖରେ ଥିବା ଭାରତ ହୋଜିୟାରୀ ପଛ ପାଖରେ ଥିବା ଡ୍ରେନରେ ଯୁବକ ପଡ଼ି ଯାଇଥିଲେ। ସେହି ଡ୍ରେନ ଉପରେ ସ୍ଲାବ ପଡ଼ିଥିବାରୁ ଲୋକେ ଚିନ୍ତିତ ହୋଇ ଯାଇଥିଲେ। ଜଣେ ସ୍ଥାନୀୟ ବାସିନ୍ଦା ସ୍ଲାବ୍ ଭାଙ୍ଗିବା ପାଇଁ ଏକ ଏକ୍ସାଭେଟରକୁ ଡାକିଥିଲେ। ଏହି ସମୟରେ ଯୁବକ ଜଣକ ଥଣ୍ଡାରେ ଥରୁଥିଲେ। ସେ ମଧ୍ୟପ୍ରଦେଶର ଅନୁପପୁର ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। କୋତୱାଲି ଥାନା ଇନଚାର୍ଜ ଏହି ମାମଲାର ସୂଚନା ସଂଗ୍ରହ କରାଯାଉଥିବା କହିଛନ୍ତି। ଅନ୍ୟପଟେ ସ୍ଲାବ୍ ଭାଙ୍ଗିବା କଥାକୁ ନଗର ନିଗମ ଅସ୍ୱୀକାର କରିଛି।

## ଆମେରିକା ଆମକୁ ଟୟଲେଟ ପେପର ଭଳି ବ୍ୟବହାର କରୁଛି: ପାକିସ୍ତାନ ମନ୍ତ୍ରୀ

ଇସଲାମାବାଦ, ୧୦।୨ (ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ଦେଶର ନ୍ୟାସନାଲ ଆସେମ୍ବଲିରୁ ଆମେରିକାକୁ ନିନ୍ଦା କରିଛନ୍ତି। ଏହି ଦେଶ ପାକିସ୍ତାନକୁ ଟୟଲେଟ ପେପର ଠାରୁ ଆହୁରି ଖରାପ ବ୍ୟବହାର କରିଥିଲା। ପାକିସ୍ତାନକୁ ବ୍ୟବହାର କରି କାର୍ଯ୍ୟ ହାସଲ ପରେ ଫୋପାଡ଼ି ଦେଇଥିଲା ବୋଲି ଆସିଫ କହିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ନିଜ ସ୍ୱାର୍ଥ ପରିବର୍ତ୍ତେ ଅନ୍ୟ ଦେଶଙ୍କ ହସ୍ତକ୍ଷେପ ଯୋଗୁଁ ପାକିସ୍ତାନ ସର୍ବଦା ସଂଘର୍ଷରେ ପଶିଛି। ଏହା ସବୁଠାରୁ ବଡ଼ ଭୁଲ୍ ଥିଲା। ଏଥିପାଇଁ ଦେଶର ବିପୁଳ କ୍ଷତି ହୋଇଛି ଏବଂ ବହୁମୂଲ୍ୟ ଦେବାକୁ ପଡ଼ିଛି। ଆମେରିକା ପାଇଁ ଆଫଗାନିସ୍ତାନ ସଂଘର୍ଷରେ ପଶିବା ଭୁଲ ଥିଲା।

## ଆସାମରେ ୨.୪୩ ଲକ୍ଷ ଭୋଟରଙ୍କ ନାମ କଟିଲା

ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ନିର୍ବାଚନ କମିଶନ ମଙ୍ଗଳବାର ଆସାମ ହୋଇଥିବା ସ୍ପେସିଆଲ ରିଭିଜନ (ଏସଆର)ର ଚୂଡ଼ାନ୍ତ ଭୋଟର ତାଲିକା ଜାରି କରିଛନ୍ତି। ଏଥିରେ ପୂର୍ବ ଚିଠା ଭୋଟର ତାଲିକା ତୁଳନାରେ ୨.୪୩ ଲକ୍ଷରୁ ଅଧିକ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏବେ ରାଜ୍ୟରେ ମୋଟ ୨, ୪୯, ୫୮, ୧୩୯ ଭୋଟର ପଞ୍ଜିକୃତ ଅଛନ୍ତି। ଚିଠା ଭୋଟର ତାଲିକାରେ ଏହି ସଂଖ୍ୟା ୨, ୫୨, ୦୧, ୬୨୪ ଥିଲା। ଏସଆର ପ୍ରକ୍ରିୟା ପରେ ୨, ୪୩, ୪୮୫ ନାମ ହଟାଇ ଦିଆଯାଇଛି। ଚୂଡ଼ାନ୍ତ ତାଲିକାରେ ୧, ୨୪, ୮୨, ୨୧୩ ପୁରୁଷ, ୧, ୨୪, ୭୫, ୫୮୩ ମହିଳା ଏବଂ ୩୪୩ କିନ୍ନର ସାମିଲ ଅଛନ୍ତି। ଏସଆରର ଇଣ୍ଟିଗ୍ରେଟେଡ ଡ୍ରାଫ୍ଟ ଭୋଟର ଲିଷ୍ଟ ଗତ ଡିସେମ୍ବର ୨୭ରେ ଜାରି ହୋଇଥିଲା। ଏହା ଉପରେ ଡିସେମ୍ବର ୨୭ରୁ ଜାନୁଆରୀ ୨୨ ଯାଏ ଦାବି ଉପସ୍ଥାପନ ପାଇଁ ସମୟ ଦିଆଯାଇଥିଲା। ୨୦୨୫ ନଭେମ୍ବର ୨୨ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ରାଜ୍ୟରେ ଘରକୁ ଘର

**ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା**

ବୁଲି ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଆସାମର ୧୨୬ ବିଧାନସଭା ଆସନରେ ଆଗାମୀ ତିନି ମାସ ଭିତରେ ନିର୍ବାଚନ ହେବାକୁ ଯାଉଛି।

ପୂର୍ବରୁ ଡିସେମ୍ବର ୨୭ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଥିଲା। ସେ ସମୟରେ ଭୋଟର ତାଲିକାରୁ ୧୦,୫୬,୨୯୧ ଜଣଙ୍କୁ ବାଦ ଦିଆଯାଇଥିଲା। ଏଥିରେ ୯୩,୦୨୧ ରୁ ଅଧିକ ଡି-ଭୋଟର (ସନ୍ଦିଗ୍ଧ ଭୋଟର)ଙ୍କୁ ସାମିଲ କରାଯାଇ ନ ଥିଲା। ମୃତ୍ୟୁ, ସ୍ଥାନାନ୍ତର କିମ୍ବା ଡୁପ୍ଲିକେଟ୍ ଏଣ୍ଟ୍ରି ଯୋଗୁଁ ୧୦.୫୬ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା। ଡି-ଭୋଟରମାନେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ନାଗରିକତା ସନ୍ଦେହଜନକ। ଏହିପରି ବ୍ୟକ୍ତିମାନଙ୍କୁ ଭୋଟ ଦେବାକୁ ଅନୁମତି ଦିଆଯାଇ ନାହିଁ। ବିଦେଶୀ ଆଇନ ୧୯୪୬ ଅନୁଯାୟୀ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ନିଯୁକ୍ତ କରାଯାଇଛି ଏବଂ ସେମାନଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇ ନାହିଁ। ଏହି ଡି-ଭୋଟରମାନଙ୍କ ବିଷୟରେ ସୂଚନା ଡ୍ରାଫ୍ଟ ଭୋଟର ତାଲିକାରେ ପୃଥକ ଭାବରେ ଯୋଡାଯାଇଛି।

## ଆସାମ ମୁଖ୍ୟମନ୍ତ୍ରୀଙ୍କ ଅଡୁଆ ବଢ଼ିଲା

ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବିଭିନ୍ନ ସମୟରେ ବାଂଲାଭାଷୀ ମୁସଲିମ ସଂପ୍ରଦାୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦରେ ରହୁଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବେ ଅଡୁଆରେ ପଡ଼ିଯାଇଛନ୍ତି। ମୁସଲମାନଙ୍କୁ ଟାର୍ଗେଟ କରି ବିଜେପି ପକ୍ଷରୁ



■ **ଗୁଳିମରା ଭିଡିଓ ମାମଲା**
■ **ବିଶ୍ୱଶର୍ମାଙ୍କ ବିରୋଧରେ ଶୁଣାଣି କରିବେ ସୁପ୍ରିମକୋର୍ଟ**

ଜାରି କରାଯାଇଥିବା ହିମନ୍ତଙ୍କ ବିବାଦୀୟ ଭିଡିଓ ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଯାଇଛି। ସିପିଆଇଏମ ଏବଂ ସିପିଆଇ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ ଦାଏର କରାଯାଇଛି। ଏହି ମାମଲାର ଶୁଣାଣି ପାଇଁ ମଧ୍ୟ କୋର୍ଟ ରାଜି ହୋଇଛନ୍ତି। ଖୁବଶୀଘ୍ର ଏହାର ତାରିଖ ଧାର୍ଯ୍ୟ କରାଯିବ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଛନ୍ତି। ସେ ମାମଲାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ମଧ୍ୟ ଦେଇଛନ୍ତି। ସିଜେଆଇ କହିଛନ୍ତି ଯେ ନିର୍ବାଚନ ଆସିବା ମାତ୍ରେ କୋର୍ଟ ରାଜନୀତିର ଅଂଶ ପାଲଟି ଯାଆନ୍ତି। ନିର୍ବାଚନର ଗୋଟିଏ ଭାଗ ସୁପ୍ରିମକୋର୍ଟରେ ଲଢ଼ା ଯାଇଥାଏ। ଏହା ହିଁ ସବୁଠାରୁ ବଡ଼ ସମସ୍ୟା। ସୂଚନା ଅନୁଯାୟୀ, ଆସାମ ବିଜେପି ନିଜ ସାମାଜିକ ଗଣମାଧ୍ୟମରେ ହିମନ୍ତଙ୍କ ଏହି ଭିଡିଓ ପୋଷ୍ଟ କରିଥିଲା। ବିବାଦ ବଢ଼ିବା ପରେ ତାହାକୁ ହଟାଇ ନିଆଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ରାଇଫଲ ଧରି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ନିଶାଣ କରୁଥିବା ଦେଖା ଯାଇଥିଲା। ଏହି ଭିଡିଓକୁ ଆଧାର କରି ବାମପନ୍ଥୀ ନେତା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବରିଷ୍ଠ ଓକିଲ ନିଜାମ ପାଶା ଏହି ମାମଲା ସିଜେଆଇଙ୍କ ସାମ୍ନାରେ ରଖିଥିଲେ। ଆସାମ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଏବଂ ସଦ୍ୟ ଭିଡିଓ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ବିଶ୍ୱ ଶର୍ମା ସଫେଇ ଦେଇଛନ୍ତି, ଏହି ଭିଡିଓ ବିଷୟରେ ତାଙ୍କୁ କିଛି ଜଣାନାହିଁ। ତେବେ ଆସାମରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ସଂଗ୍ରାମ ଜାରି ରଖିବେ।

## ବାଂଲାଦେଶରେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରି ଲୁଟିନେଲେ

ଢାକା, ୧୦।୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଥମିବାର ନା ଧରୁନି। ସାଧାରଣ ନିର୍ବାଚନର ତିନି ଦିନ ପୂର୍ବରୁ ଅତି ନୃଶଂସ ଭାବେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ମେମନସିଂହ ଜିଲ୍ଲାରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଦକ୍ଷିଣକନ୍ଦା ଗ୍ରାମରେ ୬୨ ବର୍ଷୀୟ ହିନ୍ଦୁ ବ୍ୟବସାୟୀ ସୁଶେନ ଚନ୍ଦ୍ର ସରକାର ଚାଉଳ ବ୍ୟବସାୟୀ କରନ୍ତି। ସୋମବାର ରାତି ପ୍ରାୟ ୧୧ଟାରେ ବଜାରରେ କାହା ସହ କଥା ହେଉଥିବା ବେଳେ ସୁଶେନଙ୍କ ଉପରେ କିଛି ଅଜ୍ଞାତ ବ୍ୟକ୍ତି ଆକ୍ରମଣ କରିଥିଲେ। ଆକ୍ରମଣ ପରେ ତାଙ୍କୁ ଦୋକାନ ଭିତରେ ଭର୍ତ୍ତି କରି ବାହାର ପଟୁ ସଟର ଦେଇ ଦେଇଥିଲେ। ହତ୍ୟା ପରେ ଦୋକାନରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ସଟର ଖୋଲିବା ପରେ ସରକାରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେଠାରୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏହି ଘଟଣାରେ ହତ୍ୟାକାରୀକୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଚଳାଇଛି।

ଆସନ୍ତା ଗୁରୁବାର ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ସରକାରରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ହୋଇ ଚାଲିଛି। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତା ବୃଦ୍ଧି ପାଉଛି। ମାନବାଧିକାର କର୍ମୀମାନେ ଚେତାବନୀ ଦେଇଛନ୍ତି ଯେ ୨୦୨୪ ଅଗଷ୍ଟରେ ରାଜନୈତିକ ପରିବର୍ତ୍ତନ ପରଠାରୁ ଦେଶରେ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ମୌଳବାଦୀ ସଂଗଠନ ଜମାତ୍ ଏବଂ ବାଂଲାଦେଶ ନେସନାଲ ପାର୍ଟିର ସମର୍ଥକମାନଙ୍କ ମଧ୍ୟରେ ବଡ଼ ଧରଣର ସଂଘର୍ଷ ହୋଇଥିଲା ଏବଂ ଏଥିରେ ଅନେକ କର୍ମୀ ଆହତ ହୋଇଥିବାର ଖବର ମିଳିଛି।

## ଅଜିତଙ୍କ ବିମାନ ଦୁର୍ଘଟଣା ଉପରେ ପ୍ରଶ୍ନ ଉଠାଇଲେ ଏନ୍‌ସିପି ନେତା

ମୁମ୍ବଇ, ୧୦।୨ (ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ତଥା ଏନସିପି (ଏପି) ମୁଖ୍ୟ ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏକ ବଡ଼ ଷଡ଼ଯନ୍ତ୍ର କରି ଅଜିତଙ୍କୁ ବିମାନ ଦୁର୍ଘଟଣାରେ ମାରି ଦିଆଗଲା ଅଭିଯୋଗ ହୋଇଛି। ଶରଦ ପାୱାର ଗୋଷ୍ଠୀର ଏନ୍‌ସିପି ନେତା ରୋହିତ ପାୱାର ମଙ୍ଗଳବାର ଏହି ଦାବି କରିଛନ୍ତି। ଦୁର୍ଘଟଣାକୁ ନେଇ ଏ ପର୍ଯ୍ୟନ୍ତ ଅନେକ ପ୍ରଶ୍ନର ଉତ୍ତର ମିଳି ନାହିଁ ବୋଲି ସେ କହିଛନ୍ତି। ଗତ ମାସରେ ବିମାନ ଦୁର୍ଘଟଣା ଘଟି ଅଜିତ ପାୱାରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ରୋହିତ ମୁମ୍ବଇରେ ଏକ ପ୍ରେଜେନଟେସନ ଦେଇଛନ୍ତି। ଦୁର୍ଘଟଣାର




ପରିସ୍ଥିତିକୁ ଭଲ ଭାବରେ ଯାଞ୍ଚ କରିବା ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କହିଛନ୍ତି। ରୋହିତଙ୍କ ମତରେ, ଅଜିତ ଦାଦାଙ୍କ ବିମାନ ଦୁର୍ଘଟଣା ଏକ ବଡ଼ ଷଡ଼ଯନ୍ତ୍ରର ଅଂଶବିଶେଷ। ଏହି ଦୁର୍ଘଟଣା ବିଭିନ୍ନ ଦିଗ ବିଷୟରେ ଆମେ ଯାଞ୍ଚ କରୁଛୁ। ଯଦି କେହି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ଚାହାନ୍ତି ତେବେ ସବୁଠାରୁ ସହଜ ଉପାୟ ହେଉଛି ଡ୍ରାଇଭରକୁ ଟାର୍ଗେଟ କରିବା ବୋଲି ଏକ ପୁସ୍ତକରେ ଉଲ୍ଲେଖ ରହିଛି। ଦୁର୍ଘଟଣାର ଗୋଟିଏ ଦିନ ପୂର୍ବରୁ ଦାଦା କାରରେ ମୁମ୍ବଇରୁ ପୁନେ ଯିବାର ଥିଲା। ଏଥିପାଇଁ କନଭୟ ମଧ୍ୟ ଆରମ୍ଭ ହୋଇଯାଇଥିଲା। କିନ୍ତୁ ସେ କାର ଯୋଗେ କାହିଁକି ଗଲେ ନାହିଁ? ଜଣେ ବରିଷ୍ଠ ନେତାଙ୍କୁ ମଧ୍ୟ ସେ ଭେଟିବାର କାର୍ଯ୍ୟକ୍ରମ ଥିଲା। ବିମାନ, ପାଇଲଟ୍ ଏବଂ ପରିଚାଳନା କମ୍ପାନୀକୁ ନେଇ ମଧ୍ୟ ଅନେକ ସନ୍ଦେହ ରହିଛି। ତେଣୁ ନିୟମିତ ପ୍ରକ୍ରିୟା ବ୍ୟତୀତ ଦୁର୍ଘଟଣାର ଯାଞ୍ଚ ଆବଶ୍ୟକ।

## ଖରାପ ଚୁଟି କଟା ପାଇଁ ୨୫ ଲକ୍ଷ କ୍ଷତିପୂରଣ

ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):ଦୀର୍ଘ ୭ ବର୍ଷର ବିବାଦର ଅନ୍ତ ଘଟିଛି। ଏକ ପଞ୍ଚ ତାରକା ହୋଟେଲରେ ଖରାପ ଚୁଟି କଟା ମାମଲା ବାରିକଠାରୁ ନେଇ ସୁପ୍ରିମକୋର୍ଟରେ ପହଞ୍ଚି ଯାଇଛି। ଏହି ମାମଲାରେ ମଡେଲଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏଥିପାଇଁ ଆବେଦନକାରୀ ୨ କୋଟି ଟଙ୍କା ଦାବି କରିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ଯେଉଁ ପ୍ରମାଣ ଉପରେ ଭରସା କରାଯାଇଥିଲା ତାହା ଚୁଟି କାଟିବା ପୂର୍ବରୁ କିମ୍ବା ପରର ଥିଲା। ଏହା ମଧ୍ୟରେ ସେବାରେ ଅବହେଳା କିମ୍ବା ବୃତ୍ତିଗତ ସୁଯୋଗରେ କୌଣସି ପ୍ରତ୍ୟକ୍ଷ ସମ୍ବନ୍ଧ ନ ଥିଲା। ଏହି ମାମଲା ୨୦୧୮ ଏପ୍ରିଲର। ଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଖରାପ କେଶ କାଟିବା ଯୋଗୁଁ କ୍ୟାରିୟର ସୁଯୋଗ ହରାଇବା ଅଭିଯୋଗ କରି ଜଣେ ମଡେଲ ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନ (ଏନସିଡିଆରସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଏହି ମାମଲାରେ ୨ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହୋଟେଲକୁ ନିର୍ଦ୍ଦେସ ଦେଇଥିଲେ। ଏବେ ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କାରଣ ତାଙ୍କ ଦାବି ନିର୍ଭରଯୋଗ୍ୟ ନୁହେଁ ବୋଲି ଜଷ୍ଟିସ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ କହିଛନ୍ତି।

## ଗିଲବର୍ଟ ହିଲ୍; ଆଖି ଆଗରେ ଥାଇ ବି ଅଜଣା



ମୁମ୍ବଇ, ୧୦।୨(ଏଜେନ୍ସି): ମୁମ୍ବଇ ଭଳି ଅତ୍ୟାଧୁନିକ ଓ ବ୍ୟସ୍ତବହୁଳ ସହର ତଥା କଂକ୍ରିଟ ଜଙ୍ଗଲ ମଧ୍ୟରେ ଏକ ଅତି ପ୍ରାଚୀନ ସ୍ମାରକୀ ଲୁଚି ରହିଛି। ଯେତେବେଳେ ପୃଥିବୀରେ ଡାଇନୋସରମାନେ ବିଚରଣ କରୁଥିଲେ, ସେହି ସମୟରୁ ଏକ ପାହାଡ଼ ଠିଆ ହୋଇଛି। ଆଶ୍ଚର୍ଯ୍ୟର କଥା ଯେ, ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରାଙ୍କ ଭଳି ପୁରୁଣା ମୁମ୍ବଇ ବାସିନ୍ଦା ମଧ୍ୟ

**ଚର୍ଚ୍ଚାରେ ମୁମ୍ବଇର ୬.୬ କୋଟି ବର୍ଷ ତଳର ଆଗ୍ନେୟ ପଥର**

ନିକଟରେ ଥିବା ଏହି ପାହାଡ଼ ବିଷୟରେ ଜାଣିବା ପରେ ବିସ୍ମୟ ପ୍ରକାଶ କରିଛନ୍ତି। ଏହି ଛୋଟ ପାହାଡ଼ ହେଉଛି ଗିଲବର୍ଟ ହିଲ। ସାମାଜିକ ଗଣମାଧ୍ୟମ ଏକ୍ସରେ ସେୟାର ହୋଇଥିବା ଏକ ପୋଷ୍ଟରେ ଆନନ୍ଦ ମହିନ୍ଦ୍ରା ଏହି ପାହାଡ଼ ଉପରେ ଆଲୋକପାତ କରିଛନ୍ତି ଓ ପ୍ରଶ୍ନ କରିଛନ୍ତି ଯେ, ବିଶ୍ୱର କେବଳ ତିନୋଟି ସଂରଚନା ମଧ୍ୟରୁ ଗୋଟିଏ ଆଖି ଆଗରେ ଥିଲେ ମଧ୍ୟ ଲୁଚିକି ରହିଛି। ଏବେ ଏହି ପାହାଡ଼କୁ ନେଇ ଚର୍ଚ୍ଚା ଚାଲିଛି।

ଗିଲବର୍ଟ ହିଲ୍ ହେଉଛି ଏକ ବିଶାଳ ପଥର ସଂରଚନା, ଯାହା ପ୍ରାୟ ୬ କୋଟି ୬୦ ଲକ୍ଷ ବର୍ଷ ପୂର୍ବେ ଅର୍ଥାତ ଡାଇନୋସର ଯୁଗରେ ସୃଷ୍ଟି ହୋଇଥିଲା। ଭୂଗର୍ଭର ଗରମ ଲାର୍ଭା ବାହାରି ଥଣ୍ଡା ହେବା ପରେ ଏହା ସ୍ତମ୍ଭ ସଦୃଶ ଆକୃତି ନେଇଥିଲା। ଏହି ସମୟରେ ଆଗ୍ନେୟଗିରି ଉଦ୍‌ଗୀରଣ ଫଳରେ ମହାରାଷ୍ଟ୍ର, ଗୁଜରାଟ ଓ ମଧ୍ୟପ୍ରଦେଶରେ ବ୍ୟାପିଥିବା 'ଡେକାନ ଟ୍ରାପ୍' ସୃଷ୍ଟି ହୋଇଥିଲା। ଏହି ଧରଣର ଭୌଗଳିକ ସଂରଚନା ଅତ୍ୟନ୍ତ ବିରଳ। ବିଶ୍ୱରେ ମାତ୍ର ୩ଟି ଏପରି 'ଭୋଲକାନିକ କଲମ' ଅଛି। ସେଗୁଡ଼ିକ ହେଲା ଭାରତର ଗିଲବର୍ଟ ହିଲ, ଆମେରିକାର ୱାୟୋମିଂ ସ୍ଥିତ ଡେଭିଲ୍ସ ଟାୱାର ଓ ଅନ୍ୟଟି ହେଲା ଉତ୍ତର ଆୟର୍ଲାଣ୍ଡର ଜାଏଣ୍ଟସ କଜୱେ। ଅନ୍ଧେରୀ ରେଳ ଷ୍ଟେସନ ନିକଟରେ ଅଟ୍ଟାଳିକା ଓ ବସ୍ତି ଦ୍ୱାରା ଘେରି ରହିଥିଲେ ମଧ୍ୟ ଏହି ପାହାଡ଼ ଆଜି ବି ଦୃଢ଼ ଭାବେ ଠିଆ ହୋଇଛି। ୧୯୫୨ରେ ଭାରତ ସରକାର ଏହାକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୭ରେ ମୁମ୍ବଇ ମ୍ୟୁନିସପାଲ କର୍ପୋରେସନ ଏହାକୁ ଏକ 'ହେରିଟେଜ ସାଇଟ୍' ଭାବେ ମାନ୍ୟତା ଦେଇଥିଲା। ପଥର ଦେହରେ କଟାଯାଇଥିବା ସିଢ଼ି ଦେଇ ୨୦୦ ଫୁଟ ଉଚ୍ଚ ପାହାଡ଼ ଉପରକୁ ଚଢ଼ି ହେବ। ପାହାଡ଼ ଶିଖରରେ ମା ଗାଓଦେବୀ ଓ ମା' ଦୁର୍ଗାମାତାଙ୍କର ଦୁଇଟି ମନ୍ଦିର ଅଛି। ଏଠାରେ ଜଣେ ସାରା ମୁମ୍ବଇ ସହରର ମନୋରମ ୩୬୦ ଡିଗ୍ରୀ ଦୃଶ୍ୟ ଉପଭୋଗ କରିପାରିବେ। ଗିଲବର୍ଟ ହିଲ୍‌ର ଉଚ୍ଚତା ହେଉଛି, ୨୦୦ ଫୁଟ ଅର୍ଥାତ ୬୧ ମିଟର। ଏହା ଏକ କଳା ବାସାଲ୍ଟ ପଥରର ଏକ ବିଶାଳ ସ୍ତମ୍ଭ ଓ ଭୂଲମ୍ବ ଅର୍ଥାତ ଭର୍ଟିକାଲ ଆକାରରେ ରହିଛି। ଦୁଇଟି ମନ୍ଦିର ସହ ଏହାର ଶିଖରରେ ଏକ ସୁନ୍ଦର ବଗିଚା ମଧ୍ୟ ରହିଛି।

## ଏସ୍‌ସିବି ଆଇସିୟୁରେ ରୋଗୀ ସୁରକ୍ଷା ବେହାଲ

# ବେଡ୍‌ରୁ ଖସିଲେ ବୃଦ୍ଧା, ଭିଡିଓ ଭାଇରାଲ୍

କଟକ, ୧୦।୨ (ସମିସ): ଓଡ଼ିଶାର ସର୍ବବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ କୁହାଯାଉଥିବା ଆଇସିୟୁ ଭିତରୁ ରୋଗୀସେବାର ଏକ ସଙ୍ଗୀନ ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ଗୁରୁତର ବୃଦ୍ଧା ରୋଗୀ ଶଯ୍ୟାରୁ ତଳକୁ ଖସିପଡ଼ିବା ଏବଂ ଅନ୍ୟ ଜଣେ

- ଅନ୍ୟ ଜଣେ ବୃଦ୍ଧ ରୋଗୀଙ୍କ ମୃତ୍ୟୁ ପରେ ତଦନ୍ତ ନିର୍ଦ୍ଦେଶ
- ହସ୍ପିଟାଲ ପ୍ରଶାସନର କଠୋର ପଦକ୍ଷେପ
- ଆଇସିୟୁର ସମସ୍ତ ନର୍ସିଂ କର୍ମଚାରୀଙ୍କୁ ବଦଳାଇଲେ କର୍ତ୍ତୃପକ୍ଷ

ବୃଦ୍ଧ ରୋଗୀଙ୍କ ଅସହାୟ ଅବସ୍ଥାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ରୋଗୀ ପର୍ଯ୍ୟବେକ୍ଷଣରେ ଥିବା ଚରମ ଅବହେଳାକୁ ପଦାରେ ପକାଇ ଦେଇଛି।

ମେଡିସିନ ବିଭାଗର ପ୍ରଥମ ମହଲାରେ ଥିବା ଆଇସିୟୁରେ ଜଣେ ବୃଦ୍ଧା ଚିକିତ୍ସିତ ହେଉଥିବା ବେଳେ ବେଡ୍‌ର ସୁରକ୍ଷା ବାଡ଼ ବା ସାଇଡ୍ ରେଲିଂଟି ଭାଙ୍ଗି ପଡ଼ିଥିଲା। ଫଳରେ ଅସହାୟ ବୃଦ୍ଧାଜଣଙ୍କ ବେଡ୍‌ରୁ ସିଧା ତଳକୁ ଖସି ପଡ଼ିଥିଲେ। ଆଶ୍ଚର୍ଯ୍ୟର କଥା, ଯେଉଁ ସମ୍ବେଦନଶୀଳ କକ୍ଷରେ ପ୍ରତି ମୁହୂର୍ତ୍ତରେ ରୋଗୀର ନଜର ରଖିବା ପାଇଁ ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ରହିବା କଥା, ସେଠାରେ ଦୁର୍ଘଟଣା ସମୟରେ



କେହି ଉପସ୍ଥିତ ନ ଥିଲେ। ଆଇସିୟୁ ଭିତରକୁ ରୋଗୀଙ୍କ ସମ୍ପର୍କୀୟଙ୍କ ପ୍ରବେଶ ଅନୁମତି ନଥିବା ବେଳେ କର୍ତ୍ତବ୍ୟରତ କର୍ମଚାରୀମାନେ ନିଜ ଦାୟିତ୍ୱ ଛାଡ଼ି ମୋବାଇଲ୍ ଫୋନ୍ ବ୍ୟବହାର ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଏହି ଭାଇରାଲ ଭିଡିଓରେ କେବଳ ବୃଦ୍ଧାଜଣଙ୍କ ନୁହନ୍ତି, ବରଂ ଅନ୍ୟ ଜଣେ ବୃଦ୍ଧ ରୋଗୀଙ୍କ ଅବସ୍ଥା ମଧ୍ୟ ଦେଖିଲେ ମନରେ ଭୟ ସୃଷ୍ଟି ହେଉଛି। ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳର ୮୭ ବର୍ଷୀୟ ବୃଦ୍ଧ ରାଜକିଶୋର ଖୁଣ୍ଟିଆଙ୍କ ମୁହଁରୁ ଅକ୍ସିଜେନ୍ ମାସ୍କ ଖସି ତଳେ ପଡ଼ିଥିବା ବେଳେ ହାତରୁ ରକ୍ତ ଝରି ବେଡ୍ ସାରା ପଡ଼ିଥିଲା। ଆଜି ଉକ୍ତ ବୃଦ୍ଧଙ୍କର ମୃତ୍ୟୁ ଘଟିଛି।

ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ଏସ୍‌ସିବି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମେଡିସିନ୍ ଆଇସିୟୁ ସହ ବିଭିନ୍ନ ଆଇସିୟୁରେ କାର୍ଯ୍ୟରତ ନର୍ସିଂ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଆଯାଇଛି। ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଜ୍ୟୋତିର୍ମୟ ନାୟକ କହିଛନ୍ତି ଯେ ରୋଗୀସେବାରେ ଉନ୍ନତି ଆଣିବା ଏବଂ ଦାୟିତ୍ୱପୂର୍ଣ୍ଣ ସେବା ଯୋଗାଇବା ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ। ଯଦି ଭବିଷ୍ୟତରେ କୌଣସି କର୍ମଚାରୀଙ୍କ ଅବହେଳା ନଜରକୁ ଆସେ, ସେମାନଙ୍କ ବିରୋଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ପ୍ରଶ୍ନ ଉଠୁଛି, କେବଳ ବଦଳି କରିଦେଲେ ସ୍ୱାସ୍ଥ୍ୟସେବାର ଏହି ଦୁର୍ଦ୍ଦଶା ଦୂର ହେବ କି? ମୃତ ରୋଗୀଙ୍କ ପରିବାରକୁ କିଭଳି ନ୍ୟାୟ ମିଳିବ, ତାହାକୁ ନେଇ ରୋଗୀ ସୁରକ୍ଷା ମଞ୍ଚ ପକ୍ଷରୁ ଅଧୀକ୍ଷକଙ୍କୁ ଭେଟି ଦାବି କରାଯାଇଛି।

## 'ବାପାଙ୍କୁ ମୃତ୍ୟୁମୁଖକୁ ଠେଲି ଦିଆଗଲା'

**ଗଣମାଧ୍ୟମ ଆଗରେ କୋହ ସମ୍ଭାଳି ପାରିଲେନି ପୁଅ**

କଟକ, ୧୦।୨ (ସମିସ): ଏସ୍‌ସିବିରେ ଚିକିତ୍ସା ଅବହେଳାରୁ ଆଇସିୟୁ ବେଡ୍‌ରୁ ଖସି ୮୭ବର୍ଷୀୟ ବୃଦ୍ଧ ରାଜକିଶୋର ଖୁଣ୍ଟିଆଙ୍କ ମୃତ୍ୟୁ ଘଟିବା ପରେ ମେଡିକାଲର ଅବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ମୃତ ବୃଦ୍ଧଙ୍କ ପୁଅ ମହେଶ ଖୁଣ୍ଟିଆ ଗଣମାଧ୍ୟମ ସମ୍ମୁଖରେ ନିଜର କୋହଭରା ପ୍ରତିକ୍ରିୟା ରଖିଛନ୍ତି। ମହେଶଙ୍କ କହିବା ଅନୁଯାୟୀ, ଆଇସିୟୁ ଭିତରେ ତାଙ୍କ ବାପାଙ୍କୁ ଜାଣି ଶୁଣି ମୃତ୍ୟୁମୁଖକୁ ଠେଲି ଦିଆଯାଇଛି। ବିଳମ୍ବିତ ରାତିରେ ବୃଦ୍ଧଙ୍କ ମୁହଁରୁ ଅକ୍ସିଜେନ୍ ମାସ୍କ ଖସି ପଡ଼ିଥିଲେ ମଧ୍ୟ ସେଠାରେ କୌଣସି ଡାକ୍ତର କିମ୍ବା ନର୍ସ ଉପସ୍ଥିତ ନ ଥିଲେ। କର୍ମଚାରୀଙ୍କ ଅନୁପସ୍ଥିତିରେ ବାପା ବେଡ୍‌ରୁ ତଳକୁ ଖସି ପଡ଼ିଥିଲେ ଏବଂ ତାଙ୍କ ମୁହଁ ଓ ପାଟିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଯେତେବେଳେ ମହେଶ ନେବୁଲାଇଜର୍ ଦେବା ପାଇଁ ଆଇସିୟୁ ମଧ୍ୟକୁ ଯାଇଥିଲେ, ନିଜ ବାପାଙ୍କୁ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେଠାରେ ଥିବା ଜଣେ ଅଟେଣ୍ଡାଣ୍ଟଙ୍କୁ ଜଣାଇବାରୁ ସେ ସାହାଯ୍ୟ କରିବା ପରିବର୍ତ୍ତେ ଦୁର୍ବ୍ୟବହାର କରିଥିଲେ। ମେଡିକାଲରେ କର୍ମଚାରୀଙ୍କ ଅଭାବ ଥିବା ଦର୍ଶାଇବା ସହ ଏଭଳି ଘଟଣାକୁ ମାମୁଲି ବୋଲି କହିଥିଲେ। ଏପରିକି, ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ ଏଥିରେ କିଛି କରିପାରିବେ ନାହିଁ ବୋଲି ସେ ରୋକଠୋକ୍ ଶୁଣାଇ ଦେଇଥିଲେ।

# ସର୍ଜରୀ ବେଳେ ପେଟରେ ଗଜ କପଡ଼ା ଛାଡ଼ିଦେଲେ

- ଶୌଚ ବେଳେ ବାହାରିଲା ୨ଟି କପଡ଼ା
- ମେଡିକାଲ ପାଠରେ ଏହା ଅସମ୍ଭବ: ସିଡିଏମ୍‌ଓ

ସମ୍ବଲପୁର,୧୦।୨(ସମିସ): ପ୍ରସବ ସର୍ଜରୀ ପରେ ମହିଳାଙ୍କ ପେଟରେ ଗଜ କପଡ଼ା ଛାଡ଼ିଦେଲେ ଡାକ୍ତର। କିଛି ଦିନ ତଳେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ସନ୍ତାନ ପ୍ରସବ କରିଥିବା ଜଣେ ମହିଳା ଆଜି ଡାକ୍ତରଙ୍କ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏପରିକି, ଉକ୍ତ ଗଜ କପଡ଼ା ବହୁ କଷ୍ଟରେ ଶୌଚ ବେଳେ ବାହାରିଛି ବୋଲି ସେ କହିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନାନୁସାରେ, ମହିଳାଙ୍କ ପ୍ରସବ ବେଦନା ହେବାରୁ ଗତ ୨୪ ସେପ୍ଟେମ୍ବରରେ ପରିବାରଲୋକ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଅସ୍ତ୍ରୋପଚାର (ସିଜେରିଆନ୍) ଜରିଆରେ ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ପରେ ତାଙ୍କୁ ହସପିଟାଲରୁ ଡିସ୍‌ଚାର୍ଜ କରିଦିଆଯାଇଥିଲା। ପାଖାପାଖି ଦେଢ଼ମାସ ପରେ ପେଟରେ ତାଙ୍କର ଅସହ୍ୟ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତେଣୁ ସେ ସର୍ଜରୀ କରିଥିବା ସମ୍ପୃକ୍ତ ଡାକ୍ତରଙ୍କୁ ଦେଖାଇଥିଲେ। କିନ୍ତୁ ଡାକ୍ତରଜଣଙ୍କ ଏହା ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ବନ୍ଧୀୟ ନୁହେଁ ବୋଲି କହିବା ସହ ଅନ୍ୟତ୍ର ଦେଖାଇବାକୁ ପରାମର୍ଶ ଦେଇଥିଲେ। ପରେ ମହିଳାଜଣଙ୍କ ଅଲଟ୍ରାସାଉଣ୍ଡ କରିବା ପରେ ଶରୀରରେ କିଛି ଅଦରକାରୀ ଜିନିଷ ଥିବା ଜାଣିବାକୁ ପାଇଥିଲେ। ହେଲେ ଅନ୍ୟ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ଉପଶମ ପାଇନଥିଲେ। ଶେଷରେ, ବହୁ କଷ୍ଟରେ ମଳ ଯୋଗେ ୮ ଦିନ ବ୍ୟବଧାନରେ ୨ଟି ଗଜକପଡ଼ା ବାହାରିଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ଘଟଣା ନେଇ ପ୍ରସୂତି ଓ ତାଙ୍କ ପରିବାର ସିଡିଏମ୍‌ଓଙ୍କୁ ଅଭିଯୋଗ କରିଛନ୍ତି। ତେବେ ସିଡିଏମ୍‌ଓ କହିଛନ୍ତି ଯେ ପେଟରେ ଛଡ଼ାଯାଇଥିବା କପଡ଼ା ମଳଦ୍ୱାର ଦେଇ ବାହାରିବା ଅସମ୍ଭବ। ଏହାସହ ଏକ ଟିମ୍ ଗଠନ କରି ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି।

# ଝଡ଼ାଫୁଙ୍କା ନାଁରେ ନାବାଳିକାକୁ ଦୁଷ୍କର୍ମ

**ଜେଲ୍ ଗଲେ ଗୁଣିଆ**

ଡୁଙ୍ଗୁରିପାଲି, ୧୦।୨(ସମିସ): ଝଡ଼ାଫୁଙ୍କା ନାଁରେ ନାବାଳିକାକୁ ଦୁଷ୍କର୍ମ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରାମପୁର ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ଜଣେ ବୃଦ୍ଧ ଗୁଣିଆକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ନାଇକେନପାଲି ଗ୍ରାମର ରୂପ ମହାନନ୍ଦ। ସୂଚନାନୁଯାୟୀ, ନାବାଳିକାଜଣଙ୍କ ଘରେ ଏକୁଟିଆ ଥିବା ବେଳେ ରୂପ ତାକୁ ଝଡ଼ାଫୁଙ୍କା କରିବା ବାହାନାରେ ଦୁଷ୍କର୍ମ କରିଥିବା ନାବାଳିକାର ମା' ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବଲାଙ୍ଗିରର ସାଇଣ୍ଟିଫିକ୍ ଟିମ ସହ ପୁଲିସ ପହଞ୍ଚି ଛାନଭିନ କରି ଘର ଭିତରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ପରେ ରାମପୁର ପୁଲିସ ଅଭିଯୁକ୍ତ ବୃଦ୍ଧ ରୂପ ମହାନନ୍ଦକୁ ସୋମବାର ଘରୁ ଉଠାଇ ଆଣିଥିଲା। ମଙ୍ଗଳବାର ଡାକ୍ତରୀମାଇନା ପରେ ନଂ-୪୫/୨୬ରେ ତାକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ସୋନପୁର ଜେଲକୁ ପଠାଯାଇଥିବା ଥାନା ଅଧିକାରୀ ଡୋଳାମଣି ନାଏକ କହିଛନ୍ତି।

## ରାତି ପାହିଲେ ହୋଇଥା'ନ୍ତା ବିବାହ

# ବିଦ୍ୟୁତ୍ ଆଘାତରେ ଚାଲିଗଲା ଯୁବକଙ୍କ ଜୀବନ

**ବାହା ବେଦି ପାଇଁ ଗଛ ଡାଳ କାଟିବା ବେଳେ ଅଘଟଣ**

ରାଉରକେଲା, ୧୦।୨ (ସମିସ): ରାତି ପାହିଲେ ହୋଇଥା'ନ୍ତା ବିବାହ। ବର ହୋଇ ବେଦିରେ ବସିଥାନ୍ତେ। କିନ୍ତୁ ନିୟତି ଥିଲା କିଛି ଅନ୍ୟ ପ୍ରକାର। ବିବାହର ପୂର୍ବ ଦିନ ବେଦି ସଜାଇବାକୁ ଗଛ ଡାଳ କାଟୁଥିବା ବେଳେ ବିଦ୍ୟୁତ ଆଘାତରେ ଚାଲିଗଲା ଯୁବକଙ୍କ ଜୀବନ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅଞ୍ଚଳରେ। ମୃତ ଯୁବକ ହେଉଛନ୍ତି ରାଜଗାଙ୍ଗପୁର ଥାନା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅନ୍ତର୍ଗତ ଖେରାମୁଟା ଗାଁର ଲଳିନ୍ଦ୍ର ମାଝୀଙ୍କ ପୁଅ ବିନୋଦ ମାଝୀ(୨୬)।

ସୂଚନାନୁଯାୟୀ, ବୁଧବାର ବିନୋଦଙ୍କ ବାହାଘର ଥିଲା। ସେଥିପାଇଁ ଘରେ ଜୋର୍‌ଦାର ପ୍ରସ୍ତୁତି ଚାଲିଥିଲା। ବାହା ବେଦି ପାଇଁ ବିନୋଦ ମଙ୍ଗଳବାର ତାଙ୍କ ଗାଁରୁ ୧ କିଲୋମିଟର ଦୂରରେ ଥିବା ଟୋପିଘର ଗାଁକୁ ଗଛର ଡାଳ ଆଣିବାକୁ ଯାଇଥିଲେ। ସେ ଟେପିଘର ଗାଁର ଏକ ଗଛରେ ଚଢି ଏକ ଡାଳ କାଟୁଥିଲେ। ଏହି ସମୟରେ ଡାଳଟି ୩୩କେଭି ବିଦ୍ୟୁତ୍ ତାର ଉପରେ ପଡ଼ିଯାଇଥିଲା। ଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ବିନୋଦ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ଯୁବକଙ୍କୁ ହତ୍ୟା ଅଭିଯୋଗ

ଭବାନୀପାଟଣା, ୧୦।୨(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କେବିଡି ବାଗମାରୁ ପଡ଼ାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।



ମୃତ ଯୁବକଜଣଙ୍କ ବାଗମାରୁପଡ଼ାର ମୋହନ ହଂସଙ୍କ ପୁଅ ସନ୍ତୋଷ ହଂସ ବୋଲି ଜଣାପଡ଼ିଛି। ସୋମବାର ରାତିରେ ମୋହନ ନିକଟସ୍ଥ ଦୋକାନକୁ ଅଣ୍ଡା କିଣିବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଭଉଣୀ ଖୋଜିବାକୁ ଯାଇଥିବାବେଳେ ବାଗମାରୁ ପଡ଼ା କେନାଲ ହୁଡାରେ ସନ୍ତୋଷଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଛି। ଏ ସଂକ୍ରାନ୍ତରେ ବାପା ମୋହନ ହଂସ ଧର୍ମଗଡ଼ ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ବଢ଼ିଲା ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା

- ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାରରୁ ୪୦ ହଜାର ପର୍ଯ୍ୟନ୍ତ ବୃଦ୍ଧି
- ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା, ସର୍ବାଧିକ ୯୧,୪୬୭ ଟଙ୍କା
- ଦରମା ବୃଦ୍ଧି ନେଇ ସଂସଦରେ ଦାବି କରିଥିଲେ ସାଂସଦ ମାନସ

ଭୁବନେଶ୍ୱର,୧୦।୨(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ)ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତର ମାନଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

୫ ବର୍ଷରୁ କମ ସମୟ ଅବଧି ସେବାରତ ଆୟୁଷ ଡାକ୍ତରମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତରମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧି ହୋଇଛି। ଏବେ ଏହି ବର୍ଗର ଡ଼ାକ୍ତରମାନେ ମାସିକ ୭୪,୪୬୭ ଟଙ୍କାରେ ବେତନ ପାଇବେ। ସେହିପରି ୧୦ରୁ ୧୫ ବର୍ଷ ସେବା କରିଥିବା ଡ଼ାକ୍ତରଙ୍କ ଦରମା ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବାବେଳେ ୧୫ ବର୍ଷରୁ ଉର୍ଦ୍ଧ ଚାକିରି କରିଥିବା ପାଇଁ ଆୟୁଷ ଡାକ୍ତରମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି। ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି ଏବଂ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଂସଦର ଶୀତ ଅଧିବେଶନ ସମୟରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ରାଜ୍ୟରେ ଆୟୁଷ ଡାକ୍ତରଙ୍କ ସମସ୍ୟା ଉଠାଇବା ସହ ସେମାନଙ୍କ ଦରମା ବୃଦ୍ଧି ପାଇଁ ଦାବି କରିଥିଲେ।

## ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ

# ୪୧୧୧ କୋଟିର ୨୩ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୧୦।୨ (ସମିସ): ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଏସଡବ୍ଲୁସିଏ) ବୈଠକରେ ୪୧୧୧.୮୦ କୋଟି ଟଙ୍କା ବିନିଯୋଗ ସହ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ୯୯୨୪ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖାଯାଇଛି। ଏହି ମଞ୍ଜୁରି ଓଡ଼ିଶାର ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ପ୍ରତିଫଳିତ ହେବ ବୋଲି ରାଜ୍ୟ ସରକାର କହିଛନ୍ତି।

ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନୁମୋଦିତ କରାଯାଇଥିବା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, ପୋଷାକ ଏବଂ ବୟନ ଶିଳ୍ପ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ରିଫ୍ରାକ୍ଟୋରୀ, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍, ଖଣିଜ ଲାଭ, ଧାତୁ ଡାଉନଷ୍ଟ୍ରିମ୍, ପ୍ଲାଷ୍ଟିକ୍, ଗ୍ଲାସ୍ ଉତ୍ପାଦନ, ଲଜିଷ୍ଟିକ୍ ଏବଂ



ଗୋଦାମ, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ଏବଂ ଆତିଥେୟତା ଆଦି ବିଭିନ୍ନ କ୍ଷେତ୍ରରେ ରହିଛି। ଏହି ପ୍ରକଳ୍ପଗୁଡ଼ିକୁ ରାଜ୍ୟର ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଆଦି ୧୧ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯିବ।

ଅନୁମୋଦିତ ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରେ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଦ୍ରବ୍ୟ କ୍ଷେତ୍ରରେ, ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୩୮୪ କୋଟି ଟଙ୍କା ବିନିଯୋଗରେ ଏକ ରେଳ ଯନ୍ତ୍ରାଂଶ ଉତ୍ପାଦନ ସ୍ଥାପନ କରିବ। ଏହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ଉନ୍ନତ ମାନୁଫାକ୍‌ଚରିଂ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଇନ୍‌ଭେଣ୍ଟଗ୍ରିଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ଉନ୍ନତ ମଲ୍ଟି ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଏହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ ଏବଂ ଏହା ରାଜ୍ୟର ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ଏକ ପ୍ରମୁଖ ପଦକ୍ଷେପ ହେବ। ସମୁଦ୍ର ଓ ଜାହାଜ ନିର୍ମାଣ କ୍ଷେତ୍ରରେ, ନର୍ଥନ ଏକ୍ସପ୍ରେସ୍ ଇନଫ୍ରାଡେଭେଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଭଦ୍ରକରେ ଜାହାଜ ନିର୍ମାଣ ଓ ଜାହାଜ ମରାମତି ସୁବିଧା ବିକଶିତ କରିବାକୁ ୩୩୯.୪୦ କୋଟି ଟଙ୍କାର ନିବେଶ କରିବ। ଏହାଦ୍ୱାରା ୫୦୭

**୧୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ, ୧୧ଜିଲ୍ଲାରେ ହେବ ପ୍ରକଳ୍ପ**

ରୋଜଗାର ସୁଯୋଗ ସୃଷ୍ଟି ହେବା ସହ ଓଡ଼ିଶାକୁ ଉଦୀୟମାନ ସମୁଦ୍ରଶିଳ୍ପ କେନ୍ଦ୍ର ଭାବେ ଅବସ୍ଥାପିତ କରିବ। ପୋଷାକ ଏବଂ ବସ୍ତ୍ର କ୍ଷେତ୍ରରେ ଜେ.ଜି ହୋସିଏରୀ ପ୍ରା. ଲିଃ ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ଏକକ ସ୍ଥାପନା କରିବ, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୧୪୯.୭୬ ନିୟୁତ ଖଣ୍ଡ କପଡ଼ା ବିଶିଷ୍ଟ ଏବଂ ୧୦୦ କୋଟି ନିବେଶ ସହିତ, ୨୩୫୦ ଚାକିରି ସୃଷ୍ଟି ହେବ। ଏହାକୁ ଆଜିର ଅନୁମୋଦନରେ ସର୍ବାଧିକ ଚାକିରି ସୃଷ୍ଟି କରିଥିବା ପ୍ରକଳ୍ପମାନଙ୍କ ମଧ୍ୟରେ ଗଣାଯାଇଛି।

# ଏପ୍ରିଲ ପର୍ଯ୍ୟନ୍ତ ଏଫ୍‌ସିଆଇ ଉଠାଇବନି ଚାଉଳ

- ଧାନ ସଂଗ୍ରହ ପ୍ରକ୍ରିୟାରେ ସୁଧୁରୁନି ଅବ୍ୟବସ୍ଥା
- ସମାଧାନ ପାଇଁ ମିଲର-ସରକାର ଆଲୋଚନା
- ପୁରୁଣା ଦାବି ପୂରଣ ନେଇ ମୁଖ୍ୟ ସଚିବଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୧୦।୨(ସମିସ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଅବ୍ୟବସ୍ଥା ଜାରି ରହିଛି। ଯେତେ ଚେଷ୍ଟା କଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ମଣ୍ଡି ଆଗରେ ଗଦା ହୋଇଥିବା ହଜାର ହଜାର ବସ୍ତା ଧାନର ପାହାଡ଼ ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ଅନ୍ୟପଟେ ମିଲରମାନେ ପୂର୍ବରୁ ରଖି ଆସିଥିବା ଦାବି ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି। ପୁରୁଣା ଚାଉଳ ଗଚ୍ଛିତ ହୋଇ ରହିଥିବାରୁ ସେମାନଙ୍କ ପାଖରେ ନୂଆ ଧାନ ରଖିବାକୁ ଗୋଦାମ ଖାଲି ନ ଥିବା ଦର୍ଶାଇ ମିଲର ଧାନ କିଣିବାକୁ ରାଜି ହେଉ ନାହାନ୍ତି। ଏହି କ୍ରମରେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ମିଲର ଆସୋସିଏସନ୍ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରି ସମସ୍ୟାର ବାଟ ଫିଟାଇବାକୁ ଉଦ୍ୟମ କରିଛନ୍ତି।

ବୈଠକରେ ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଏବଂ ରାଜ୍ୟ ସରକାରଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ରେ ସଂଗୃହୀତ ଧାନର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଛି। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ ମାର୍କେଟିଂ ଋତୁର ଚୁକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ୭୦ ଲକ୍ଷ କ୍ୱିଣ୍ଟାଲ ବାକି ରହିଛି। ତେଣୁ ନୂଆ ଧାନ ସଂଗ୍ରହ, ଏହାର ସଂରକ୍ଷଣ ଓ କଷ୍ଟମ ମିଲିଂ ସମସ୍ୟା ସମାଧାନ ହୋଇ ପାରୁନାହିଁ। ପୁଣି ପୁରୁଣା ଚାଉଳ ଏବେ ଉଠିବାର ସମ୍ଭାବନା ନ ଥିବା ବେଳେ ଏପ୍ରିଲ୍‌ରୁ ଏଫ୍‌ସିଆଇ ଚାଉଳ ଉଠାଇବ ବୋଲି କହିଥିବା ଜଣାପଡ଼ିଛି। ଯଦି ଏତେ ବିଳମ୍ବ ହୁଏ ତେବେ ଖରିଫ ଧାନ ତୁଳନାରେ ରବି ଧାନ ସଂଗ୍ରହ ବେଳକୁ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହେବାର ଆଶଙ୍କା ରହିଛି।

ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ କହିଛି ଯେ, ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଛି। ସେ ସମ୍ପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାସହିତ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଛନ୍ତି। ଦୀର୍ଘ ଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ପ୍ରସ୍ତାବ ଦେଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମିଲରମାନଙ୍କ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

## ପଞ୍ଜିକା ସମୀକରଣ ବୈଠକ

# ୫ ପଞ୍ଜିକାକୁ ସ୍ୱୀକୃତି ଦେଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ, ୧୦।୨(ସମିସ): ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ ଓ ତିଥିରେ ବି ଅମେଳ ରହୁଛି। ଫଳରେ କିଛି ବର୍ଷ ହେବ ଏକାଧିକ ପର୍ବପର୍ବାଣିକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ଲୋକେ। କେଉଁ ପାଞ୍ଜିକୁ ବିଶ୍ୱାସ କରିବେ, କାହାକୁ ନୁହେଁ; ଜାଣିପାରୁନାହାନ୍ତି। ଗୋଟିଏ ପର୍ବର ତାରିଖ ପଞ୍ଜିକାରେ ଭିନ୍ନଭିନ୍ନ ରହୁଛି। ତେଣୁ, ପଞ୍ଜିକାଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ଲାଗି ମଙ୍ଗଳବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି ପଞ୍ଜିକା (ଶ୍ରୀରାଧାରମଣ ବିଶୁଦ୍ଧ ଖଡିରତ୍ନ, ଓଡ଼ିଶା କୋହିନୂର ପ୍ରେସ୍, ଅରୁଣୋଦୟ ପ୍ରେସ୍ ଖଡିରତ୍ନ, ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡ଼ିରତ୍ନ ଓ ଭାଗ୍ୟଦୀପ ପ୍ରେସ୍)କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଜନସାଧାରଣ ମଧ୍ୟ ସଚେତନ ହୋଇ ପଞ୍ଜିକାକୁ ଅନୁସରଣ କରିବାକୁ କୁହାଯାଇଛି।

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିଲେ ଯେ ୨୦୨୬-୨୭ ପାଞ୍ଜି ଏବଂ କ୍ୟାଲେଣ୍ଡରରେ ସମସ୍ତ ତଥ୍ୟ ନିର୍ଭୁଲ ରହିବ। ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ସଠିକ୍ ଏବଂ ନିର୍ଭୁଲ ପାଇଁ ବୈଠକରେ ଆଲୋଚନା ହୋଇଛି। ୫ଟି ପଞ୍ଜିକାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ପାଞ୍ଚଜଣ ପ୍ରକାଶକ ନିର୍ଭୁଲ ତଥ୍ୟ ସେମାନଙ୍କ ପଞ୍ଜିକାରେ ପ୍ରକାଶନ କରିବେ।



- ନିର୍ଭୁଲ ଓ ତ୍ରୁଟିଶୂନ୍ୟ ପଞ୍ଜିକା ପ୍ରସ୍ତୁତି ଉପରେ ଗୁରୁତ୍ୱ
- ପର୍ବପର୍ବାଣିରେ ଅମେଳ ରହିଲେ ହେବ କାର୍ଯ୍ୟାନୁଷ୍ଠାନ

ଏମାନେ ବୈଠକରେ ସମ୍ପୂର୍ଣ୍ଣ ସହମତି ପ୍ରକାଶ କରିଛନ୍ତି। ତେବେ ମହାବିଷୁବ ସଂକ୍ରାନ୍ତି ଅର୍ଥାତ୍ ଏପ୍ରିଲ ୧୪ତାରିଖଠାରୁ ସମସ୍ତ ଯାନିଯାତ୍ରା ଆରମ୍ଭ ହୋଇଥାଏ। ୨୦୨୭ ମସିହା ବାଡ଼ି ନୃସିଂହ ବିଜେ ପର୍ଯ୍ୟନ୍ତ ଯାନିଯାତ୍ରା ଓ ପର୍ବପର୍ବାଣି ପ୍ରସ୍ତୁତ ହୋଇଛି।

ପାଞ୍ଜିଗୁଡ଼ିକ ମଧ୍ୟରେ ଯେପରି ଶ୍ରୀମନ୍ଦିରର ପ୍ରଚଳିତ ପର୍ବପର୍ବାଣି ଓ ଯାନିଯାତ୍ରାକୁ ନେଇ କୌଣସି ତାରତମ୍ୟ ନ ରହିବ, ସେନେଇ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଦ୍ୱାରା ଅନୁମୋଦିତ ପର୍ବପର୍ବାଣିକୁ ସାମିଲ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କିଛି ତ୍ରୁଟି ରହିବ, ସେଥିପାଇଁ ସେମାନେ ଦାୟୀ ରହିବେ। ଶ୍ରୀମନ୍ଦିର ଆଇନ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଡ଼ିଶାରେ ପ୍ରକାଶିତ ପାଞ୍ଜିଗୁଡ଼ିକରେ ପର୍ବପର୍ବାଣିରେ ସାମଞ୍ଜସ୍ୟ ନ ରହିବା ଦ୍ୱାରା ବିଭିନ୍ନ ସମୟରେ ନୀତି ବିଭ୍ରାନ୍ତି ଏବଂ ଜନମାନସରେ ଅସୁବିଧା ହେଉଛି। ଗତ କିଛି ବର୍ଷ ହେଲା ପର୍ବପର୍ବାଣିରେ ସାମଞ୍ଜସ୍ୟ ଆଣିବା ପାଇଁ ଏକ କମିଟି ଗଠନ କରାଯାଇ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହେଉଛି।

ଏହି ପଞ୍ଜିକା ସମୀକରଣ ବୈଠକରେ ୨୦୨୬-୨୭ ବର୍ଷର ଶ୍ରୀମନ୍ଦିର ପଞ୍ଜିକା ଚୂଡ଼ାନ୍ତ କରିବା ନିମିତ୍ତ ସମ୍ପୃକ୍ତ ସମସ୍ତ ସେବାୟତ ବନ୍ଧୁମାନଙ୍କର, ବିଶେଷତଃ ପୂଜାପଣ୍ଡା ନିଯୋଗ, ଛତିଶା ନିଯୋଗ ନାୟକ, ତଢ଼ଉକରଣ, ଦଇତାପତି ନିଯୋଗ, ଶ୍ରୀମନ୍ଦିର ଜ୍ୟୋତିଷ, ଦେଉଳ ପୁରୋହିତ ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରତିନିଧିମାନଙ୍କର ସକ୍ରିୟ ସହଯୋଗ ଓ ଦାୟିତ୍ୱପୂର୍ଣ୍ଣ ପରାମର୍ଶ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି। ତେବେ ଚୂଡ଼ାନ୍ତ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିରର ଯାନିଯାତ୍ରା ଓ ପର୍ବପର୍ବାଣୀ ସମ୍ବନ୍ଧରେ ପଞ୍ଜିକା ଏବଂ କ୍ୟାଲେଣ୍ଡର୍‌ରେ ନିର୍ଭୁଲ ଓ ତ୍ରୁଟିଶୂନ୍ୟ ତଥ୍ୟ ମୁଦ୍ରଣ ପାଇଁ ୫ଟି ଯାକ ଅନୁମୋଦିତ ପ୍ରକାଶନ ସଂସ୍ଥାଙ୍କୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

### ଭଙ୍ଗା ଦଦରା ଘରେ ପୁରୁଷ ଶୂନ୍ୟ ପରିବାର

# ସରକାରୀ ସହାୟତାକୁ ଅପେକ୍ଷା

କଳମପୁର,୧୦।୨(ସମିସ)



କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଧୀନ ହାରାମାଲ ପଞ୍ଚାୟତ ଅଧୀନସ୍ତ ବ୍ରାହ୍ମଣ ପଡ଼ାରେ ରହୁଛନ୍ତି ବିଧବା ସରାବନୀ ବାଗଙ୍କ ପରିବାର। ବୃଦ୍ଧା ସରାବନୀଙ୍କ ବୟସ ୭୩। ଏହି ବୃଦ୍ଧାଙ୍କ ଉପରେ ପଡ଼ିଛି ପରିବାରର ବୋଝ।

ସୂଚନା ଯୋଗ୍ୟ, ସରାବନୀଙ୍କ ପୁଅ ସତ୍ୟବାନଙ୍କ ବିବାହ ପରେ ତିନି ସନ୍ତାନ ହେଲା। ହସଖୁସିରେ ପରିବାର ଚାଲୁଥିବାବେଳେ କାଳଚକ୍ର ସରାବନୀଙ୍କ ମୁଣ୍ଡରେ ଚଡ଼କ ପକାଇଲା। ଭେଣ୍ଡିଆ ପୁଅ ସତ୍ୟବାନ ରୋଗାକ୍ରାନ୍ତ ହେଲେ, ସତ୍ୟବାନଙ୍କୁ ବିଭିନ୍ନ ଡାକ୍ତରଖାନାକୁ ନେଇ ପରୀକ୍ଷା କରିବା ପରେ ତାଙ୍କର ଲିଭର ଜନୀତ ରୋଗ ବୋଲି ଡାକ୍ତର କହିଲେ। ଏହାପରେ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର ନିମନ୍ତେ ପରାମର୍ଶ ଦେଲେ। ଅର୍ଥ ଅଭାବରୁ ସରାବନୀ ପୁଅକୁ ଘରକୁ ନେଇ ଆସିଲେ। କିଛିଦିନର ପଛପଟ ପରେ ସତ୍ୟବାନଙ୍କ ଦେହରୁ ପ୍ରାଣବାୟୁ ଛାଡ଼ି ଚାଲିଗଲା। ସରାବନୀ ବିଧବା ପୁତ୍ରବଧୂ ଓ ଦୁଇ ନାତୁଣୀ ଓ ଗୋଟିଏ ନାତିକୁ ନେଇ କୌଣସି ପ୍ରକାରେ ସଳଖି ଚାଲିବାକୁ ଚେଷ୍ଟା କଲାବେଳକୁ ପୁଣି ଏକ ଦୁଃଖର କଳା ବାଦଲ ତାଙ୍କ ମୁଣ୍ଡ ଉପରେ ପଡ଼ିଲା। ଏକମାତ୍ର ନାତି ଡମ୍ବୁରୁଧର ବାଗ (୧୧) ମଧ୍ୟ ରୋଗାକ୍ରାନ୍ତ ହେଲେ। ତାଙ୍କୁ ମଧ୍ୟ ଲିଭର ଜନୀତ ରୋଗ ହୋଇଛି ବୋଲି ଡାକ୍ତର ରିପୋର୍ଟ ଦେଲେ। ଅଧିକ ଚିକିତ୍ସା ନିମନ୍ତେ ବହୁ କଷ୍ଟରେ ଅର୍ଥ ଯୋଗାଡ କରି ଡମ୍ବୁରୁଧରଙ୍କୁ ବିଶାଖାପାଟଣାର ଏକ ଡାକ୍ତରଖାନାରେ ଭର୍ତ୍ତିକଲେ। ସେଠାରେ କିଛିଦିନ ଚିକିତ୍ସା ଚାଲିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଡମ୍ବୁରୁଧରଙ୍କ ମୃତ୍ୟୁ ଘଟିଲା। ବାପ ପୁଅର ନିଧନ ପରେ ପରିବାର ପୁରୁଷ ଶୂନ୍ୟ ହୋଇଗଲା। ବର୍ତ୍ତମାନ ଅସହାୟଅବସ୍ଥାରେ ଘରେ ପଡ଼ିଛନ୍ତି ବୃଦ୍ଧା ସରାବନୀ। ସରକାରଙ୍କ ରାସନ କାର୍ଡରେ ଯାହା ଗଣ୍ଡିଏ ଚାଉଳ ମିଳୁଛି ତାହା ମଧ୍ୟ ସେମାନଙ୍କୁ ଯଥେଷ୍ଟ ହେଉନାହିଁ, ସାମାଜିକ ସୁରକ୍ଷା ଯୋଜନାରୁ ସହାୟତା ପାଇବା ନିମନ୍ତେ ଆଜକୁ ଆଠବର୍ଷ ହେଲା ନଳିନୀ ବ୍ଲକ ପ୍ରଶାସନ ନିକଟକୁ ଦୌଡ଼ୁଛନ୍ତି ହେଲେ ଆଜିଯାଏଁ ସୁଫଳ ପାଇ ପାରିନାହାନ୍ତି। ସେହି ଚାରି ପ୍ରାଣୀ ମୁଣ୍ଡ ଗୁଞ୍ଜିଥିବା ଘର ମଧ୍ୟ ବିପଦସଂକୁଳ ଅବସ୍ଥାରେ ରହିଛି। ଦୀପିକା ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଦିପାସା ଷଷ୍ଠ ଶ୍ରେଣୀରେ ପଢୁଛି। ସମ୍ବଳ ଅଭାବରୁ ମା'ନଳିନୀ ଦୁଇ ଝିଅକୁ ଆଉ ପାଠ ପଢାଇବା ମୋ ପକ୍ଷରେ ସମ୍ଭବ ନୁହେଁ ବୋଲି କହିଛନ୍ତି। ଦୁଇ ଝିଅ ମଧ୍ୟରେ ଜଣେ ଦୋଲକିବନ୍ଧ କନ୍ୟା ଆଶ୍ରମରେ ପାଠ ପଢୁଥିବାବେଳେ ଅନ୍ୟଜଣେ କଳମପୁର ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସହଯୋଗ ଯୋଗାଇ ଦେବାକୁ ଜନ ସାଧାରଣରେ ଦାବି ହେଉଛି।

## ୟୁଜିସି ରେଗୁଲେସନ୍ ପ୍ରତ୍ୟାହାର ଦାବିରେ ବ୍ରାହ୍ମଣ ସମାଜର ବିକ୍ଷୋଭ



ଭବାନୀପାଟଣା,୧୦।୨(ସମିସ): ଭାରତର ଉଚ୍ଚଶିକ୍ଷା କ୍ଷେତ୍ରର ସର୍ବୋଚ୍ଚ ସଂସ୍ଥା ୟୁଜିସି ସ ଦ୍ୱାରା ୨୦୨୬ରେ କରାଯାଇଥିବା ଅଧିନିୟମର ପ୍ରତ୍ୟାହାର ଦାବି କରି ଆଜି ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏହି ସବର୍ଣ୍ଣ ବିରୋଧୀ ତଥା ଦେଶ ବିରୋଧୀ ନିୟମାବଳି ସମ୍ପୂର୍ଣ୍ଣ ଉଚ୍ଛେଦ ନିମନ୍ତେ ଭାରତର ରାଷ୍ଟ୍ରପତି ତଥା ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧିଶଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପାଢ଼ୀ, ବିନୋଦ ଶର୍ମା, ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର ଓ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରି ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା କ୍ୟାମ୍ପସରେ ସବର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ଅଣଦେଖା କରି ଏକ ପକ୍ଷପାତି ନିୟମ ୟୁଜିସି ରେଗୁଲସନ୍ ୨୦୨୬ ଦେଶ ବିରୋଧୀ ତଥା ସମ୍ବିଧାନ ବିରୋଧୀ ରେଗୁଲେସନ୍ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ଆପତ୍ତି ପ୍ରଦର୍ଶନ କରାଯିବା ସହ ସମଗ୍ର ଦେଶରେ ଛାତ୍ର ମାନଙ୍କ ଉଜ୍ଜଳମୟ ଭବିଷ୍ୟତ ନିମନ୍ତେ ନିରପେକ୍ଷ ଆଇନ ପ୍ରଚଳନ ପାଇଁ ଦାବି କରାଯାଇଥିଲା। କେନ୍ଦ୍ର ସରକାର ଓ ସୁପ୍ରିମକୋର୍ଟ ଏଥି ପ୍ରତି ସମ୍ବେଦନଶୀଳ ହୋଇ ଭାରତର ଛାତ୍ରଛାତ୍ରୀଙ୍କ ନିମନ୍ତେ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଏହି ସବର୍ଣ୍ଣ ବିରୋଧୀ ୟୁଜିସି ରେଗୁଲେସନ୍ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ବ୍ରାହ୍ମଣ ସମାଜ କଳାହାଣ୍ଡି ଦାବି କରିଥିଲା। ନଚେତ୍ ଆଗାମୀ ଦିନରେ ଖାଲି କଳାହାଣ୍ଡି ଜିଲ୍ଲା ନୁହଁ ସମଗ୍ର ଦେଶରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବ୍ରାହ୍ମଣ ସମାଜ କଳାହାଣ୍ଡି ଚେତାବନୀ ଦେଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜ ଭବାନୀପାଟଣା ନଗର କମିଟିର ସଭାପତି ସୁରେନ୍ଦ୍ର ନେଗୀ, ସମ୍ପାଦକ ଶେଷଦେବ ମିଶ୍ର, ବ୍ରାହ୍ମଣ ସମାଜ କଳାହାଣ୍ଡିର ବରିଷ୍ଠ ସଦସ୍ୟ ଆଦିତ୍ୟ ମିଶ୍ର, ବାଞ୍ଛାନିଧି ମିଶ୍ର, ଗିରିଜା ବାବୁ, ଚିନ୍ମୟ ବେହେରା, ସୂର୍ଯ୍ୟ ନାରାୟଣ ଯୋଷୀ, ସନ୍ତୋଷ ଦାସ, ଜନ୍ମେଜୟ ମହାପାତ୍ର, ସୁନୀଲ ବେହେରାଙ୍କ ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୧ ମୃତ, ଜଣେ ଗୁରୁତର

ଥୁଆମୂଳ ରାମପୁର,୧୦।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରଠାରୁ ଡୁମେରପଦରକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତାର କାଠକୁରା ନିକଟ ସାହୁ ଜଙ୍ଗଲ ଅଞ୍ଚଳରେ ଏକ ବାଇକ୍ ଦୁର୍ଘଟଣା ଘଟିଛି।

ଦ୍ରୁତ ଗତିରେ ବାଇକ୍ ଚାଳନା କରୁଥିବାବେଳେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତା ତଳକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ପାଇ ଅଗ୍ନିଶମ ବିଭାଗର ଗାଡ଼ି ତତ୍‌ଶାତ୍ ପହଞ୍ଚି ଆହତ ଦୁଇ ଯୁବକଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ଜଣେ ଯୁବକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ ଯୁବକ ଜଣକ ଡୁମେରପଦର ଗ୍ରାମର କେଶବ ମାଝୀ (୨୨) ବୋଲି ଜଣାପଡିଥିବା ବେଳେ, ଗୁରୁତର ଆହତ ଯୁବକ ସାନଦେର୍ଲା ଗ୍ରାମର ବିନୋଦ ରାଉତ (୨୦) ବୋଲି ସୂଚନା ମିଳିଛି। ଆହତ ବିନୋଦଙ୍କ ଚିକିତ୍ସା ଚାଲିଛି। ଏହି ଘଟଣା ପରେ ଥୁଆମୂଳ ରାମପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### କଳାହାଣ୍ଡି ଦକ୍ଷିଣ ବନଖଣ୍ଡ

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ରୋଡ୍‌ମ୍ୟାପ୍




ଭବାନୀପାଟଣା,୧୦।୨(ସମିସ)

ପୋଡୁ ଚାଷ ଆଦିବାସୀ ଜୀବନ ତଥା ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ମଧ୍ୟ ଜଙ୍ଗଲ ଅବକ୍ଷୟ ପାଇଁ ଦାୟି କରାଯାଉଛି। ପରିବର୍ତ୍ତିତ ପରିସ୍ଥିତିରେ ପାରମ୍ପରିକ ପୋଡୁ ଚାଷ ବଜାୟରଖିବା ଦ୍ୱାରା ଅନେକ ସମସ୍ୟା ଦେଖାଦେଇଥାଏ। ସ୍ଥିତି ଏପରି ହେଲାଣି ଯେ ଅଣଆଦିବାସୀମାନେ ମଧ୍ୟ ଚାଷ କରିବାଆଳରେ ଜଙ୍ଗଲ ଧ୍ୱଂସ କରୁଥିବା ନଜିର ରହିଛି। ତେବେ ଜଙ୍ଗଲ ସୁରକ୍ଷା ବନ ବିଭାଗର ମୌଳିକ ଦାୟିତ୍ୱ ହୋଇଥିବାରୁ ଜଙ୍ଗଲ ନିଆଁ ଆୟତ୍ତ କରିବାକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ବନ ବିଭାଗ ବ୍ୟାପକ ଭାବରେ ପ୍ରସ୍ତୁତି ପାଇଁ ରୋଡ ମ୍ୟାପ କରିଥିବା ଦକ୍ଷିଣ ବନଖଣ୍ଡ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏସିଏଫ୍ ଓମକାର ଦାସ ପ୍ରକାଶ କରିଛନ୍ତି। ପୂର୍ବ ବନାଗ୍ନି ଋତୁରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡରେ ପ୍ରାୟ ୧୦୮୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। ଯାହାର ପ୍ରଧାନ କାରଣ ଶୁଷ୍କ ପାଗ, ଶୁଷ୍କ ବାୟୋମାସର ସଞ୍ଚୟ ଏବଂ ମାନବଜନିତ କାରଣ ଅଟେ।

ପୂର୍ବବର୍ଷକୁ ଆଧାର କରି କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଚଳିତବର୍ଷ ପାଇଁ ଅଗ୍ନି ନିର୍ବାପନ ପ୍ରସ୍ତୁତିକୁ ଗୁରୁତର ଭାବେ ନୀତି ନିୟମ ଓ କାର୍ଯ୍ୟଶୈଳୀକୁ ଦୃଢ଼ୀଭୂତ କରିଛି। ଜିଲ୍ଲାପାଳଙ୍କ ଦ୍ୱାରା ଗତ ଜାନୁଆରୀ ୫ ତାରିଖରେ କଳାହାଣ୍ଡି ପାଇଁ ଜିଲ୍ଲା ଅଗ୍ନି ନିର୍ବାପନ କାର୍ଯ୍ୟ ଯୋଜନାକୁ ଅନୁମୋଦନ କରାଯାଇଛି। କଳାହାଣ୍ଡି ଦକ୍ଷିଣ ବନଖଣ୍ଡର ବନାଗ୍ନି ପ୍ରବଣ ଅଞ୍ଚଳରେ ପୂର୍ବ ବର୍ଷର ପୁରୁଣା ଅଗ୍ନି ନିର୍ବାପନ ଲାଇନ ସହିତ ୮୬୭ କି.ମି. ନୂତନ ଅଗ୍ନି ନିର୍ବାପନ ଲାଇନ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରାଯାଉଛି। ଏହି କଳାହାଣ୍ଡି ଦକ୍ଷିଣ ବନ ଖଣ୍ଡରେ ବିଭିନ୍ନ ରେଞ୍ଜ, ସେକ୍ସନ ଏବଂ ବିଟ୍ ସ୍ତରରେ ୯ଟି ନିର୍ଦ୍ଦିଷ୍ଟ ବନାଗ୍ନି ସୁରକ୍ଷା ଦଳ ନିଯୁକ୍ତ କରାଯାଇଛି ଏବଂ ୯ ଗୋଟି ଅଗ୍ନିଶମ ଯାନ ନିୟୋଜିତ କରାଯାଉଛି। ୧୩୮ଟି ଲିଫ୍ଟ ବ୍ଲୋଏର ସହ ଆନୁସାଙ୍ଗିକ ଅତ୍ୟାବଶ୍ୟକ ଅଗ୍ନି ନିର୍ବାପନ ଉପକରଣ ସହିତ ପ୍ରସ୍ତୁତ ଥିବା କୁହାଯାଇଛି। ବନସୁରକ୍ଷା ସମିତି ପରିବେଶ ବିକାଶ କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣକୁ ଜଙ୍ଗଲ ଅଗ୍ନି ନିବାରଣ ଏବଂ ପ୍ରଶମନ ପାଇଁ ସୁନିଶ୍ଚିତ କରାଯାଇଛି। ଜଙ୍ଗଲ ଅଗ୍ନି ନିବାରଣ ଏବଂ ପ୍ରଶମନ ପାଇଁ ୨୯୮ଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିବାରଣ ଏବଂ ପ୍ରଶମନ ପାଇଁ ୩୧୬ଟି ଜଙ୍ଗଲ ଅଗ୍ନି ପ୍ରଭାବିତ ସୀମାନ୍ତ ଗ୍ରାମକୁ ଜଙ୍ଗଲ ଅଗ୍ନି ନିବାରଣ ଏବଂ ପରିଚାଳନା ଲାଗି ଚିହ୍ନଟ କରାଯାଇଛି। ୨୩୦ ଜଣ ବନ କର୍ମଚାରୀ ଓ ଅଗ୍ନିଶମ ଦଳ ସଦସ୍ୟଙ୍କୁ ତାଲିମ ଦିଆଯାଇଛି। ପ୍ରଭାବିତ ଗ୍ରାମକୁ ଜଙ୍ଗଲ ଅଗ୍ନି ନିବାରଣ ଏବଂ ପରିଚାଳନା ପାଇଁ ଚିହ୍ନଟ କରାଯାଇଛି। ବିଭାଗକାର ତାଲିକା ଜଙ୍ଗଲ ଅଗ୍ନି ନିବାରଣ ଏବଂ ପରିଚାଳନା ଉପରେ ପ୍ରଦର୍ଶନ ୨୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ କ୍ଷେତ୍ରସ୍ତରୀୟ କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ଚିକିତ୍ସା କର୍ମଚାରୀମାନେ ସାମିଲ ଥିଲେ। ପ୍ରାୟ ୨୩୦ ଟି ବନକର୍ମଚାରୀ ଏବଂ ଅଗ୍ନିଶମ ଦଳକୁ ଜଙ୍ଗଲ ଅଗ୍ନି ନିବାରଣ ଏବଂ ନିୟନ୍ତ୍ରଣ ଲାଗି ତାଲିମ ଦିଆଯାଇଥିବା ଏସିଏଫ୍ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରେଞ୍ଜର ଦୀପ୍ତିମାନ ପଣ୍ଡା ଓ ଯୋଗେନ୍ଦ୍ର ମାଝୀ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ଚଢ଼ଉ; ୨ ଗିରଫ

ଧର୍ମଗଡ଼,୧୦।୨(ସମିସ): ଧର୍ମଗଡ଼ ଅବକାରୀ ବିଭାଗର ଚଢ଼ଉବେଳେ ୨ ମଦ ବେପାରୀ ଗିରଫ ହୋଇଛନ୍ତି। ଗିରଫ ଦୁଇଜଣେ ହେଲେ ଗୋଲାମୁଣ୍ଡା ବ୍ଲକର ଫୁଣ୍ଡା ଗାଁର ରୂପେଶ ସେଠୀ ଓ ଦଶପୁର ଗାଁ ର ଧର୍ମେନ୍ଦ୍ର ସାହୁ। ବହୁଦିନ ଧରି ଦୁହେଁ ଚୋରା ମଦ ବିକ୍ରି କରୁଥିବା ଅବକାରୀ ବିଭାଗ ନିକଟରେ ଖବର ରହିଥିଲା। ଅବକାରୀ ଅଧିକାରିଣୀ ପ୍ରତିମା ବେହେରାଙ୍କ ନେତୃତ୍ୱରେ



ଏକ ଟିମ୍ ଚଢ଼ଉ କରିଥିଲା। ଚଢ଼ଉବେଳେ ରୂପେଶ ସେଠୀଙ୍କ ନିକଟରୁ ୭,୮୦୦ଲିଟର ବିୟର ଓ ୪,୫୦୦ଲିଟର ବିଦେଶୀ ମଦ ଓ ଧର୍ମେନ୍ଦ୍ର ଙ୍କ ଠାରୁ ୫,୨୦୦ଲିଟର ବିୟର ବିଭାଗ ଜବତ କରିଛି। ପୃଥକ୍ ପୃଥକ୍ ଭାବେ ଦୁଇଜଣଙ୍କ ନାମରେ ମାମଲା ରୁଜୁ କରି ଗିରଫ କରିଛି। ଚଢ଼ଉ ଟିମରେ ଅବକାରୀ କର୍ମଚାରୀ ଭଜଲାଲ ପଟେଲ ଓ ଯଶୋବନ୍ତି ଭୋଇ ପ୍ରମୁଖ ସାମିଲ ରହିଥିଲେ।

## ଗୋଲାମୁଣ୍ଡାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




ଗୋଲାମୁଣ୍ଡା,୧୦।୨(ସମିସ): ଗୋଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଉଛି ଉଦ୍ୟୋଗୀମାନଙ୍କୁ ସହାୟତା କରିବା, ଯାହାଦ୍ୱାରା ସେମାନେ ନୂତନ ବ୍ୟବସାୟ ଆରମ୍ଭ କରିପାରିବେ, ବର୍ତ୍ତମାନର ବ୍ୟବସାୟକୁ ବିକଶିତ କରିପାରିବେ ଏବଂ ବଜାରରେ ପ୍ରତିଯୋଗିତା କରିପାରିବେ। ଉଦ୍ୟମିତା କ୍ଷେତ୍ରରେ ତାଲିମ ଏବଂ ପରାମର୍ଶ ସେବା ଯୋଗାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସେବାଗୁଡ଼ିକର ଏକ ନେଟୱାର୍କକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିଚାଳନା କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଛୋଟ ବ୍ୟବସାୟ ବିକାଶ କେନ୍ଦ୍ର, ମହିଳା ବ୍ୟବସାୟ କେନ୍ଦ୍ର ଭଳି ସଂଗଠନ ଅନ୍ତର୍ଭୁକ୍ତ। ମହିଳା ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ତାଲିମ, ବୈଷୟିକ ସହାୟତା ଏବଂ ପାଣ୍ଠି ଯୋଗାଣରେ ସହାୟତା ଏକ ଅଣଲାଭକାରୀ ସଂଗଠନ, ଉଦ୍ୟୋଗୀ ତଥା ଛୋଟ ବ୍ୟବସାୟୀମାନଙ୍କୁ ମାଗଣା ପରାମର୍ଶ ପ୍ରଦାନ କରିପାରିବେ ବୋଲି ଅତିଥିମାନେ ନିଜନିଜ ମତ ରଖିଥିଲେ।

ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଶିଳ୍ପ କେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁର ମହାନନ୍ଦ, ବରିଷ୍ଠ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ମାନସ ମିଶ୍ର, ଦୀପକ ଅଗ୍ରୱାଲ ଡିଆଇସି ଜେନେରାଲ ମ୍ୟାନେଜର, ଜେବାନନ୍ଦ ପ୍ରଧାନ ଏଆଇଓ ଡିଆଇସି, ବିଶ୍ୱଜିତ୍ କଅଁର ଏ.ଆଇ.ଓ, ଗୋଲାମୁଣ୍ଡା ଡିଆଇସି ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକର କୋଣ ଅନୁକୋଣରୁ ୮୦ରୁ ଅଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ।

## ପତିଆଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନୂଆପଡ଼ା/ସିନାପାଲି,୧୦।୨(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ପତିଆଲପଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ପୂର୍ଣ୍ଣମୀ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗିରିଧାରୀ ମେହେର କ୍ରୀଡ଼ା ଉତ୍ସବର ଆରମ୍ଭ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ୧୩ ଗୋଟି ପ୍ରତିଯୋଗିତା କରାଯାଇଥିଲା। ଯେଉଁଥିରେ ଶିଶୁ ବାଟିକା ଛାତ୍ର ଛାତ୍ରୀଙ୍କ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ପିତାମ୍ବର ଜଗତଙ୍କ ତତ୍ୱାବଧାନରେ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ ସିନାପାଲି ଯତୀନ୍ଦ୍ର କୁମାର ସେଠ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସିନାପାଲି ପ୍ରଦୀପ କୁମାର ପଣ୍ଡା, କ୍ଲଷ୍ଟର ସମ୍ବଳ କେନ୍ଦ୍ର ସଂଯୋଜକ ଭରୁଆମୁଣ୍ଡା ରାଧେଶ୍ୟାମ ସୁନାନୀ, ନୂଆପଡା ସରପଞ୍ଚ ପୂର୍ଣ୍ଣମୀ ମାଝୀ ଯୋଗଦେଇ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ସିଆରସିସି ସୁନାନୀ ସମସ୍ତ ଛାତ୍ରଛାତ୍ରୀମାନେ ଯେପରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ଓ ନିଜ ଭିତରେ ଥିବା ଭୟକୁ ଦୂରକରି ନିଜର ଦକ୍ଷତାକୁ ଚିହ୍ନଟ କରିପାରିବେ ସେ ଉପରେ ମାର୍ଗଦର୍ଶନ କରିଥିଲେ।



ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ମି ଓରାମ ଯୋଗଦେଇ ଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ସ୍ମୃତି ସ୍ମାରକୀ, ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏଠାରେ ସବୁଠାରୁ ଆକର୍ଷଣୀୟ ଓ ମନଛୁଆଁ ମୁହୂର୍ତ୍ତ ଥିଲା ବିଦ୍ୟାଳୟରେ ନିୟୋଜିତ ଚାରିଜଣ ପାଚିକାମାନଙ୍କୁ ସେମାନଙ୍କର ନିଷ୍ଠାପର ସେବା ପାଇଁ ''ନୀରବ ଅବଦାନକାରୀ' ଭାବେ ମଞ୍ଚରେ ଡାକି ସମ୍ମାନିତ କରାଯାଇଥିଲା। ଶିଶୁ ବାଟିକାରୁ ପ୍ରଥମ ଓ ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ଶୌଚାଳୟ ନିର୍ମାଣ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଦେବରାଜ ଭୋଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ''ହମ ପତିଆଲପଡା କେ ବଚ୍ଚେ ହେଁ'' ଶୀର୍ଷକ ଭେଟି ଦେଇଥିଲେ। ସହକାରୀ ଶିକ୍ଷକ ସଞ୍ଜୁ ନିଆଲ ଓ ଦେବରାଜ ଭୋଇ ପରିଚାଳନା କରିଥିବାବେଳେ ଅନ୍ୟଶିକ୍ଷକ ପିତାମ୍ବର ଜଗତ, ମହେନ୍ଦ୍ର ପାଣ୍ଡେ, ଟଙ୍କଧର ମେହେର, ତ୍ରିବିକ୍ରମ ଗହୀର, ସୁବାସ ଦୀପ, ଲିଙ୍ଗ ନାଗ, ଅଟଳସିଂ କଟା, ଲୋକନାଥ ଛତ୍ରିଆ, ରାଜେନ୍ଦ୍ର ମାଝୀ ଓ ଖୟରାମ ହଂସ (ଜଗୁଆଳି) ସହଯୋଗ କରିଥିଲେ। ଶିକ୍ଷକ କୁବେର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏଭିକୁ ସରକାରୀ ବସ୍ ଚଳାଚଳ ଦାବି

କୋମନା,୧୦।୨(ସମିସ): କୋମନା ବ୍ଲକ ମୁଖ୍ୟାଳୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସରକାରୀ ବସ୍ ଚଳାଚଳ ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ବିଦ୍ୟାଳୟରେ ପର୍ଯ୍ୟାପ୍ତ ଆବାସିକ ସୁବିଧା ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ କାରଣ ହେଲା ଆଦର୍ଶ ବିଦ୍ୟାଳୟରେ ଅନେକ ସାଧାରଣ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ସମସ୍ତଙ୍କ ପାଇଁ ହଷ୍ଟେଲ ସୁବିଧା ଉପଲବ୍ଧ ନ ଥିବାରୁ ସେମାନଙ୍କୁ ପ୍ରତିଦିନ ଘରୁ ଯିବା ଆସିବା କରିବାକୁ ପଡୁଛି। କୋମନା ମୁଖ୍ୟାଳୟରୁ ବିଦ୍ୟାଳୟକୁ ଯିବା ପାଇଁ ସଠିକ୍ ପରିବହନ ବ୍ୟବସ୍ଥା ନାହିଁ। ଫଳରେ ଛାତ୍ରଛାତ୍ରୀମାନେ ଅଟୋ କିମ୍ବା ବେସରକାରୀ ଗାଡ଼ି ଉପରେ ସର୍ବଦା ନିର୍ଭର କରି ହଇରାଣ ହେଉଛନ୍ତି। ସଠିକ୍ ସମୟରେ ବସ୍ ନମିଳିବା ଯୋଗୁଁ ଛାତ୍ରଛାତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚି ପାରୁନାହାନ୍ତି ଏବଂ ଗରିବ ପରିବାରର ପିଲା ଅଧିକ ଯାତାୟାତ ଖର୍ଚ୍ଚ ବହନ କରିବାରେ ଅସମର୍ଥ ହେଉଛନ୍ତି। ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ମତରେ, ଯଦି କୋମନା ବ୍ଲକ ମୁଖ୍ୟାଳୟରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ସରକାରୀ ବସ୍ ବା ମୋ ବସ୍ ସେବା ଆରମ୍ଭ କରାଯାଏ, ତେବେ ଶତାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ହେବ। ଏହି ଦାବିପୂରଣ ପାଇଁ ସେମାନେ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଡୋକରୀ ଚଞ୍ଚରାରେ ଡୋକରୀ ଦେବୀଙ୍କ ଯାତ୍ରା

କୋକସରା,୧୦।୨(ସମିସ)



କଳାହାଣ୍ଡିର ଏକ ଗୌରବ ମୟ ସଂସ୍କୃତି, ପରମ୍ପରା ଓ ଇତିହାସ ରହିଛି। ଆଜି ମଧ୍ୟ କଳାହାଣ୍ଡିରେ ଆଦିମ ସଂସ୍କୃତିର କ୍ଷୀଣଧାରା ଦେଖିବାକୁ ମିଳେ। ସେହି କ୍ରମରେ ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାଠାରେ ଥିବା ଆଦିବାସୀଙ୍କ ଆଦିମ ଦେବୀ ଡୋକରୀ ବୁଢ଼ୀଙ୍କଠାରେ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ବାର୍ଷିକ ମଣ୍ଡେଇ ଯାତ୍ରା କଳାହାଣ୍ଡିଆ ସଂସ୍କୃତିର ମୁକସାକ୍ଷୀ ଭାବେ ଆଜି ମଧ୍ୟ ପାଳିତ ହୋଇଆସୁଛି। ମଙ୍ଗଳବାର ଡୋକରୀ ଚଞ୍ଚରାଠାରେ ଡୋକରୀ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପାରମ୍ପାରିକ ରୀତିନୀତିରେ ପାଳିତ ହୋଇଛି। ଦେବୀଙ୍କ ପୀଠରେ ସକାଳୁ ପାରମ୍ପରିକ ରୀତିନୀତିରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ମଣ୍ଡେଇ ଯାତ୍ରାରେ ଖଲିଗଡ ଗ୍ରାମର ପୁଝାରୀ ଘରୁ ଘଟିମୁଣ୍ଡିଆଣି, ମାଉଳୀ ଓ ଠାକୁରାଣୀ ଦେବିଙ୍କ ଲାଠି ବାହାରି ଧରଣୀ ମନ୍ଦିର, ବରା ଭୀମା, ଦୋକରୀ ପୀଠରେ ପୂଜାର୍ଚ୍ଚନା ପରେ ଡୋକରୀ ଦେବୀଙ୍କ ପୂଜା ସ୍ଥଳକୁ ପହଞ୍ଚିଥିଲେ। ପୀଠରେ ପୂଜାର୍ଚ୍ଚନା ପରେ ବିଭିନ୍ନ ଦେବାଦେବୀଙ୍କ ଲାଠି କାଳିଶୀ ଦେବୀଙ୍କ ପୀଠରୁ ଡୋକରୀ ଚଞ୍ଚରା ପରିସରରେ ପରିକ୍ରମା କରି ଶ୍ରୀରାମ ମନ୍ଦିର ଦର୍ଶନ କରି ପୁଣି ପୀଠକୁ ଫେରିଥିଲେ। ଏହି ସମୟରେ ଶହଶହ ଶ୍ରଦ୍ଧାଳୁ ଭକ୍ତ ମା'ଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରି ମାନସିକ କରିଥିଲେ। ପରେ ଡୋକରୀ ଦେବୀଙ୍କ ନିକଟରେ ବଳି ପଡ଼ିଥିଲା। କୁହାଯାଏ ମହାପ୍ରଭୁ ଶ୍ରୀରାମ ତ୍ରେତୟା ଯୁଗରେ ବନବାସ ସମୟରେ ଆଦିବାସୀମାନଙ୍କ ସହିତ ନିବିଡ଼ ସମ୍ପର୍କ ରହିଥିଲା। ଏବଂ ଏହି ସମୟ ମଧ୍ୟରେ ଆଦିବାସୀଙ୍କ ସହିତ ମିଳିମିଶି ଧନୁ ଶିକ୍ଷା, ଖାଦ୍ୟପେୟ ଆଦି ଶିକ୍ଷା ଲାଭ କରିଥିଲେ। ତେବେ ଫେରିବା ସମୟରେ ଶ୍ରୀରାମ ମର୍ଯ୍ୟାଦା ପୁରୁଷୋତ୍ତମ ହୋଇ ଫେରିଥିବା ଅନେକ କୁହନ୍ତି। ତେଣୁ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ ଆଦିବାସୀ ମାନଙ୍କ ଆଦୀମ ପରମ୍ପରା ଅନୁସାରେ ପାଳିତ ହୋଇ ଆସୁଛି ଦେବୀଙ୍କ ମଣ୍ଡେଇ ଯାତ୍ରା। ଡୋକରୀ ଦେବୀଙ୍କ ପୁଝାରୀ ମାନସିଂ ପୁଝାରୀ, ଶିରା ନବେ ମାଝୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଡୋକରୀ ଚଞ୍ଚରା ଉନ୍ନୟନ କମିଟି(ଇଟିଜି) ସଭାପତି ଡମ୍ବୁରୁ ମାଝୀ, ସମ୍ପାଦକ ମଣିରାମ ବାଣୁଆ, ସହସମ୍ପାଦକ ଖଗେଶ୍ୱର ପାଣିଗ୍ରାହୀ, ସରପଞ୍ଚ ହରିପ୍ରିୟା ନାଗ, ଶିବପ୍ରସାଦ ବାଣୁଆ, ପଦ୍ମନ ଚଲାନ, ବିରେନ କନ୍ଦ, ପରମାନନ୍ଦ ନାଗ, ଦିଲୀପ ନାଏକ, ଯୋଗୀନ୍ଦ୍ର ପୁଝାରୀ, କିଶୋର ସା, ମଞ୍ଜିତ ମାଝୀ, ମୁକୁନ୍ଦ ନିଏଲ, ତ୍ରିନାଥ ପୁଝାରୀ, ଜଗା ପୁଝାରୀ, ରଘୁନାଥ ଖମାରୀ, ଦେବି ସିଂ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଧୁରୁନି ସୋଲଗୁଡ଼ା ବିଦ୍ୟାଳୟ ସମସ୍ୟା

# ଅଭିଯୋଗ ଶୁଣାଣିରେ ପହଞ୍ଚି ଗୁହାରି କଲେ ଛାତ୍ରଛାତ୍ରୀ, ଅଭିଭାବକ

ବଣାଇ, ୧୦।୨(ସମିସ)



ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାସ୍ତରରେ ଅଭିଯୋଗ କରିବା ପରେ ମଧ ସୋଲଗୁଡା ବିଦ୍ୟାଳୟ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଶେଷରେ ବାଧହୋଇ ଯୁଗ୍ମ ଜନଶୁଣାଣି ଶିବିରରେ ଗୁହାରି କରିବାକୁ ପହଞ୍ଚିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ପାଠ ପଢ଼ିବା ପାଇଁ ଆବଶ୍ୟକ କୋଠରି ନାହିଁ। ପ୍ରଥମରୁ ୮ମ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ୩ଟି ଭଙ୍ଗା ଦଦରା କୋଠରି ରହିଛି। ସେଥିରେ ପୁଣି ଅଫିସ, ମଧାହ୍ନଭୋଜନ ଚାଉଳ ଗୋଦାମ ରହିଛି। ଏଭଳି ସ୍ଥିତିରେ ଗଛତଳେ ପିଲାମାନେ ପଢ଼ିବାକୁ ବାଧ ହେଉଛନ୍ତି। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ସୋଲଗୁଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଏପରି ଦୁରବସ୍ଥା ଅଭିଭାବକଙ୍କୁ ହତବାକ୍ କରିଛି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳା ଓ ମନମାନୀ ଯୋଗୁଁ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଭିଭାବକ। ବାରମ୍ବାର ଗଣ ମାଧମରେ ଖବର ପ୍ରକାଶ କରାଯାଇଥିଲେ ମଧ କୌଣସି କଥାକୁ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଯନ୍ତ୍ରୀ। ୧୯୫୬ରେ ସ୍ଥାପିତ ଏହି ବିଦ୍ୟାଳୟଟି ୬୯ ବର୍ଷରେ ପହଞ୍ଚିଛି। ପରିତାପର ବିଷୟ ହେଲା ଅଞ୍ଚଳରେ ଶିକ୍ଷାର ଆଲୋକ ବର୍ଷିକା ସାଜିଥିବା ଏହି ଶିକ୍ଷାନୁଷ୍ଠାନ ଏବେ ନିଜେ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ବର୍ତ୍ତମାନ ବିଦ୍ୟାଳୟରେ ୩୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ। ବିଦ୍ୟାଳୟରେ ଶ୍ରେଣୀ କୋଠରି, ଶୌଚାଳୟ ଓ ରୋଷେଇଘର ପାଇଁ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅବଗତ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ପୂଜା ପୂର୍ବରୁ ବ୍ଲକ ପକ୍ଷରୁ ଉକ୍ତ କୋଠରିଗୁଡ଼ିକର ମରାମତି ଆରମ୍ଭ ହୋଇଥିଲା। ତାହା ମଧ ଅଧପନ୍ତରିଆ ଅବସ୍ଥାରେ ରହିଛି। ଏକ ଆଜ୍‌ବେଷ୍ଟସ୍ ଘରେ ଅସୁରକ୍ଷିତ ପରିବେଶରେ ରୋଷେଇ ହେଉଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଆଉ ଗୋଟିଏ ସମସ୍ୟା। ୮ଟି ଶ୍ରେଣୀକୁ ଅଛନ୍ତି ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି। ତେଣୁ ପାଠପଢ଼ା କିପରି ହେଉଥିବା ତାହା ସହଜରେ ଅନୁମେୟ। ଏନେଇ ସେ ସମୟରେ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ବାଙ୍କିରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଆମେ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବୁ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏନେଇ ଗୁରୁଣ୍ଡିଆ ବିଡ଼ିଓ ହାବିଲ ଖାଖାଙ୍କୁ ଯୋଗାଯୋଗ କରାଯିବାରୁ ସ୍କୁଲ କୋଠରୀ ଛାତ ପଡ଼ି ଯାଇଛି, ସପ୍ତାହେ ମଧ୍ୟରେ ସେଣ୍ଟ୍ରିଙ୍ଗ ଖୋଲା ଯାଇ ପ୍ଲାଷ୍ଟର କାମ କରିବା ପାଇଁ ସେ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏଥିସହ ଚଳିତ ମାସ ମଧ୍ୟରେ ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ସ୍କୁଲର ସମସ୍ୟା ଦୂର କରିବାକୁ କହିଛନ୍ତି। ଉପାନ୍ତ ଅଞ୍ଚଳର ଏହି ବିଦ୍ୟାଳୟ ପ୍ରତି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ବିଶ୍ରାରେ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର



**ରାଉରକେଲା, ୧୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ପକ୍ଷରୁ ବିଶ୍ରା ବ୍ଲକର ଉଡଶୁ ଗ୍ରାମ ପଞ୍ଚାୟତର ସରୁବାହାଲପଡ଼ା ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆରଏସପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଡା. ପ୍ରତିଭା ଷଡଙ୍ଗୀ, ସିଏସଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ରା, ଡିଜିଏମ ଟିବି ଟପ୍ପୋ, ଏଜିଏମ ବି. ଜେନା, ଡେପୁଟି ମ୍ୟାନେଜର ଏସକେ ସୁକୁଲା ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଆରଏସପିର ଚିକିତ୍ସକ ଦଳମାନଙ୍କ ମଧ୍ୟରେ ସର୍ଜରୀ ବିଭାଗର ଡା. ଜ୍ୟୋତି ରଞ୍ଜନ ସାହୁ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଦିବ୍ୟା, ମେଡିସିନ ବିଭାଗର ଡା. ଦେବାଶିଷ ରାୟ, ଶିଶୁ ରୋଗ ବିଭାଗର ଡାକ୍ତର କେ. କୋଣିଆ, ଇଏନ୍‌ଟି ବିଭାଗର ଡା. ଗୌତମ ଦାଶ, ଚକ୍ଷୁ ରୋଗ ବିଭାଗର ରାଜନିଶ ବଘେଲ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିପିଏସକେ ଲିଙ୍ଗରାଜ, ଫର୍ମାସିଷ୍ଟ ସଞ୍ଚାରୀ ପଟ୍ଟନାୟକ, ସିଏସ୍‌ଆର କୋ-ଅର୍ଡିନେଟର ବିକେ ମହାପାତ୍ର ଚିକିତ୍ସକ ଦଳଙ୍କୁ ସହଯୋଗ କରିଥିଲେ। ଶିବିରରେ ପ୍ରାୟ ୨୦୧ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୮ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।

## ଧର୍ମଘଟ ପାଇଁ ମିଳିତ ଟ୍ରେଡ୍ ୟୁନିଅନ୍‌ର ବୈଠକ



**ରାଉରକେଲା, ୧୦।୨(ସମିସ):** ଆଗମୀ ୧୨ ତାରିଖ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ, ଜନ ବିରୋଧି ନୀତି ବିରୁଦ୍ଧରେ ଓ ୪ଟି ଶ୍ରମ କାଡ୍ ପ୍ରତ୍ୟାହାର, ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ କରିବା, କୃଷକ ବିରୋଧୀ ବିହନ ବିଲ୍ ଓ ଜନ ବିରୋଧି ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୫ ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ

**ମଶାଲ ପଟୁଆର ଆଜି**

ଘରୋଇକରଣ, ଆଠ ଘଣ୍ଟା କାମ କରିବାର ଅଧିକାର ଦାବିରେ ଦେଶବ୍ୟାପୀ ୨୪ ଘଣ୍ଟିଆ ସାଧାରଣ ଧର୍ମଘଟ ଓ ହରତାଳକୁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାରେ ସଫଳ କରିବା ପାଇଁ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମାନଙ୍କ ଏକ ମିଳିତ ବୈଠକ ସେକ୍ଟର-୬ ସ୍ଥିତ ରାଉରକେଲା ମଜଦୁର ସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଚଏମ୍‌ଏସ ନେତା ଶଶଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ, ଯୁବ, ଛାତ୍ର, ମହିଳା, ଶ୍ରମିକ, କୃଷକ, କୃଷି ଶ୍ରମିକ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୧ ତାରିଖ ଆର୍ଥାତ୍ ବୁଧବାର ଏକ ମଶାଲ ପଟୁଆର ବିଶ୍ରା ଛକ ଠାରୁ ଆରମ୍ଭ ହୋଇ ରାଉରକେଲା ମୁଖ୍ୟ ବଜାର ଦେଇ ପାନପୋଷ ଛକ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଥିଲା। ୧୨ ତାରିଖ ଧର୍ମଘଟ ଦିନ ମିଳିତ ଟ୍ରେଡ ୟୁନିଅନ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ଧର୍ମଘଟକୁ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଆଇଏନଟିୟୁସି ନେତା ଅକ୍ଷୟ କୁମାର ଜେନା, ସୌମ୍ୟକାନ୍ତ ଧଳ, ସିଆଇଟିୟୁ ନେତା ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଏଚଏମ୍‌ଏସ୍ ନେତା କଳାକାର ସାହୁ, ସିଦ୍ଧେଶ୍ୱର ବଳ, ମୀନକେତନ ବେହେରା, ଏଆଇଟିୟୁସି ନେତା ପ୍ରଦୋଷ ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ଏଆଇୟୁଟିୟୁସି ନେତା ଅଜିତ ନାୟକ, ସୁବାଷ ଚନ୍ଦ୍ର ଦଣ୍ଡପାଟ, ଏଆଇସିସିଟିୟୁ ନେତା ରାଜା ମୁନା, ସିୟର ନେତା ହେମନ୍ତ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

## ୟୁଜିଆଇଇ ଆଲୁମିନି ଆସୋସିଏସନ୍‌ର 'ଟେକ୍ ଫିଉଜନ୍'



**ରାଉରକେଲା, ୧୦।୨(ସମିସ) :** ରାଉରକେଲାର ୟୁଜିଆଇଇ ପରିସରରେ ୟୁଜିଆଇଇ ପୂର୍ବତନ ଛାତ୍ର ସଂଘର ଚତୁର୍ଥ ବାର୍ଷିକ ଉତ୍ସବ 'ଟେକ ଫିଉଜନ - ୨୦୨୬' ପାଳିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂଘର ପ୍ରଚେଷ୍ଟାରେ ପ୍ରତିଷ୍ଠିତ ୟୁଜିଆଇଇର ମୁଖ୍ୟ ଗେଟ୍ 'ଜ୍ଞାନ ଦ୍ୱାର'କୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ୟୁଜିଆଇଇର ପୂର୍ବତନ ଛାତ୍ର ଇଂ. ଜୁଏଲ ଓରାମ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଛାତ୍ର ସଂଘର କାର୍ଯ୍ୟକାରୀ ସଭାପତି ଇଂ. ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ତଥା ପୂର୍ବତନ ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ରାଉରକେଲାର ବିଧାୟକ ଇଂ. ସାରଦା ପ୍ରସାଦ ନାୟକ, ୟୁଜିଆଇଇର ଅଧ୍ୟକ୍ଷ ଶରତ କୁମାର ମୁଦୁଲି, ପୂର୍ବତନ ଅଧ୍ୟକ୍ଷ ପ୍ରଗତୀ ଦାସ, ପିସି ରଥ ମଞ୍ଚାସୀନ ଥିଲେ। ପୂର୍ବତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୟୁଜିଆଇଇର ଗରିମା ବୃଦ୍ଧି କରିଥିବା ପୁରାତନ ଛାତ୍ର ଡଃ ସମୀର ଆଚାର୍ଯ୍ୟ, ଡଃ ଯତୀନ୍ଦ୍ର ନାୟକ, ଇଂ ଗୁରୁପ୍ରସାଦ ଦାସ, ଇଂ ଧିରେନ କୁମାର ନାଥ, ଇଂ ପ୍ରଶାନ୍ତ କୁମାର ବେହେରା, ଇଂ ପୁରୁଷୋତ୍ତମ ସେଠୀ, ଆଇଇଏସଓ ଇଂ ଉମାଶଙ୍କର ପଣ୍ଡା, ସାଇଣ୍ଟିଷ୍ଟ ବାର୍କଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଛାତ୍ର ସଂଘର ଉପସଭାପତି ଇଂ ପ୍ରତାପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଜୀବନସାଥୀମାନଙ୍କୁ ନେଇ ବିଭିନ୍ନ କୁଇଜ୍, ଖେଳ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସ୍ମିତା ମିଶ୍ର ଏହାକୁ ପରିଚାଳନା କରିଥିଲେ। ଶେଷ ଅଧିବେଶନରେ ସଂଘର ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଇଥିଲା। ରାଉରକେଲାର ସଫଳ ଉଦ୍ୟୋଗୀ ତାପସ ଆଚାର୍ଯ୍ୟ, ସୁନିଲ କାୟଲ, ଇଂ. ମନୋଜ ରାଉତରାୟ, ପୂର୍ବତନ ଛାତ୍ର ତଥା ପୂର୍ବତନ ଅଧ୍ୟକ୍ଷ ଇଂ ଚକ୍ରଧର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୟୁଜିଆଇଇ ଟ୍ୟାଲେଣ୍ଟ ହଣ୍ଟ ବିଜେତା ଓ ବିଭିନ୍ନ ବିଭାଗର ବ୍ରାଞ୍ଚ ଟପ୍ପରମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଆଲୁମିନି ଆସୋସିଏସନକୁ ସଦା ସର୍ବଦା ସାହାଯ୍ୟ କରିଆସୁଥିବା ଆଲୁମିନୀମାନଙ୍କୁ ବେଷ୍ଟ ମୋଟିଭେଟର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସଭାପତି ଇଂ ବୈଲୋଚନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଜିଆଇଇର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟା ଦର୍ଶିନୀ ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ କଲିକତାର କଳାକାରମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣ ସମ୍ପାଦକ ଇଂ ଶୁଭେନ୍ଦୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମାରୋହରେ ଇଂ ଲଲାଟେନ୍ଦୁ ମିଶ୍ର, ଇଂ ଅନାଦି ଚରଣ ବିଶ୍ୱାଳ, ଇଂ ସଜଳ ବାନାର୍ଜୀ, ଇଂ ପ୍ରଭାତ ରଞ୍ଜନ ତ୍ରିପାଠୀ, ପଙ୍କଜ ସାମନ୍ତ, ଇଂ ସୁଭାଷିନୀ ଜେନା, ଇଂ ଇପ୍ସିତା ମିଶ୍ର, ଇଂ ମନୋଜ ମହନ୍ତ, ଇଂ ତାପସ ଜେନା, ଇଂ ହିମାଂଶୁ ଶେଖର ପ୍ରଧାନ, ଇଂ କୌସ୍ତଭ ପଣ୍ଡିତ, ଇଂ ଶଶୀକାନ୍ତ ବେହେରା, ଇଂ ଅମର ସାହୁ, ଇଂ ପ୍ରଦୀପ ସାହୁ, ଇଂ ଜିତେନ୍ଦ୍ର ଶତପଥୀ, ଇଂ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କୁ ଛୁରା ମାଡ଼

**ରାଉରକେଲା, ୧୦।୨(ସମିସ):** ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ସୋମବାର ରାତିରେ ମହିଳାଙ୍କୁ ଛୁରା ମାଡ ହୋଇଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଛରାମାଡର ଶିକାର ହୋଇଥିବା ମହିଳା ସୂଚନାନୁଯାୟୀ, ଜଗଦା ଜେ-୩ରେ ରହୁଥିବା ତପନ ସାମଲଙ୍କ ପତ୍ନୀ ରୀତାବାଳା ସାମଲଙ୍କ ସମ୍ପର୍କୀୟ କୁହାଯାଉଥିବା ଚନ୍ଦନ ସାମଲ ଜମି କ୍ରୟ କରି ଦେବାକୁ କହି ରୀତାବାଳାଙ୍କ ସମେତ ଜଗଦା ଅଞ୍ଚଳରେ ଅନେକ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ନେଇ ଫେରାଉ ନଥିଲେ। ଟଙ୍କା ମାଗିବାରୁ ଚନ୍ଦନ ରିତାରାଣୀଙ୍କ ଫଟୋକୁ ଏଆଇ ମାଧ୍ୟମରେ ଅଶ୍ଳୀଳ କରି ଭାଇରାଲ କରିଦେବାକୁ କହି ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ଏହାକୁ କେନ୍ଦ୍ର କରି ରୀତାବାଳା ଚନ୍ଦନ ସାମଲଙ୍କୁ ଗାଳିଗୁଲଜ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷୀପ୍ତ ହୋଇ ଚନ୍ଦନ ରୀତାବାଳାଙ୍କୁ ସୋମବାର ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିଲା। ରୀତାବାଳାଙ୍କୁ ଗୁରୁତର ଅବସ୍ଥାରେ ସିଡବ୍ଲ୍ୟୁସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଏଲ୍‌ଇଡି ବଲ୍‌ବ ପ୍ରସ୍ତୁତି ଓ ମରାମତି ପ୍ରଶିକ୍ଷଣ

**କୁତ୍ରା, ୧୦।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଇକୋକ୍ଲବ୍ ଦ୍ୱାରା ଏକ ଦିନିଆ ଏଲ୍‌ଇଡି ବଲ୍‌ବ ପ୍ରସ୍ତୁତି ଓ ମରାମତି ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ କମ୍ ଖର୍ଚ୍ଚରେ ଏଲ୍‌ଇଡି ବଲ୍‌ବ କିପରି ତିଆରି କରାଯାଇପାରିବ ଏବଂ ଏହାର ମରାମତି କିପରି କରାଯିବ



ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ପ୍ରଶିକ୍ଷକ ମେକାନିକ୍ସ ମୁସ୍ତାକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ଇକୋ କ୍ଲବ୍ ଇନ୍‌ଚାର୍ଜ ଶିକ୍ଷକ ମହେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ପରେ ମେକାନିକ୍ସ ମୁସ୍ତାକ ପ୍ରଶିକ୍ଷଣ ଦେଇଥିଲେ। କିପରି ବଜାରରୁ ଶସ୍ତା ଉପାଦାନ ନେଇ କେବଳ ୨୦ ଟଙ୍କା ମଧ୍ୟରେ ଏକ ପୂର୍ଣ୍ଣ ଏଲଇଡି ବଲ୍ବ ତିଆରି କରାଯାଇ ପାରିବ ଏବଂ ୧୦ ଟଙ୍କା ମଧ୍ୟରେ ଏହାର ସରଳ ମରାମତି କରାଯାଇ ପାରିବ ସେ ଉପରେ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଇକୋ କ୍ଲବ୍ ଇନ୍‌ଚାର୍ଜ ମହେନ୍ଦ୍ର ସିଂହ ଧନ୍ୟବାଦ ଜଣାଇଥିଲେ। ଅନୁଷ୍ଠାନର କୁମାରୀ ଜୟପୁରିଆ, ମମତା ସ୍ୱାଇଁ, ଭିକାରି ଦାସ, ପ୍ୟାରେଲାଲ ସାହୁ, କୃଷ୍ଣ ଚନ୍ଦ୍ର ମହାରଣା, ସୁଷମା ଦାସଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୧୦।୨(ସମିସ):** ନୂଆଗାଁ ବ୍ଲକ ହାତିବାରୀ ଥାନା ନୂଆଗାଁ ଫାଣ୍ଡି ପୁଲିସ ପକ୍ଷରୁ ସୋମବାର ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ନୂଆଗାଁ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଆଜିର ଯୁବ ସମାଜକୁ ଗାଡି ଚାଳନା ଉପରେ ବିଭିନ୍ନ




ସ୍ଲୋଗାନ ମାଧ୍ୟମରେ ସଚେତନ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ହେଲମେଟ ପିନ୍ଧି ନଥିବା ଗାଡି ଚାଳକଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯିବା ସହ ହେଲମେଟ ପ୍ରଦାନ କରାଯାଇ ସଚେତନ କରାଯାଇଥିଲା। ଏହି ଅବସରରେ ନିଜ ସୁରକ୍ଷା ପାଇଁ ହେଲମେଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଦ୍ରୁତ ଗତିରେ ଗାଡି ନ ଚଳାଇବା ଆଦି ଉପରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ସୁବନାଥ ମାହାତ, ଗୋପବନ୍ଧୁ ନାୟକ, ମଳୟ ରଞ୍ଜନ ମାହାତ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ଭାରତ ସଚେତନତା ପଦଯାତ୍ରା




**ବଣାଇଁ, ୧୦।୨(ସମିସ):** ଆଜି ବଣାଇଁ ପ୍ରଶାସନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଫିତା କାଟି ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ସ୍ଥାନୀୟ ଦେଓଗାଁ ଛକଠାରୁ ଆରମ୍ଭ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ନିଶା ସେବନ ନକରିବାକୁ ଓ ଭାରତକୁ ନିଶାମୁକ୍ତ ରଖିବା ପାଇଁ ଯୁବପିଢ଼ି ତଥା ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରେ କାର୍ଯ୍ୟାଳୟ ସମ୍ମୁଖରେ ଉପଜିଲ୍ଲାପାଳ ନିଶାମୁକ୍ତି ଅଭିଯାନର ଶପଥ ପାଠ କରାଇଥିଲେ। ଏଥିରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ, କର୍ମଚାରୀ ସନ୍ତୋଷ କୁମାର ଦାଶ, ରଞ୍ଜନ କୁମାର ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ, ସେକ୍ସନ ଅଧିକାରୀ ଯୋଗେନ୍ଦ୍ର ଶେଖର ସାହୁ, ସମସ୍ତ ବିଏସଏସଓ, ଏବିଇଓ ବଣାଇ, ସମସ୍ତ ସହକାରୀ ସହାୟକଙ୍କ ସମେତ ଗୌରୀ ନର୍ସିଂ ଶିକ୍ଷାନୁଷ୍ଠାନର ଓ ନିଅମ ସେଣ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ଫକିର ମୋହନ କୈବର୍ତ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଯୁଧିଷ୍ଠିର ତ୍ରିପାଠୀ ସହାୟତା କରିଥିଲେ। ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ଜ୍ଞାନାର୍ଜନ ଓ ବିକାଶ ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ



**ରାଉରକେଲା, ୧୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ବାର୍ଷିକ କ୍ରୀଡା ଉତ୍ସବ 'ସ୍ପର୍ଦ୍ଧା' ଫେବୃଆରୀ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନଚାର୍ଜ ଏସଏସ ରାୟଚୌଧୁରୀ, ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଟିଜି କାନେକର, ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପିକେ ସାହୁଙ୍କ ସହ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଅଧୀନରେ ଥିବା ଆରଏସପି ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଏସିଟି (ଟି), ଓସିଟି (ଟି) ଏବଂ ଏମଟି (ଟି) ସମେତ ପ୍ରାୟ ୬୫ ଜଣ ପ୍ରଶିକ୍ଷାର୍ଥୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ଇଭେଣ୍ଟଗୁଡ଼ିକ ମଧ୍ୟରେ କ୍ରିକେଟ, ବ୍ୟାଡମିଣ୍ଟନ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ଏକକ ଏବଂ ଡବଲ୍ସ, ଚେସ୍, ୧୦୦ ମିଟର ଦୌଡ଼ ଏବଂ ସଟ୍‌ପୁଟ୍ ଅନ୍ତର୍ଭୁକ୍ତ ଥିଲା। ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଏବଂ ୧୦୦ ମିଟର ଦୌଡ଼ ସହ ସଟ୍‌ପୁଟ୍‌ରେ କର୍ମଚାରୀଙ୍କ ଅଂଶଗ୍ରହଣ ଏହାର ଅନ୍ତର୍ଭୁକ୍ତିମୂଳକ ମନୋଭାବକୁ ଆହୁରି ସୁଦୃଢ କରିଥିଲା। ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗର ଡିଜିଏମ୍ କେକେ ଜୟସ୍ୱାଲ ସଂଯୋଜନା କରିଥିଲେ।

## ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତରା' ଦ୍ୱିତୀୟ ସନ୍ଧ୍ୟା

# କଣ୍ଠଶିଳ୍ପୀ ମହମ୍ମଦ ଦାନିଶଙ୍କ ଗୀତରେ ଝୁମିଲେ ଦର୍ଶକ


ରାଉରକେଲା, ୧୦।୨(ସମିସ)



ଜିଲ୍ଲା ମହୋତ୍ସବ 'ଯତରା-୨୦୨୬'ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଦର୍ଶକଙ୍କୁ ଭରପୁର ଝୁମାଇଥିଲେ କଣ୍ଠଶିଳ୍ପୀ ମହମ୍ମଦ ଦାନିଶ ଓ ତାଙ୍କ ଦଳ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତକୁ ଉଦ୍‌ଜୀବିତ ତଥା ଉତ୍ସାହିତ କରିବାର ଉତ୍ତମ ମାଧ୍ୟମ ହେଉଛି ଏହି ଉତ୍ସବ ବୋଲି କହିଥିଲେ। ଏହି ପାଞ୍ଚ ଦିନିଆ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ଜିଲ୍ଲାର ବରପୁତ୍ରଙ୍କୁ ସମର୍ପିତ କରାଯାଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଦ୍ୱିତୀୟ ସନ୍ଧ୍ୟାକୁ ମହାରାଜା ରଘୁନାଥ ଶେଖର ଦେଓଙ୍କ ନାମରେ ସମର୍ପିତ କରାଯାଇଥିବା ବେଳେ ଏହି ଅବସରରେ ମହାରାଣୀ ପଦ୍ମିନୀ ଶେଖର ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣାଇଁ ବ୍ଲକର ଅଙ୍ଗନବାଡି କର୍ମୀ ଝରଣା ବେହେରା, ସଦର ବ୍ଲକର ଅଙ୍ଗନବାଡି କର୍ମୀ କନକ କିସାନ, ବାଲ୍ୟ ବିବାହ ରୋକିଥିବା ଚିରସ୍ମିତା ନାଥ, କୋଇଡା ବ୍ଲକର ଆଶାକର୍ମୀ କେଶବତୀ ପାତ୍ରଙ୍କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସୁରୁ ହେମ୍ବ୍ରମ, କାଜଲ ମୁଣ୍ଡା, ଶାନ୍ତିଲତା ମୁଣ୍ଡା, ଦେବେନ୍ଦ୍ର ହେମ୍ବ୍ରମ, ଶୁକ୍ର ଖାଖା, ଛାତ୍ର କ୍ରିଷ୍ଣା ମାଝୀ, ଶିକ୍ଷକ ପର୍ଶୁରାମ ବାରିକ, ପାଲା ଗାୟକ ଖଗେଶ୍ୱର ବାରିକ, ସରୋଜିନୀ ବାନା ଏବଂ ନୂତନ ଉଦ୍ୟୋଗ ଆରମ୍ଭ (ଷ୍ଟାର୍ଟଅପ୍) କୋରୋସିଆ ଟେକ୍ନୋଲୋଜିର ଉଦ୍ୟୋକ୍ତାଙ୍କୁ ମଧ ସୁନ୍ଦରଗଡ଼ ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ରାଜଗାଙ୍ଗପୁର କଳାକାରଙ୍କ କିସାନ ପାରମ୍ପରିକ ନୃତ୍ୟ, ରାଜସ୍ଥାନ କଳାକାରଙ୍କ ଘୁମର ଏବଂ କାଲବେଲିଆ, କୋରାପୁଟ କଳାକାରଙ୍କ ଦୁରୁଆ ନୃତ୍ୟ, ସୁନ୍ଦରଗଡ଼ ଜୟ କୃଷ୍ଣ ଡାନ୍ସ ଏକାଡେମୀ ଦ୍ୱାରା ସମ୍ବଲପୁରୀ, ନବଜୀବନ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ, କୋରାପୁଟର ଦୁରୁଆ, ରାଜସ୍ଥାନର କାଲବେଲିଆ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଡ୍ରନ୍ ସୋ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ପରେ ପରେ ମହମ୍ମଦ ଦାନିଶ୍ ଏବଂ ଦଳ ଗୋଟିଏ ପରେ ଗୋଟିଏ ଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଭବିଷ୍ୟତ ଆକଳନ କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜେ ଏହାକୁ ସୃଷ୍ଟି କରିବା।

-ଭାରତରତ୍ନ ଡ. ଏ ପି ଜେ ଅବଦୁଲ୍ କାଲାମ୍

## 'ଏଆଇ' ଅଡୁଆ

ଏକପକ୍ଷରେ କେନ୍ଦ୍ର ସରକାର ବଜେଟ୍‌ରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟାପକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଅପରପକ୍ଷରେ ଏହି ଭସ୍ମାସୁରର କୃତକର୍ମଗୁଡ଼ିକୁ ନେଇ ଚିନ୍ତିତ ଅଛନ୍ତି। ବସ୍ତୁତଃ 'ଏଆଇ' ସରକାରଙ୍କୁ ଏଭଳି ଏକ ଗୋଲକଧନ୍ଦାରେ ପକାଇ ଦେଇଛି, ଯେଉଁଠାରେ ନୀତି, ନିଷ୍ପତ୍ତି ସବୁ ଗୋଳମାଳିଆ ହେବା ସ୍ୱାଭାବିକ। 'ଏଆଇ' ବିପ୍ଳବ ଏବେ ବିଶ୍ୱକୁ ଏକ ଆଥ୍‌ଲେଟିକ୍(ଦୌଡ଼ ଓ ଖେଳକୁଦ) ପଡ଼ିଆରେ ପରିଣତ କରିଦେଇଛି। ଏହି ପ୍ରତିଯୋଗିତାରେ କାହାକୁ ଟପି କିଏ କେତେ ଆଗକୁ ଯାଇପାରିବ ସେଥିପାଇଁ ପଡ଼ିଆର ବିଭିନ୍ନ ଟ୍ରାକ୍‌ରେ ରାଷ୍ଟ୍ରମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି। ତେଣୁ ଭାରତ ବା ନିଜକୁ କିଭଳି ବାଦ୍ ଦେଇପାରିବ? ବିଡ଼ମ୍ବନା ହେଲା ପ୍ରତିଯୋଗିତା ଯେତେ ବଢୁଛି ବିଶ୍ୱ ପ୍ରତି ବିପଦ ସେତିକି ଘନେଇ ଆସୁଛି।

'ଏଆଇ'ର ଶେଷ ପ୍ରହାରରେ ମାନବ ସଭ୍ୟତା ଧ୍ୱଂସ ହୋଇସାରିବା ପରେ ଉଚିତ ଅନୁଚିତର ପ୍ରଶ୍ନ ହିଁ ନଥିବ। କିନ୍ତୁ ବର୍ତ୍ତମାନ ଏହାର ଯେଉଁ ନକାରାତ୍ମକ ଦିଗଟି ଗଣ ଓ ସରକାରଙ୍କୁ ତତ୍କାଳ ଅତିଷ୍ଠ କରିବାରେ ଲାଗିଛି ତାହା ହେଉଛି ସାମାଜିକ ଗଣମାଧ୍ୟମରେ 'ଏଆଇ'ର ଉଦ୍ଦେଶ୍ୟମୂଳକ ତ୍ରୁଟିପୂର୍ଣ୍ଣ ଦୁରୁପଯୋଗ। ଅନେକ ତାଗିଦା, କଟକଣା, ନିୟମ କାନୁନ ସତ୍ତ୍ୱେ ସାମାଜିକ ଗଣମାଧ୍ୟମ 'ଏଆଇ'ର ବୋଲ ମାନୁନାହିଁ। ଏବେ ଭାରତ ସରକାର ଚରମବାଣୀ ଶୁଣାଇ ଦେଇ କହିଛନ୍ତି ଯେ 'ଏଆଇ' ଦ୍ୱାରା ବିକଶିତ ବା ପ୍ରକ୍ରିୟାକୃତ ଭିଡିଓ, ଫଟୋ ଆଦିକୁ ଅପ୍‌ଲୋଡ୍ ହେବାର ତିନିଘଣ୍ଟା ଭିତରେ ହଟାଇବାକୁ ପଡ଼ିବ। ନଚେତ୍ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ସଂସ୍ଥା ବା ମଞ୍ଚ ଆଇନ ଅନୁଯାୟୀ ଦଣ୍ଡ ଭୋଗିବେ। ଗଣମାଧ୍ୟମ ସଂସ୍ଥାମାନେ ଭାରତ ସରକାରଙ୍କ ଏହି ଚରମ ଘୋଷଣାକୁ ପାଳନ କରିବାରେ କେତେ ଆନ୍ତରିକତା ପ୍ରଦର୍ଶନ କରିବେ ଏବଂ ଏହାର ପ୍ରଭାବ କ'ଣ ରହିବ ତାହା ସନ୍ଦେହରେ।

ବିଭିନ୍ନ ରାଷ୍ଟ୍ର ସହିତ ତାଳ ଦେଇ ଭାରତ ଏବେ 'ଏଆଇ' ଡାଟାସେଣ୍ଟର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଛି। ଏହାର ତତ୍କାଳ ପ୍ରଭାବ ଅଟୋମୋବାଇଲ୍ କ୍ଷେତ୍ରରେ ପଡ଼ିଥିବା ବେଳେ ପରୋକ୍ଷ ପ୍ରଭାବରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅଟୋମୋବାଇଲ ଶିଳ୍ପ ବା ଦୁଇ ଓ ଚାରିଚକିଆ ଯାନ ନିର୍ମାଣରେ କଞ୍ଚାମାଲ୍ ରୂପେ ବ୍ୟବହୃତ ଆଲୁମିନିୟମ୍ ଓ ତମ୍ବା ଏବେ 'ଏଆଇ' ଡାଟାସେଣ୍ଟର ନିର୍ମାଣରେ ବିନିଯୋଗ ହେଉଛି। ତେଣୁ ଏହିଭଳି ଧାତୁର ମୂଲ୍ୟ ବୃଦ୍ଧି ଘଟି ଯାନବାହନକୁ ମହଙ୍ଗା କରିଛି।

'ଏଆଇ'ର କ୍ରମବିକାଶ ସହିତ ବୌଦ୍ଧିକ ବା ସୃଜନଶୀଳ କ୍ଷେତ୍ର ମଧ୍ୟ ଆଗାମୀ ଦିନରେ ପ୍ରଭାବିତ ହେବାର ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ସ୍ୱତ୍ୱାଧିକାର ମାମଲା ଆଗାମୀ ଦିନରେ ଆହୁରି ଜଟିଳ ହେବାକୁ ଯାଉଛି। ଏବେ 'ଏଆଇ' ଦ୍ୱାରା ବିକଶିତ ବିଭିନ୍ନ 'ଚାଟବଟ୍' ଅନୁରୋଧ ମାତ୍ରେ ନିମିଷକେ ମଧ୍ୟରେ ପ୍ରବନ୍ଧ, କବିତା, ଗପ, ଉପନ୍ୟାସମାନ ସୃଷ୍ଟି କରୁଛି। ଏଗୁଡ଼ିକୁ ପ୍ରଶ୍ନକାରୀମାନେ ନିଜ ନାମରେ ପ୍ରକାଶିତ କରିବାରେ ହେଳା କରୁନାହାନ୍ତି। 'ଏଆଇ' ବିକଶିତ ସୃଜନଶୀଳତାର ଏହି ପ୍ଲାବନ ପ୍ରକାଶକ ଓ ମୁଦ୍ରାକରମାନଙ୍କ ପାଇଁ ଏକ ବୋଝ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିସାରିଲାଣି। ବିଶେଷକରି ଏଭଳି 'ଏଆଇ' ଜନିତ ସୃଜନଶୀଳତା ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ସ୍ୱତ୍ୱାଧିକାର ଆଇନ ୧୯୫୭କୁ ନ୍ୟାୟିକ କାଠଗଡ଼ା ଭିତରକୁ ଟାଣି ନେବାର ପରିସ୍ଥିତି ସୃଷ୍ଟି ହେଲାଣି। ଗତ ଡିସେମ୍ବର ମାସରେ ସଂସଦର ଶୀତ ଅଧିବେଶନରେ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସରକାର ସୂଚନା ଦେଇଛନ୍ତି ଯେ ଏହି ଦ୍ୱନ୍ଦ୍ୱ ଦୂର ପାଇଁ ଶିଳ୍ପ ବିକାଶ ଓ ଆନ୍ତଃବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଠଜଣିଆ କମିଟି ଗଠନ ହୋଇଛି। କମିଟିର ରିପୋର୍ଟ ଆସିବା ପରେ ଯାଇ ଭାରତ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେବ।

'ଚାଟବଟ୍' ଉତ୍ପନ୍ନ କରୁଥିବା ବିଷୟବସ୍ତୁମାନ ମୁଖ୍ୟତଃ ବିଭିନ୍ନ ପୁସ୍ତକ, ସନ୍ଦର୍ଭ, ସମୀକ୍ଷା, ରିପୋର୍ଟିଂ, ପ୍ରକାଶନ, ଚିତ୍ର, ସଂଗୀତ, ସ୍ତମ୍ଭ ଆଦିର ସୂଚନା ଆଧାରିତ, ଯାହାର ସ୍ୱତ୍ୱ ପୂର୍ବରୁ ସୁରକ୍ଷିତ ରହିଛି। ତେଣୁ ସ୍ୱତ୍ୱ ସୁରକ୍ଷିତ ବିଷୟବସ୍ତୁଗୁଡ଼ିକ 'ଏଆଇ' କିଭଳି ବ୍ୟବହାର କରିପାରିବ ତାହାକୁ ନେଇ ଆଇନଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏଥିପାଇଁ 'ଏଆଇ'କୁ ଯେଉଁ ଜଟିଳ ତାଲିମ୍‌ର ଆବଶ୍ୟକତା ରହିଛି ତାହା ଏ ପର୍ଯ୍ୟନ୍ତ ଆରମ୍ଭ ମଧ୍ୟ ହୋଇନାହିଁ। ତେଣୁ ଭାରତରେ ସ୍ୱତ୍ୱ-ସୁରକ୍ଷିତ କୌଣସି ସୃଜନ ହୁଏତ ବିଶ୍ୱର ଆଉ କେଉଁ କୋଣରେ ଆଉ କାହାର ନାମରେ ପ୍ରକାଶିତ ହୋଇଯିବ। ତାହା ଜାଣିବା ବେଳକୁ ଗୋଟିଏ ପିଢ଼ିର ସମୟ ଅତିକ୍ରାନ୍ତ ହୋଇସାରିଥିବ। ଆମ ଦେଶର ନ୍ୟାୟିକ ପ୍ରକ୍ରିୟାର ମନ୍ଥରତା ପୃଷ୍ଠଭୂମିରେ ମୌଳିକ ଲେଖକଟିଏ ନ୍ୟାୟ ପାଇବା ବେଳକୁ ହୁଏତ ଇହଧାମରେ ନଥିବ। ନିକଟରେ ଏଭଳି କେତେକ ମାମଲା ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଦାୟର ମଧ୍ୟ ହୋଇଛି।

ଏହି ପ୍ରସଙ୍ଗରେ ଏବେଠାରୁ ଆଇନ ବିଶାରଦମାନେ ଭିନ୍ନ ଭିନ୍ନ ମତ ପୋଷଣ କଲେଣି। ଆଇନଜ୍ଞଙ୍କ ଗୋଟିଏ ପକ୍ଷ 'ଚାଟବଟ୍'ର ଉତ୍ପାଦ ସ୍ୱତ୍ୱଚୋରି ସହିତ ସମାନ ବୋଲି ଯୁକ୍ତି କରୁଥିବା ବେଳେ ଅନ୍ୟପକ୍ଷର ଯୁକ୍ତି ହେଉଛି 'ଚାଟ୍‌ବଟ୍' କେବଳ ଏକ ମେସିନ୍ ଲର୍ଣ୍ଣିଂ ପ୍ରକ୍ରିୟା, ଯାହା ପଢ଼େ, ଦେଖେ ଓ କହେ। ତେଣୁ ପଢ଼ିବା, ଦେଖିବା, ଶିଖିବା ସ୍ୱତ୍ୱାଧିକାର ଆଇନ ଉଲ୍ଲଙ୍ଘନ ନୁହେଁ। ଆଗକୁ ଏଭଳି ଯୁକ୍ତିତର୍କର ଜୁଆରଭଟ୍ଟା ଆହୁରି ବଢ଼ିବ ଏବଂ ମୌଳିକ ସୃଜନର ନ୍ୟାୟ ଓ ନିଷ୍କର୍ଷ ବିଳମ୍ବିତ ହୋଇଚାଲିଥିବ। ଶୁଣାଯାଉଛି ଯେ ସରକାର 'ଏକ ଦେଶ-ଏକ ଲାଇସେନ୍ସ-ଏକ ଦେୟ' ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହାଦ୍ୱାରା କୁଆଡ଼େ ସ୍ୱତ୍ୱାଧିକାରୀ ଏକକାଳୀନ ରୟାଲ୍‌ଟି ପ୍ରାପ୍ୟ ସହିତ ନ୍ୟାୟ ପାଇପାରିବ!

ମୂଳକଥା ହେଲା ଏ ପର୍ଯ୍ୟନ୍ତ ଯେତେସବୁ ଆଇନ ପ୍ରଣୟନ ହୋଇଛି ସେସବୁ ମାନବିକ କାର୍ଯ୍ୟକଳାପ ଆଧାରିତ। ଏବେ ଯନ୍ତ୍ରଯୁଗରେ ସେହିସବୁ ଆଇନ ଦୁର୍ବଳ ହୋଇଯିବା ସ୍ୱାଭାବିକ। ତେଣୁ ଜାପାନ, ସିଙ୍ଗାପୁର ଆଦି ଦେଶ ଭଳି 'ଏଆଇ'-ଯୁଗୋପଯୋଗୀ ଆଇନ ପ୍ରଣୟନ ପାଇଁ ସରକାର ତତ୍ପର ହୁଅନ୍ତୁ କିମ୍ବା ଡିପ୍‌ଫେକ୍ ପାଇଁ କଟକଣା ଅନୁରୂପ 'ଏଆଇ'-ସୃଜନଚୋରି ପାଇଁ ମଧ୍ୟ ଦଣ୍ଡବିଧାନର ବ୍ୟବସ୍ଥା କରନ୍ତୁ।

# ବିହନ ଉଦ୍ୟୋଗିତାରେ ଆଦିବାସୀଙ୍କ ଭୂମିକା

**ଡ. ଅନ୍ତର୍ଜିତା ନାୟକ**

ପରିବେଶଗତ ସମସ୍ୟା, ଜଳବାୟୁ ଅନିଶ୍ଚିତତା, ସମଜାତୀୟ କୃଷି ପ୍ରଣାଳୀର ପ୍ରସାର ଓ ବ୍ୟାପକ ଅସମାନତା ଭଳି ସମସାମୟିକ ସନ୍ଧିକାଳରେ ଖାଦ୍ୟ, ଜୀବିକାର ଭବିଷ୍ୟତ ଲାଗି ବିହନ ଉଦ୍ୟୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିହନ ଉଦ୍ୟୋଗିତା କହିଲେ ବିହନ ସଂରକ୍ଷଣ, ବିକାଶ, ବିନିମୟ ଓ ବ୍ୟବସାୟୀକରଣକୁ ଗୋଷ୍ଠୀଭିତ୍ତିକ ଭାବେ ପରିଚାଳନା କରିବାର ସମନ୍ୱିତ ପ୍ରକ୍ରିୟାକୁ ବୁଝାଏ। ଏହି ପୃଷ୍ଠଭୂମିରେ ଆଦିବାସୀ ସମ୍ପ୍ରଦାୟର ପରିବେଶଗତ ଅଭିଜ୍ଞତା, ସାଂସ୍କୃତିକ ଓ ସ୍ୱଦେଶୀ ଜ୍ଞାନର ଆବଶ୍ୟକତା ବହୁ ଅଧିକ। ଆଦିବାସୀମାନଙ୍କ ପାଖରେ ସ୍ଥାୟୀ କୃଷି ସମ୍ବନ୍ଧୀୟ ଶହ ଶହ ବର୍ଷର ପାରମ୍ପରିକ ଜ୍ଞାନ ରହିଛି। ସେମାନେ ବିଭିନ୍ନ ପ୍ରକାରର ବିହନ ସଂଗ୍ରହ କରି ସେଗୁଡ଼ିକର ଶୁଦ୍ଧତା ଓ ଗୁଣବତ୍ତା ବଜାୟ ରଖନ୍ତି। ବିଶେଷକରି ଆଦିବାସୀ ମହିଳାମାନେ ଏ କ୍ଷେତ୍ରରେ ବେଶ୍ ପାରଙ୍ଗମ। ବର୍ତ୍ତମାନ ସେମାନେ ବୃହତ୍ତର କଲ୍ୟାଣ ପାଇଁ ବିହନ ଭଣ୍ଡାର(ସିଡ୍ ବ୍ୟାଙ୍କ) ମାଧ୍ୟମରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ସେମାନଙ୍କ ମତରେ ଦେଶୀ ବିହନ ଗଛକୁ କୀଟପତଙ୍ଗ ଏବଂ ରୋଗ ସହନଶୀଳ କରିଥାଏ, ଚାଷ ଖର୍ଚ୍ଚକୁ କମ୍ କରି ଲାଭକୁ ଅଧିକ କରିଥାଏ, ଉତ୍ପାଦକର ଗୁଣବତ୍ତା ଉପରେ କୃଷକମାନଙ୍କର ନିୟନ୍ତ୍ରଣ ରହିଥାଏ ଏବଂ ନିଜ ବିହନ ଦ୍ୱାରା ଫସଲ ଉତ୍ପାଦନ କରିବାରେ ଅପାର ସନ୍ତୋଷ ମିଳିଥାଏ।

ବାସ୍ତବରେ, ବଛା ବଛା ଦେଶୀ ବିହନ, ହାଇବ୍ରିଡ୍ ବିହନ ତୁଳନାରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାରରେ ଭଲ ପ୍ରଦର୍ଶନ କରିଥାଏ, ଯାହା ଆମକୁ ଜଳବାୟୁ ସଙ୍କଟରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ। ଆଦିବାସୀ ସମାଜରେ ଏହି ପ୍ରକାର ଉଦ୍ୟମିତା ଦୀର୍ଘଦିନ ଧରି ଚାଲିଆସୁଥିବା ବିହନ ପରିଚାଳନା, ସଂରକ୍ଷଣ ଓ ସଂଘୀୟ ବଣ୍ଟନର ପାରମ୍ପରିକ ପ୍ରଥାମାନଙ୍କର ଏକ ସଂସ୍ଥାଗତ ପୁନଃ-ପ୍ରତିପାଦନ, ଯାହା ବର୍ତ୍ତମାନ ସମସାମୟିକ ଅର୍ଥନୈତିକ ଢାଞ୍ଚା ସହ ସଂଯୁକ୍ତ ହୋଇ ନୂତନ ପ୍ରସଙ୍ଗ ପାଲଟିଛି। ଆଜି କୃଷି ବ୍ୟବସ୍ଥା ଅଭୂତପୂର୍ବ ଉତ୍ପାଦକତା ସାଧନ କରିଛି ସତ, ହେଲେ ସେହି ସଫଳତା ଜୈବ ବିବିଧତାର ହ୍ରାସ, କୃଷକ ଋଣବନ୍ଧନ ଏବଂ ପରିବେଶଗତ ଅସ୍ଥିରତାର ମୂଲ୍ୟରେ ହାସଲ ହୋଇଛି। ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ, ବିଂଶଶତାବ୍ଦୀର ଆରମ୍ଭରୁ ପ୍ରାୟ ୭୫ପ୍ରତିଶତ ଫସଲର ଆନୁବଂଶିକ ବିବିଧତା ନଷ୍ଟ ହୋଇଛି, ଯାହାର ମୁଖ୍ୟ କାରଣ ହେଉଛି ସମାନରୂପୀ ବାଣିଜ୍ୟିକ ଫସଲ କିସମର ଅତ୍ୟଧିକ ପ୍ରାଧାନ୍ୟ। ସେଇ ପରିପ୍ରେକ୍ଷୀରେ, ଆର୍ଥିକ ଓ ପରିବେଶଗତ ନିର୍ଭରଶୀଳତାର ପ୍ରତିକାର ଭାବେ ବିହନ ଉଦ୍ୟୋଗିତାର ଆବଶ୍ୟକତା ଅପରିହାର୍ଯ୍ୟ।

ଏହା ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟ ବିହନ ସଂରକ୍ଷଣ, ବିକ୍ରୟ ଓ ବ୍ୟବହାର ଉପରେ ନିୟନ୍ତ୍ରଣ ସ୍ଥାପନ କରିପାରିବେ। ଆର୍ଥିକ ଦୃଷ୍ଟିକୋଣରୁ, ବିହନ ଉଦ୍ୟୋଗିତା, ଆଦିବାସୀ କୃଷକମାନଙ୍କୁ ନିଷ୍କ୍ରିୟ ପ୍ରାପ୍ତକର୍ତ୍ତା ଭୂମିକାରୁ ମୂଲ୍ୟସୃଷ୍ଟିର ସକ୍ରିୟ ଉତ୍ପାଦକ ଓ ନିଷ୍ପତ୍ତିକାରୀ ଭାବେ ରୂପାନ୍ତରିତ କରିବ। ମଧ୍ୟପ୍ରଦେଶ, ଓଡ଼ିଶା, ଛତିଶଗଡ଼ ଓ ରାଜସ୍ଥାନର ବିଭିନ୍ନ ଆଦିବାସୀ ଜିଲ୍ଲାରୁ ମିଳୁଥିବା ପ୍ରମାଣ ସ୍ପଷ୍ଟ କରେ ଯେ, ଗୋଷ୍ଠୀପରିଚାଳିତ ବିହନ ଉଦ୍ୟୋଗଗୁଡ଼ିକ କୃଷି ଉତ୍ପାଦନକୁ ସ୍ଥିର କରିବା ସହ ଘରୋଇ ଆୟରେ ଦୃଶ୍ୟମାନ ଓ ସ୍ଥାୟୀ ବୃଦ୍ଧି ଆଣିଥାଏ। ଭାରତୀୟ କୃଷି ଗବେଷଣା ପରିଷଦ ଓ ବିଭିନ୍ନ ରାଜ୍ୟ ଜୀବିକା ମିଶନମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ଦର୍ଶାଉଛି ଯେ କେବଳ ଶସ୍ୟ ଉତ୍ପାଦନରେ ନିର୍ଭର କରୁଥିବା କୃଷକଙ୍କ ସହ ତୁଳନା କଲେ ବିହନ ଉତ୍ପାଦନରେ ନିୟୋଜିତ ଆଦିବାସୀ ବିହନ ଉତ୍ପାଦକମାନେ ହେକ୍ଟର ପ୍ରତି ୨୦୪୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ଆୟ କରୁଛନ୍ତି। ଏହାଫଳରେ କୃଷି ଉନ୍ନୟନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମାନବ ମୂଲ୍ୟାଧାରିତ କ୍ଷେତ୍ରଗୁଡ଼ିକରେ ପୁନଃବିନିଯୋଗ ସମ୍ଭବ ହେଉଛି। ଏହି ଆର୍ଥିକ ପ୍ରଭାବ କେବଳ ବୃଦ୍ଧିପ୍ରାପ୍ତ ଆୟରେ ସୀମିତ ନୁହେଁ; ଏହାର ଗଭୀର ପ୍ରଭାବ ରହିଛି ଋଣ ନିର୍ଭରଶୀଳତା ହ୍ରାସ ଏବଂ ଅସ୍ଥିର ଓ ଅନିଶ୍ଚିତ ବିହନ ବଜାରରୁ ଆଦିବାସୀ କୃଷକମାନଙ୍କ ସୁରକ୍ଷା। ବିହନ ଉଦ୍ୟୋଗିତାର ସାମାଜିକ ଗୁରୁତ୍ୱ ଆର୍ଥିକ ପ୍ରଭାବ ପରି ସମାନ ଭାବେ ଗଭୀର ଓ ଦୀର୍ଘସ୍ଥାୟୀ।

ଆଦିବାସୀମାନଙ୍କ ଦ୍ୱାରା ପରିଚାଳିତ ବିହନ ଉଦ୍ୟୋଗଗୁଡ଼ିକ ସାଧାରଣତଃ ସାମୂହିକ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି, ବିହନ ସମିତି କିମ୍ବା କୃଷକ ଉତ୍ପାଦକ ସଂଗଠନ ଆକାରରେ ସଂଗଠିତ। ଏପରି ସଂସ୍ଥାଗୁଡ଼ିକ ସାମାଜିକ ପୁଞ୍ଜିକୁ ସୁଦୃଢ଼ କରିଥା'ନ୍ତି। ସହଯୋଗ ଓ ପାରସ୍ପରିକ ଭରସାର ମାନଦଣ୍ଡକୁ ପୁନର୍ଜୀବିତ କରିଥା'ନ୍ତି। ବିଶେଷକରି ମହିଳାମାନଙ୍କ ପାଇଁ ନୂତନ ନେତୃତ୍ୱ ଓ ସାର୍ବଜନୀନ ଭୂମିକାର ଅବସର ସୃଷ୍ଟି କରିଥା'ନ୍ତି। ଅନେକ ଆଦିବାସୀ ଅଞ୍ଚଳରେ ମହିଳାମାନେ ବିହନ ବ୍ୟାଙ୍କର ରକ୍ଷକ, ଗୁଣବତ୍ତା ନିୟନ୍ତ୍ରକ ଓ ବଜାର ଆଲୋଚକ ଭାବେ ଉଭା ହୋଇଛନ୍ତି। ଏହି ପରିବର୍ତ୍ତନ ଆନ୍ତଃ-ଘରୋଇ କ୍ଷମତା ସମ୍ପର୍କକୁ ପୁନଃରଚନା କରିଛି ଏବଂ ସ୍ଥାନୀୟ ଶାସନ ଓ ସାମୂହିକ ନିଷ୍ପତ୍ତି ପ୍ରକ୍ରିୟାରେ ମହିଳାମାନଙ୍କର ଦୃଶ୍ୟମାନତାକୁ ମଜବୁତ କରିଛି। ଏହି ଅର୍ଥରେ ବିହନ ଉଦ୍ୟୋଗିତା ଏକ ସାମାଜିକ ପରୀକ୍ଷାଗାରରେ ପରିଣତ ହୋଇଛି।

ସାଂସ୍କୃତିକ ଦୃଷ୍ଟିକୋଣରୁ ବିହନ ଉଦ୍ୟୋଗିତା ଏକ ଗଭୀର ପୁନରୁଦ୍ଧାରମୂଳକ ଭୂମିକା ନିର୍ବାହ କରେ। ଆଦିବାସୀ ସମାଜ ପାଇଁ ବିହନ କେବଳ ଏକ ନିଷ୍କ୍ରିୟ କୃଷି ନିବେଶ ନୁହେଁ, ବରଂ ଏହା ସ୍ମୃତି, ରୀତିନୀତି, ସ୍ୱାଦ, ପରିଚୟ ଓ ପରିବେଶଗତ ଜ୍ଞାନର ବାହକ। ଯେତେବେଳେ ଆଦିବାସୀ ସମ୍ପ୍ରଦାୟ ଉଦ୍ୟୋଗୀ ସମ୍ପତ୍ତି ଭାବେ ବିହନକୁ ପୁନରୁଦ୍ଧାର କରନ୍ତି ସେମାନେ କେବଳ ଜୀବିକା ଉପରେ ନିୟନ୍ତ୍ରଣ ନୁହେଁ, ବରଂ ଆଦିବାସୀ ଜ୍ଞାନ, ନବସୃଜନ ଓ ଜ୍ଞାନକୁ ମଧ୍ୟ ପୁନଃଦାବି କରନ୍ତି। ଆଦିବାସୀ ଉତ୍ସବ, ଖାଦ୍ୟ ଅଭ୍ୟାସ, ଫସଲ ଢାଞ୍ଚା ଓ ମୌଖିକ ଇତିହାସ ସ୍ୱଦେଶୀ କିସମମାନଙ୍କ ସାଂସ୍କୃତିକ ନିରନ୍ତରତାକୁ ଦୃଢ଼ କରେ। ଏହିପରି ବିହନ ଉଦ୍ୟୋଗିତା ଆର୍ଥିକ ପ୍ରାସଙ୍ଗିକତା ଓ ଜୀବନ୍ତ ପ୍ରୟୋଗ ମାଧ୍ୟମରେ ସାଂସ୍କୃତିକ ବିଲୋପ ପ୍ରତି ଏକ ସକ୍ରିୟ ପ୍ରତିରୋଧ ଭାବରେ ଉଭା।

ଜଳବାୟୁ ପରିବର୍ତ୍ତନର ଏହି ସଂକଟମୟ ଯୁଗରେ ଆଦିବାସୀ ବିହନ ଉଦ୍ୟଗିତାର ପରିବେଶଗତ ପ୍ରଭାବ ସମ୍ଭବତଃ ସବୁଠାରୁ ଗଭୀର ଓ ଦୀର୍ଘସ୍ଥାୟୀ। କୃଷିପରିବେଶ ଅଧ୍ୟୟନ କ୍ରମାଗତ ଭାବେ ଦର୍ଶାଉଛି ଯେ ସ୍ଥାନୀୟ ବିହନ ଉପରେ ଆଧାରିତ ବିବିଧ ଫସଲ ପ୍ରଣାଳୀ ମୃତ୍ତିକାର ଜୈବିକ ପଦାର୍ଥକୁ ବୃଦ୍ଧି କରେ, ରାସାୟନିକ ନିବେଶର ନିର୍ଭରଶୀଳତାକୁ ହ୍ରାସ କରେ ଏବଂ ଜଳବାୟୁ ଚାପ ସ୍ଥିତିରେ ଉତ୍ପାଦନକୁ ଅଧିକ ସ୍ଥିର କରେ। ଆଦିବାସୀ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ ଚାଷ ପ୍ରଣାଳୀ ଜଙ୍ଗଲ ଓ ପ୍ରାକୃତିକ ପରିସ୍ଥିତିତନ୍ତ୍ର ସହ ଗଭୀର ଭାବେ ସଂପୃକ୍ତ, ବିହନ ଉଦ୍ୟଗିତା ପ୍ରାକୃତିକ ଦୃଶ୍ୟସ୍ତରୀୟ ସ୍ଥାୟିତ୍ୱକୁ ମଜବୁତ କରିଥାଏ। ଏହି ଉଦ୍ୟମଗୁଡ଼ିକ ଅଧିକ ବ୍ୟୟକ୍ଷମ, ପରିବେଶଅନୁକୂଳ ଏବଂ ସ୍ଥାନୀୟ ପରିସ୍ଥିତି ସହ ସମନ୍ୱୟଶୀଳ। ବିହନ ଉଦ୍ୟଗିତା ସ୍ପଷ୍ଟ କରେ ଯେ ଆଦିବାସୀ ଅର୍ଥନୀତି ନିଜ ମୂଳକୁ ଗଭୀର ଭାବେ ଧାରଣ କରି ଅଭିନବ, ନୈତିକ ଓ ଉଦ୍ୟମମୁଖୀ ହୋଇପାରେ।

ବିପୁଳ ସମ୍ଭାବନା ସତ୍ତ୍ୱେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିହନ ଉଦ୍ୟଗିତା ବାଧାବିହୀନ ନୁହେଁ। ଅପର୍ଯ୍ୟାପ୍ତ ସଂରକ୍ଷଣ (ଷ୍ଟୋରେଜ୍) ସୁବିଧା, ସୀମିତ ପ୍ରାମାଣିକ ସମର୍ଥନ, ଦୁର୍ବଳ ପରିବହନ ସଂଯୋଗ ଓ ଅର୍ଥସାଧନରେ ସୀମିତ ପ୍ରବେଶ ଆଦି ପ୍ରାୟତଃ ଏହି ଉଦ୍ୟମଗୁଡ଼ିକର ବିସ୍ତାରକୁ ଅବରୋଧ କରୁଛି। ଯଦିଓ ନୀତିଗତ ଢାଞ୍ଚାଗୁଡ଼ିକ ଏହି ଉଦ୍ଦେଶ୍ୟଗୁଡ଼ିକୁ ସମର୍ଥନ କରେ, ସେଗୁଡ଼ିକ ପ୍ରାୟ ସମୟରେ ସ୍ଥାନୀୟ ନିର୍ଦ୍ଦିଷ୍ଟ ବିବିଧତା ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ମାନକୀକରଣ ଓ ଉତ୍ପାଦକତାକୁ ପ୍ରାଥମିକତା ଦେଇଥାଏ। ପରିଣାମ ସ୍ୱରୂପ, ଆଦିବାସୀ ବିହନ ପ୍ରଣାଳୀର ଜୈବିକ, ସାଂସ୍କୃତିକ ଓ ପରିସ୍ଥିତିଗତ ସ୍ୱତନ୍ତ୍ରତା ନୀତି ରୂପାୟନରେ ଅଦୃଶ୍ୟ ହୋଇଯାଏ। ତେଣୁ ଆଦିବାସୀ ସନ୍ଦର୍ଭରେ ଉଦ୍ୟଗିତା, ବିଜ୍ଞାନ ଓ ବିକାଶକୁ କିପରି ଧାରଣା କରାଯାଏ ତାହା ବୁଝିବାର ଆବଶ୍ୟକତା ରହୁଛି। ପରିଶେଷରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିହନ ଉଦ୍ୟଗିତା ଅର୍ଥନୀତି, ପରିବେଶ ଓ ସଂସ୍କୃତିର ଏକ ଅର୍ଥପୂର୍ଣ୍ଣ ସମ୍ମିଳନକୁ ପ୍ରତିନିଧିତ୍ୱ କରେ, ଯାହା ବର୍ତ୍ତମାନ ସମୟର ଜଟିଳ ଆହ୍ୱାନଗୁଡ଼ିକ ପାଇଁ ଅନନ୍ୟ ଭାବେ ଉପଯୁକ୍ତ। ଯେହେତୁ ଜଳବାୟୁ ବିପଦ ତୀବ୍ର ହେଉଛି ଏବଂ ବିଶ୍ୱ ଖାଦ୍ୟ ପ୍ରଣାଳୀ ଗଭୀର ଚାପର ସମ୍ମୁଖୀନ କରୁଛି, ଭବିଷ୍ୟତ ବିକାଶ ଏହିପରି ମୂଳଭିତ୍ତିକ, ସମୁଦାୟ ନେତୃତ୍ୱାଧୀନ ଢାଞ୍ଚା ଉପରେ ଅଧିକ ଭରସା କରିପାରେ। ବିହନର ପୁନରୁଦ୍ଧାର ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟ କେବଳ ଫସଲ ଉତ୍ପାଦନ କରୁନାହାନ୍ତି; ସେମାନେ ସାର୍ବଭୌମତ୍ୱ ଓ ବିକାଶର ଏକ ଅଧିକ ମାନବୀୟ ଦୃଷ୍ଟିକୋଣକୁ ପୁନର୍ନିର୍ମାଣ କରୁଛନ୍ତି।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା

**ଦିଲ୍ଲୀପ କୁମାର ଦାସ**



ବନ୍ଧକ ଶ୍ରମିକ ପ୍ରଥା (ଉଚ୍ଛେଦ) ଆଇନ -୧୯୭୬କୁ ୫୦ ବର୍ଷ ପୂରିଲା। କିନ୍ତୁ ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ ଦାଦନ ଶ୍ରମିକ ଯନ୍ତ୍ରଣା ବାବଦରେ ନିଶ୍ଚୟ ଗୋଟିଏ/ଦୁଇଟି ଖବର ଆଖିରେ ପଡ଼ିବ। କେଉଁଠି ଦାଦନ ଶ୍ରମିକଙ୍କୁ ଦଲାଲ ପୋଡ଼ି ମାରିବାକୁ ଉଦ୍ୟମ କରିଛି ତ କେଉଁଠି ସେମାନଙ୍କ ହାତ କାଟି ଦେଉଛନ୍ତି। ପୁଣି ଆଉ କେଉଁଠି ଶ୍ରମିକର ସ୍ତ୍ରୀ ପିଲାଙ୍କୁ କିମ୍ବା ଯୁଆନ ଝିଅକୁ ବନ୍ଧକ ରଖି ଜୀବନରେ ମାରିଦେବାର ଧମକ ଦେଇ ବେଠି ଖଟିବାକୁ ବାଧ୍ୟ କରୁଛି ଇଟାଭାଟି ମାଲିକ।

ରାଜାରାଜୁଡ଼ା ଅମଳରୁ ଚାଲି ଆସୁଥିବା ବେଠି, ବେଗାରୀ, ଗୋତି ଶ୍ରମିକ ଭଳି ଘୃଣ୍ୟ ତଥା ଅମାନୁଷିକ ପ୍ରଥାକୁ ସମୂଳେ ଲୋପ କରିବା ପାଇଁ ୧୯୭୬ ମସିହା ଫେବୃଆରୀ ୯ ତାରିଖରେ ଆମ ଦେଶରେ ପ୍ରଚଳନ ହେଲା ଐତିହାସିକ ଆଇନ 'ବନ୍ଧକ ଶ୍ରମିକ ପ୍ରଥା (ଉଚ୍ଛେଦ) ଆଇନ ୧୯୭୬।' ଶ୍ରମିକ ବି ମଣିଷ। ତା'କୁ ମଣିଷ ଭଳି ସମ୍ମାନର ସହିତ ବଞ୍ଚିବା ଅଧିକାର ଦେବା ଏହି ଆଇନର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ୫୦ ବର୍ଷ ପରେ ବି ଅନେକ ଶ୍ରମିକ ବନ୍ଧକ ଜୀବନର ଅତ୍ୟାଚାର ଭିତରେ ଜୀବନ ବିତାଉଛନ୍ତି। କାହାକୁ ବନ୍ଧକ ଶ୍ରମିକ ବା ଗୋତି ଶ୍ରମିକ ଭାବରେ ଗଣନା କରାଯିବ ତାହା ଆଇନରେ ସ୍ପଷ୍ଟ କରାଯାଇଛି। ଆଇନର ସଂଜ୍ଞା ଅନୁଯାୟୀ, ଋଣ କରଜ/ ଅଗ୍ରୀମ ଅର୍ଥ ଶୁଝିବା ପାଇଁ କରଜଦାତା ପାଖରେ ଯେଉଁମାନେ ମୁଲିଆ ଭାବରେ କାମ କରିବାକୁ ବାଧ୍ୟ ହୁଅନ୍ତି କିମ୍ବା ଅଧିକ ମଜୁରୀ ପ୍ରଲୋଭନ ଦେଖାଇ ପରେ କମ ମଜୁରୀରେ ଯେଉଁମାନଙ୍କୁ କାମ କରିବାକୁ ବାଧ୍ୟ କରାଯାଏ କିମ୍ବା ଦୀର୍ଘସମୟ ଧରି ମଜୁରୀ ନ ପାଇ ବା କୌଣସି ମଜୁରୀ ନପାଇ କାମ କରୁଥିବା ଶ୍ରମିକ କିମ୍ବା ଆଇନଅନୁମୋଦିତ ସର୍ବନିମ୍ନ ମଜୁରୀ ପାଉ ନ ଥିବା ଶ୍ରମିକ କିମ୍ବା କାର୍ଯ୍ୟସ୍ଥଳୀରେ କଡ଼ା ପହରା ମଧ୍ୟରେ ଭୟଭୀତ ଅବସ୍ଥାରେ କାମ କରୁଥିବା ଶ୍ରମିକ କିମ୍ବା ମାଲିକ / ନିଯୁକ୍ତିଦାତା ଦ୍ୱାରା ମାଡ଼ ଗାଳିର ଶିକାର ହେଉଥିବା ଶ୍ରମିକ କିମ୍ବା ନିଜ ଇଚ୍ଛାରେ କାମ ତ୍ୟାଗ କରିପାରୁ ନ ଥିବା ଓ ନୂଆ ନିଯୁକ୍ତି ଚୟନ କରିପାରୁ ନ ଥିବା ଶ୍ରମିକ ଏବଂ ସମସ୍ତ ଶିଶୁଶ୍ରମିକଙ୍କୁ ମଧ୍ୟ 'ବନ୍ଧକ ଶ୍ରମିକ' ଭାବରେ ଗଣନା କରାଯାଏ।

ଏହି ବିଷୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ହେଲା ଯେ, ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ଏହି ସମସ୍ତ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଏଣୁ ସେମାନେ ମଧ୍ୟ ବନ୍ଧକ ଶ୍ରମିକ ଶ୍ରେଣୀଭୁକ୍ତ। ଦାଦନ ଖଟିବା ପାଇଁ ଯାଉଥିବା ବ୍ୟକ୍ତିମାନେ ଦଲାଲ ବା ସର୍ଦ୍ଦାରଠାରୁ ଅଗ୍ରୀମ ଟଙ୍କା ନେଇ କାମ କରିବାକୁ ଯାଆନ୍ତି। ସ୍ଥଳବିଶେଷରେ ପୂରା ପରିବାରକୁ ନେଇଯା'ନ୍ତି। ସର୍ଦ୍ଦାର ସେମାନଙ୍କୁ ଅଧିକ ମଜୁରୀର ଲୋଭ ଦେଖାଇ ପରବର୍ତ୍ତୀ ଅବସ୍ଥାରେ କମ ମଜୁରୀ ଦେଇଥାଏ। ନ୍ୟାଯ୍ୟ ପ୍ରାପ୍ୟ ମାଗିଲେ ମାଡ଼ଗାଳି ଦେଇଥାଏ। ଛୁଟି ମାଗିଲେ ପରିବାର ସଦସ୍ୟଙ୍କୁ ମୁଣ୍ଡ ଜାମିନ/ବନ୍ଧକ ରଖି ଆସିବାକୁ ପଡ଼ିଥାଏ। ଚୁକ୍ତି ଅନୁସାରେ ଯେତିକି କାମ ପାଇଁ ଅଗ୍ରୀମ ନେଇଥା'ନ୍ତି ସେତିକି ନହେବା ଯାଏଁ ମାଲିକ ଓ ସର୍ଦ୍ଦାର ସମସ୍ତ ପରିବାରକୁ ବନ୍ଧକ ରଖିଥାଏ।

ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କଳାହାଣ୍ଡି ଜିଲ୍ଲାର ଦିଆଲୁ ନିଆଳ ଓ ନୀଳାମ୍ବର ମାଝୀଙ୍କ ହାତ କାଟିବା ଘଟଣା, ବାପା ଅସୁସ୍ଥ ହେବା ବେଳେ ୮ ବର୍ଷୀୟ ପୁଅ ସୁଶାନ୍ତ କୁମ୍ଭାରକୁ ଜୋରଜବରଦସ୍ତି କାମ କରେଇବା ଏବଂ କାମ କରି ନ ପାରିବାରୁ ମାଡ଼ ମାରି ସୁଶାନ୍ତର ହାତ ଭାଙ୍ଗିଦେବା ଘଟଣା, ନିକଟଅତୀତରେ ନୂଆପଡ଼ା ଜିଲ୍ଲାର ଶ୍ରମିକ ବିଦ୍ୟାଧର ମାଝୀଙ୍କୁ ଟ୍ରାନ୍ସଫର୍ମରରେ ବାନ୍ଧି ଜଳେଇଦେବା ଘଟଣା, ଚିକିତ୍ସା ପାଇଁ ମାଆକୁ ଛୁଟି ଦେବା ପାଇଁ ନବରଙ୍ଗପୁରର ନାବାଳିକା ମାମାନା ଚୌହାନ ଇଟା ଭାଟିରେ ବନ୍ଧକ ରହିବା ଭଳି ଘଟଣା ସମୂହ।

ହିସାବ କଲେ ଅସଂଖ୍ୟ ଘଟଣା ନିତିଦିନ ସାମ୍ନାକୁ ଆସେ। ଏସବୁ ଅତ୍ୟନ୍ତ ଅମାନୁଷିକ ଓ ଘୃଣ୍ୟ ପରିସ୍ଥିତି ଭିତରେ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ଦିନ କାଟୁଛନ୍ତି ନିଜ ପେଟ ଚାଖଣ୍ଡକ ପାଇଁ। ତେଣୁ ଏଥିରୁ ସ୍ପଷ୍ଟ ଯେ ଦାଦନ ଶ୍ରମିକମାନେ ବନ୍ଧକ ଶ୍ରମିକ ସଂଜ୍ଞାଭୁକ୍ତ। ଏମାନଙ୍କ କ୍ଷେତ୍ରରେ ଆହୁରି ସାଙ୍ଘାତିକ ଘଟଣାମାନ ଘଟେ। ବେଳେବେଳେ ଦାଦନ ଶ୍ରମିକ ପରିବାରର ମହିଳା ଓ ନାବାଳିକା ଝିଅମାନେ ମାଲିକର ଗୁଣ୍ଡାମାନଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୁଅନ୍ତି। ଏପରିକି ସେମାନଙ୍କୁ ଅପହରଣ କରି ଚାଲାଣ କରିଦିଆଯାଏ, ଯାହାକି ଆଜିର ଦୁନିଆରେ ସବୁଠାରୁ ଘୃଣ୍ୟ ଅପରାଧ। ଏଣୁ ସରକାର ଓ ଆମେ ସଚେତନ ନାଗରିକ, ବନ୍ଧକ ଶ୍ରମିକ ପ୍ରଥା(ଉଚ୍ଛେଦ) ଆଇନକୁ ସଫଳତା ସହିତ କାର୍ଯ୍ୟକାରୀ କରାଇ ଅପରାଧୀମାନଙ୍କୁ ଦଣ୍ଡିତ କରିବା ଦିଗରେ ତତ୍ପର ହେବା ଆବଶ୍ୟକ।

ନାନଡୋଲ୍(କଳାହାଣ୍ଡି), ମୋ: ୯୪୩୭୦୭୦୦୩୮

# ଏକାମ୍ରକ୍ଷେତ୍ରେ ଶ୍ରୀଲିଙ୍ଗରାଜ ବିଜେ

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗରେ କାଶୀ ନାମକ ଜଣେ ଶିବଭକ୍ତ ରାଜା ବାରାଣାସୀ ଅଞ୍ଚଳରେ ରାଜତ୍ୱ କରୁଥିଲେ। ଶ୍ରୀକୃଷ୍ଣଙ୍କ ଲୋକପ୍ରିୟତା ତାଙ୍କୁ ଅସହ୍ୟ ହେଉଥିଲା। ତେଣୁ ସେ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଲୋକପ୍ରିୟତାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହୁଁଥିଲେ। ତାଙ୍କୁ ଏ ଦିଗରେ ସହାୟତା କରିବା ପାଇଁ ସେ କଠୋର ତପସ୍ୟା କରି ଶିବଙ୍କୁ ସନ୍ତୁଷ୍ଟ କଲେ। ରାଜାଙ୍କ ଅନୁରୋଧରେ ଶିବ ଶ୍ରୀକୃଷ୍ଣଙ୍କ ସହ ଯୁଦ୍ଧରେ ତାଙ୍କ ପକ୍ଷରେ ଯୋଗ ଦେବା ପାଇଁ ସ୍ୱୀକୃତି ଦେବା ପରେ ରାଜା କାଶୀ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ କଲେ। ଶ୍ରୀକୃଷ୍ଣ ଏବଂ କାଶୀ ରାଜାଙ୍କ ତରଫରୁ ଦେବ ଦେବ ମହାଦେବ ଯୁଦ୍ଧରେ ଅବତୀର୍ଣ୍ଣ ହେଲେ। ଶ୍ରୀକୃଷ୍ଣ ସୁଦର୍ଶନଚକ୍ର ଦ୍ୱାରା କାଶୀ ରାଜାଙ୍କର ଶୀର ଚ୍ଛେଦନ କଲେ ଏବଂ ବାରାଣାସୀକୁ ଭସ୍ମରେ ପରିଣତ କରିଦେଲେ। ଏହାପରେ ଶିବଗଣଙ୍କୁ ବଧ କଲେ ଏବଂ ଶିବଙ୍କ ଅସ୍ତ୍ରମାନଙ୍କର ଶକ୍ତି ହରଣ କଲେ।

ଶିବ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହୋଇ ଅପରାଧ ମାର୍ଜନା କରିବା ପାଇଁ ପ୍ରାର୍ଥନା କଲେ। ଶ୍ରୀକୃଷ୍ଣ ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ, 'ଦେବ ଦେବ ମହାଦେବ! ଜଣେ ଅହଙ୍କାରୀ ରାଜାଙ୍କୁ ସମର୍ଥନ କରି ଆପଣ ମୋ ବିରୁଦ୍ଧରେ ଅସ୍ତ୍ରଧାରଣ କରି ଅପରାଧ କରିଛନ୍ତି। ମୋର ଅନୁଗ୍ରହରେ ଆପଣଙ୍କର ଅସ୍ତ୍ରମାନେ ସେମାନଙ୍କର ପୂର୍ବଶକ୍ତି ଫେରିପାଇବେ ଏବଂ ଶିବଗଣମାନେ ପୁନର୍ଜୀବନ ଲାଭ କରିବେ। ଆପଣ ପୁଣି ଭବିଷ୍ୟତରେ କେବେ ମୋର ବିରୁଦ୍ଧାଚରଣ କଲେ ସେମାନେ ପୁଣି ଶକ୍ତିହୀନ ହୋଇଯିବେ। ଆପଣ ବର୍ତ୍ତମାନ ଦକ୍ଷିଣସାଗର କୂଳରେ ଅବସ୍ଥିତ ପୁରୁଷୋତ୍ତମ କ୍ଷେତ୍ରକୁ ଗମନ କରନ୍ତୁ। ସେ କ୍ଷେତ୍ରରେ ଅବସ୍ଥିତ ନୀଳାଚଳ ପର୍ବତରେ ମୁଁ ନୀଳକାନ୍ତ ମଣିମୟ ବିଗ୍ରହ ଧାରଣ କରି ବିରାଜମାନ କରୁଛି। କାଳାନ୍ତରରେ ମୁଁ ସେଠାରେ ଚତୁର୍ଦ୍ଧାମୂର୍ତ୍ତି ରୂପେ ଦାରୁ ସ୍ୱରୂପରେ ଆରାଧିତ ହେବି। ନୀଳାଚଳର ଉତ୍ତର ଦିଗରେ ଏକାମ୍ରକାନନ ନାମରେ ଏକ ପବିତ୍ର ବନଭୂମି ବିଦ୍ୟମାନ। ଆପଣ ସେଠାରେ ଗୌରୀଙ୍କ ସହ 'କୋଟିଲିଙ୍ଗେଶ୍ୱର ଲିଙ୍ଗରାଜ' ରୂପେ ଆରାଧିତ ହେବେ। ମୋର ଆଦେଶମତେ ବେଦପତି ବ୍ରହ୍ମା ସେକ୍ଷେତ୍ରରେ ଆପଣଙ୍କୁ ପ୍ରତିଷ୍ଠା କରିବେ।'

ମହାପ୍ରଭୁଙ୍କ କଥା ଶୁଣି ଶିବ ଆନନ୍ଦିତ ହୋଇ କହିଲେ, 'ପ୍ରଭୁ! ଆପଣଙ୍କ ଆଦେଶ ମତେ ମୁଁ ଗୌରୀଙ୍କ ସହ ଏକାମ୍ର କ୍ଷେତ୍ରରେ ନିବାସ କରିବି। କିନ୍ତୁ ମୁଁ ଆପଣଙ୍କ ଦର୍ଶନ ପାଇବି କିପରି?' 'ଆପଣ ଶ୍ରୀମନ୍ଦିରର ବାଇଶି ପାହାଚର ତୃତୀୟ ପାହାଚରେ ଏକ ମନ୍ଦିରରେ ଆରାଧିତ ହେବେ। ସେଠାରେ ଭକ୍ତମାନେ ଆପଣଙ୍କୁ ଦର୍ଶନ କଲେ କାଶୀବିଶ୍ୱନାଥଙ୍କ ଦର୍ଶନର ପୁଣ୍ୟ ଲାଭ କରିବେ। ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ମୁଁ ଶ୍ରୀମନ୍ଦିରରୁ ରଥକୁ ଯାତ୍ରା କଲା ବେଳେ ଆପଣ ମୋର ଦର୍ଶନ ଲାଭ କରିବେ' - ଶ୍ରୀକୃଷ୍ଣ ଏହି ପ୍ରତିଶ୍ରୁତି ଦେଲେ।

ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜଙ୍କ ବିଜେ ପ୍ରସଙ୍ଗରେ ଆଉ ଏକ ଲୋକକଥା ଶୁଣିବାକୁ ମିଳେ। ଥରେ ମହୋଦଧିରେ ଏକ ଦୁର୍ଲଭ ସ୍ନାନ ଯୋଗ ପଡ଼ିଥିଲା। ତାହା ଏତେ ପବିତ୍ର ଥିଲା ଯେ ସ୍ୱର୍ଗରୁ ଦେବତାମାନେ ଆସି ମହୋଦଧିରେ ସ୍ନାନ କରୁଥିଲେ। କାଶୀକ୍ଷେତ୍ରରୁ ବାବା ବିଶ୍ୱନାଥ ମଧ୍ୟ ସ୍ନାନ ପାଇଁ ଶ୍ରୀକ୍ଷେତ୍ର ଆସୁଥିଲେ। ମହାପ୍ରଭୁ ଜଗନ୍ନାଥ ଏ ଖବର ପାଇ ତାଙ୍କୁ ପାଛୋଟି ଆଣିବା ପାଇଁ କାଶୀ ଦିଗରେ ଯାତ୍ରା କଲେ। ଏକାମ୍ର କ୍ଷେତ୍ରରେ ସେମାନଙ୍କର ଭେଟ ହେଲା। ଏତିକି ବେଳେ ଶିବଙ୍କ ଶ୍ରୀଅଙ୍ଗକୁ ଅଳଙ୍କୃତ କରୁଥିବା ସାପମାନେ ଶ୍ରୀଜଗନ୍ନାଥଙ୍କ ବାହନ ଗରୁଡ଼ଙ୍କୁ ଦେଖି ପଳାୟନ କଲେ। ଶିବଙ୍କ ଚର୍ମାମ୍ବରକୁ ଧରି ରଖିଥିବା ସାପଟି ମଧ୍ୟ ଚାଲିଯିବାରୁ ଶିବ ଦିଗମ୍ବର ହୋଇଗଲେ। ସେ ମହାପ୍ରଭୁଙ୍କ ଦର୍ଶନରେ ଏପରି ତନ୍ମୟ ହୋଇ ଯାଇଥିଲେ ଯେ ସେଥିପ୍ରତି ତାଙ୍କର ନିଘା ନ ଥିଲା। ଶିବଙ୍କ ସରଳତା ଓ ଭକ୍ତିରେ ମୁଗ୍ଧ ହୋଇ ମହାପ୍ରଭୁ ତାଙ୍କୁ ଆଲିଙ୍ଗନ କରି ସମ୍ବର୍ଦ୍ଧିତ କଲେ। ମହାଦେବ କହିଲେ, 'ମହାପ୍ରଭୁ! ଆପଣଙ୍କ ପ୍ରତ୍ୟକ୍ଷ ଦର୍ଶନ ମହୋଦଧିରେ ସ୍ନାନଠାରୁ ବହୁ ଅଧିକ ପୁଣ୍ୟଦାୟୀ। ତେଣୁ ମୁଁ ଏହି କ୍ଷେତ୍ରରେ ନିବାସ କରିବି। ଆପଣ ମୋତେ କୋଳାଗ୍ରତ କରି ସମ୍ବର୍ଦ୍ଧିତ କରି କୃତାର୍ଥ କରିଛନ୍ତି। ତେଣୁ ଆମ୍ଭ ଦୁହିଁଙ୍କର ମିଳିତ ବିଗ୍ରହ ଏଠାରେ ଲିଙ୍ଗରାଜ ରୂପେ ଆରାଧିତ ହେବେ। ମନ୍ଦିର ସମ୍ମୁଖରେ ବୃଷଭ ଓ ଗରୁଡ଼ ଏକତ୍ର ବିରାଜମାନ କରିବେ। ମନ୍ଦିର ଚୂଡ଼ାରେ ପିନାକ ଧନୁ ଓ ସୁଦର୍ଶନ ସ୍ଥାପିତ ହେବେ। ଶ୍ରୀମନ୍ଦିର ପରି ଏଠାରେ ମଧ୍ୟ ମହାପ୍ରସାଦ ପ୍ରସ୍ତୁତ ହୋଇ ଲିଙ୍ଗରାଜଙ୍କୁ ସମର୍ପଣ କରାଯିବ।' ସେହିଦିନଠାରୁ ଏକାମ୍ରକ୍ଷେତ୍ରରେ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥ ହରିହର ରୂପେ ଆରାଧିତ ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଣି ଦାଦନ ଶ୍ରମିକଙ୍କ ମୃତ୍ୟୁ
### ଶବ ଆଣିବାକୁ ପରିବାର ନେହୁରା

ଜୟପାଟଣା, ୧୦।୨(ସମିସ): ଜୟପାଟଣା ଥାନା ଅଧୀନ କୋଟପାଡ଼ି ଗାଁର ଧନୁର୍ଯ୍ୟ ପଟେଲ(୫୨)ଙ୍କ ଅନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ମୃତ୍ୟୁ ହୋଇଛି। ସେ ଗତ ଦୁଇବର୍ଷ ତଳେ ସେ ଦାଦନ ଶ୍ରମିକ ଭାବେ ସୁଦୂର ଅନ୍ଧ୍ରପ୍ରଦେଶ ଗୁଣ୍ଟୁର ଯାଇ ସେଠାରେ ଥିବା ଏକ ତମାଖୁ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାମ କରୁଥିଲେ। ଗତକାଲି ଧନୁର୍ଯ୍ୟଙ୍କୁ ପେଟ ବିନ୍ଧା ହେବା ଫଳରେ ସେ ହସ୍ପିଟାଲ ଯାଇଥିଲେ। କିନ୍ତୁ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ସ୍ତ୍ରୀ କସ୍ତୁରୀ କହିଛନ୍ତି। ବର୍ତ୍ତମାନ ଶବ ଆଣିବା ପାଇଁ ପରିବାର ସକ୍ଷମ ନାହାନ୍ତି। ଏଣୁ ପ୍ରଶାସନ ଧନୁର୍ଯ୍ୟଙ୍କ ଶବ ଆଣିବା ବ୍ୟବସ୍ଥା କରନ୍ତୁ ବୋଲି ପରିବାରଲୋକେ ଅନୁରୋଧ କରିଛନ୍ତି। ଧନୁର୍ଯ୍ୟଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ କସ୍ତୁରା, ଝିଅ ଓ ୭୦ ବର୍ଷୀୟ ବୁଢ଼ୀ ମା'ଙ୍କ ରହିଛନ୍ତି।



## ଭାଇ ବିବାହ କାର୍ଡ ଦେବାକୁ ଆସି ଯୁବକଙ୍କ ମୃତ୍ୟୁ

କଣ୍ଟାବାଞ୍ଜି,୧୦।୨(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରେ ଏକ ପାଣି ଟାଙ୍କରକୁ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କଳାହାଣ୍ଡି ଜିଲ୍ଲା ନରେନ୍ଦ୍ରପୁର ଗାଁର ଚନ୍ଦ୍ରଭୁଜ ସାହୁ। ମାର୍ଚ୍ଚ ୮ ତାରିଖରେ ତାଙ୍କ ଭାଇର ବାହାଘର। ଏଥିପାଇଁ ସେ କଣ୍ଟାବାଞ୍ଜିର ଜଣେ ସମ୍ପର୍କୀୟଙ୍କ ଘରକୁ ନିମନ୍ତ୍ରଣକାର୍ଡ ଦେବାକୁ ଯାଇଥିଲେ। ଫେରିବା ବେଳେ ବଙ୍ଗୋମୁଣ୍ଡା ଜେଲାର ନିକଟରେ ଅଘଟଣ ଘଟିଥିଲା। ବଙ୍ଗୋମୁଣ୍ଡା ପୁଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।

## କୋର୍ଟରେ ହାଜର ହେଲେ ମାଓନେତା ଆଜାଦ

ରାୟଗଡ଼ା, ୧୦।୨(ସମିସ): ଦୁଷ୍କର୍ମ ମାମଲାରେ ଆଜି ରାୟଗଡ଼ା ପୋକ୍ସୋ କୋର୍ଟରେ ହାଜର ହୋଇଛନ୍ତି ମାଓନେତା ଆଜାଦ ଓରଫ୍ ଦୁନା କେଶବ ରାଓ। ଜଣେ ନାବାଳିକାକୁ ଆଜାଦ ଏବଂ ତାଙ୍କର କିଛି ସାଥୀ ବଳପୂର୍ବକ ଘରୁ ଟେକିନେଇ ଜଙ୍ଗଲରେ ବନ୍ଧୁକ ଦେଖାଇ ଉଠାଇ ନେଇ କରାଇବା ସହ ବାରମ୍ବାର ଗଣଦୁଷ୍କର୍ମ କରିଥିବା ନେଇ ଗତ ୨୦୨୩ ମସିହାରେ ବିଷମକଟକ ଥାନାରେ ଅଭିଯୋଗ ହୋଇଥିଲା। ଆଜି ଏହି ମାମଲାର ଶୁଣାଣି କରି ଅତିରିକ୍ତ ଦୌରାଜକ ତଥା ପୋକ୍ସ କୋର୍ଟର ସତନ୍ତ୍ର ଜଜ୍ ଶ୍ୱେତା ମିଶ୍ର ଆଜାଦଙ୍କ ଓକିଲ ଦାଖଲ କରିଥିବା ପିଟିସନକୁ ଖାରଜ କରିଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ ବୋଲି ପୋକ୍ସ କୋର୍ଟର ସତନ୍ତ୍ର ପିପି ବିରଜା ପାତ୍ର କହିଛନ୍ତି।

## ଯୁବତୀଙ୍କୁ ଅସଦାଚରଣ
## ପ୍ରତିବାଦ କରିବାରୁ ଯୁବକଙ୍କୁ ଛୁରାମାଡ଼

ବୌଦ୍ଧ/ଜହ୍ନାପଙ୍କ, ୧୦।୨ (ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଖୋର୍ଦ୍ଧା-ବଲାଙ୍ଗିର ୫୭ନମ୍ବର ଜାତୀୟ ରାଜପଥ ସାଲାନପାଲରେ ମିଶ୍ର ବସ୍ ଭିତରେ ଜଣେ ଯୁବକଙ୍କୁ ଜଣେ ମଦ୍ୟପ ଯୁବକ ଛୁରାମାଡ଼ କରିଛନ୍ତି। ଡଗରିଜା ଗ୍ରାମର ସାଗର ଡାଣ୍ଡୀ ଏହି ଛୁରାମାଡ଼ର ଶିକାର ହୋଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ବୌଦ୍ଧ ଥାନା ଘୋଡାଘ ଗ୍ରାମର ମାନସ ବାଘ। ବୌଦ୍ଧରୁ ସୋନପୁର ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଅଭିଯୁକ୍ତ ମାନସ ନିଶାସକ୍ତ ଅବସ୍ଥାରେ ଜଣେ ଯୁବତୀଙ୍କୁ ବାରମ୍ବାର ଅସଦାଚରଣ କରୁଥିଲା। ଯୁବତୀଜଣଙ୍କ କାନ୍ଦିକାନ୍ଦି ନିଜ ସିଟ୍‌ରୁ ଉଠି ଅନ୍ୟତ୍ର ବସିଥିଲେ ହେଁ ସେଠାରେ ମଧ୍ୟ ସେ ତାଙ୍କୁ ଅସଦାଚରଣ କରିଥିଲା। ଏହା ଦେଖି ପ୍ରତିବାଦ କରିବାରୁ ଅଭିଯୁକ୍ତ ମାନସ ଉତ୍ତେଜିତ ହୋଇ ସାଗରଙ୍କ ବେକକୁ ଏକ ଛୁରୀରେ ଆକ୍ରମଣ କରିଥିଲା। ସାଗରଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବାଉଁଶୁଣି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ବାଉଁଶୁଣି ପୁଲିସ ପହଞ୍ଚି ମଦ୍ୟପ ମାନସଙ୍କୁ ହେପାଜତକୁ ନେଇଥିଲା। ଅଭିଯୁକ୍ତ ମାନସ ସହ ବସ୍ କର୍ମଚାରୀଙ୍କୁ ମଧ୍ୟ ଥାନାକୁ ନେଇ ପୁଲିସ ପଚରାଉଚରା କରୁଛନ୍ତି। ବସ୍ ମଧ୍ୟ ଅଟକ ରଖିଛି। ତେବେ, ବସ୍ ଭିତରେ ଏଭଳି ଅଘଟଣ ଘଟୁଥିବା ବେଳେ ବସ୍ କର୍ମଚାରୀ କାହିଁକି ନିରବ ଥିଲେ, ଚାଳକ ଗାଡ଼ି ଅଟକାଇ କାହିଁକି ପୁଲିସ ସହ ଯୋଗାଯୋଗ କଲେ ନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩ ଘଣ୍ଟାରେ...

ଆର୍ଟିଫିସିଆଲ କଣ୍ଟେଣ୍ଟ ସୃଷ୍ଟି କିମ୍ବା ସେୟାର୍‌କୁ ସହଜ କରୁଥିବା ପ୍ଲାଟଫର୍ମଗୁଡ଼ିକୁ ନିଶ୍ଚିତ କରିବା ଆବଶ୍ୟକ ଯେ ଏପରି ବିଷୟବସ୍ତୁ ସ୍ପଷ୍ଟ ଏବଂ ପ୍ରମୁଖ ଭାବରେ ଲେବଲ୍ ହୋଇଛି। ଯେଉଁଠାରେ ବୈଷୟିକ ଭାବରେ ସମ୍ଭବ, ଏହାକୁ ସ୍ଥାୟୀ ମେଟାଡାଟା କିମ୍ବା ଚିହ୍ନଟକାରୀ ସହିତ ଜଡ଼ିତ କରାଯିବା ଉଚିତ। ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ଥରେ ଏଆଇ ଲେବଲ୍ ଲାଗିବା ପରେ ପ୍ଲାଟଫର୍ମଗୁଡ଼ିକ ତାହାକୁ ଲୁଚାଇପାରିବେ ନାହିଁ କିମ୍ବା ହଟାଇ ପାରିବେ ନାହିଁ।

### ଜଳୁଛି ମଣିପୁର...

କୁକି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ଏହାର ଆଖପାଖ ଅଞ୍ଚଳ ବ୍ୟାବସାୟିକ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ। ସୁରକ୍ଷା ଏବଂ ସମନ୍ୱୟ ପାଇଁ ଲିତାନ ଥାନାରେ ଯୁଗ୍ମ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି। ସ୍ଥିତି ଉପରେ ନଜର ରଖାଯାଉଛି। ସମ୍ବେଦନଶୀଳ ଏବଂ ସୀମାରେ ତଲାସୀ ଅଭିଯାନ ଜାରି ରହିଛି। ଏବେ ରାଜ୍ୟର ଅଲଗା ଅଲଗା ଭାଗରେ ୧୧୫ ନାକା ଏବଂ ଚେକପୋଷ୍ଟ ଲାଗିଛି। ଅନ୍ୟପଟେ ମଣିପୁର ଉପମୁଖ୍ୟମନ୍ତ୍ରୀ ତଥା ନାଗାନ ନେତା ଲାସୋ ଦିଖୋ ରବିବାରଠାରୁ ଅଶାନ୍ତ ଅଞ୍ଚଳରେ ଡେରା ପକାଇଛନ୍ତି। ସେ ଶାନ୍ତି ବଜାୟ ରଖିବା ପାଇଁ ଏବଂ ଗୁଜବ ଉପରେ ଭରସା ନ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି।

### ପିୟୁସିସି ପାଇଁ...

ଅବାଗଟକ ବିଭିନ୍ନ ରାଜ୍ୟକୁ ଦୃଷ୍ଟାନ୍ତ ଭାବେ ନେଇ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସମସ୍ତ ବିଷୟକୁ ତର୍ଜମା କରିବା ପରେ ହାଇକୋର୍ଟ ମୋଟରଯାନ ନିୟମ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଫଳରେ ୯୦ ଦିନରୁ ଊର୍ଦ୍ଧ୍ୱ ଧରି ଚାଲାଣ ବକେୟା ଥିଲେ ମୋଟରଯାନର ପ୍ରଦୂଷଣ ଯାଞ୍ଚ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ସେହିଭଳି ପିୟୁସିସି ନ ଥିଲେ, ପେଟ୍ରୋଲ ମନା ସମ୍ପର୍କିତ ପରିବହନ ବିଭାଗର ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ହାଇକୋର୍ଟଙ୍କୁ ପୂର୍ବରୁ ଅବଗତ କରାଯାଇଛି।

ମାମଲାରୁ ପ୍ରକାଶ ଯେ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ବିନା ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ନଦେବା ପାଇଁ ତୈଳ କମ୍ପାନୀ ଗୁଡ଼ିକୁ ଗତ ୨୦୨୫ ଡିସେମ୍ବରରେ କରାଯାଇଥିବା ଚିଠି ବେଆଇନ। ସେହିଭଳି ଗାଡ଼ିଗୁଡ଼ିକର ବକେୟା ଚାଲାଣ ପଇଠ କରିବା ପରେ ପିୟୁସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡ଼ି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରି ଆବେଦନକାରୀ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲାର ଅନ୍ତ ପରେ ପିୟୁସିସି କରିବା ପୂର୍ବରୁ ୯୦ଦିନରୁ ପୁରୁଣା ଚାଲାଣ ପଇଠ କରିବା ବାଧ୍ୟତାମୂଳକ ବୋଲି ଆଜି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହାରେ ସୂଚନା ଦେଇଛନ୍ତି।

### ୨୫୦ ନୂଆ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ରାଜ୍ୟର ସବୁ ବ୍ଲକକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

### ୩ ବର୍ଷରେ...

ହୋଇଥିବା ସଙ୍କ୍ରାନ୍ତରେ ୪୮୭୬ ଟି ମାମଲା ରୁଜୁ ହୋଇଥିବାବେଳେ ମାତ୍ର ୨୪ କୋଟି ଟଙ୍କା ଭରଣା କରାଯାଇ ପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

ପୁଲିସ ବିଭାଗର କନେଷ୍ଟବଳ ଠାରୁ ଆରମ୍ଭ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରିବା ସହ ସଚେତନତା ମଧ୍ୟ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ଗତ ତିନି ବର୍ଷର ତଥ୍ୟକୁ ଯଦି ହିସାବକୁ ନିଆଯାଏ, ତେବେ ପ୍ରତିଦିନ ହାରାହାରି ୪.୩୩ କୋଟି ଓ ମାସକୁ ୪୦ କୋଟି ଟଙ୍କା ଅଦୃଶ୍ୟ ଠକ ଲୁଟୁଛନ୍ତି। କେତୋଟି ହାତଗଣତି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ଅନ୍ୟ ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ ରହିଛି।

### କାଠ ସଂଗ୍ରହ ବେଳେ...

ଆଗ୍ରହୀ ସୂଚନା ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଉଭୟ ମଣିଷ ଏବଂ ବନ୍ୟଜନ୍ତୁଙ୍କ ଜୀବନ ରକ୍ଷା ପାଇଁ ଦୀର୍ଘସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୦ଟା ବେଳେ ୬ଜଣ ଯାକ ପାଟପୁର ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିଲେ। ଜଙ୍ଗଲ ଭିତରକୁ ପଶୁପଶୁ ସେମାନେ ଗୋଟିଏ ଦନ୍ତା ହାତୀ ହାତ୍ୱଡ଼ରେ ପଡ଼ି ଯାଇଥିଲେ। ହାତୀକୁ ପାଖରେ ଦେଖି ସେମାନେ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ବର୍ତ୍ତି ପାରିନଥିଲେ। ଦନ୍ତାଟି ସମସ୍ତଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ବନ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଇନ୍ଦୁ, ଟୁନା ଓ କୁନ୍ତଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସଦର ରେଞ୍ଜର ଉଦ୍ଧବ ପ୍ରଧାନଙ୍କ କହିବା ଅନୁସାରେ ଜଙ୍ଗଲରେ ହାତୀ ରହିଥିବା ନେଇ ବାରମ୍ବାର ସତର୍କ କରାଯାଉଥିଲା। ଆଜି ସକାଳେ ମଧ୍ୟ ସଚେତନ କରାଯାଇଥିଲା। କିନ୍ତୁ ସେମାନେ ଏହାକୁ ଖାତିର୍ ନ କରି ଜଙ୍ଗଲ ଭିତରକୁ କାଠ ସଂଗ୍ରହ କରିବାକୁ ଯିବାରୁ ଏପରି ଅଘଟଣ ଘଟିଲା।

### ଅଷ୍ଟମ ଅନୁଚ୍ଛେଦରେ...

ଭାଷାର ସଂରକ୍ଷଣ ଏବଂ ବିକାଶ ପାଇଁ ଏହା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ନିହାତି ଜରୁରୀ ବୋଲି ଭାଷାବିତ୍‌ମାନେ ମତ ପ୍ରକାଶ କରନ୍ତି। ଏହାର ଗୁରୁତ୍ୱକୁ ଅନୁଭବ କରି ବିଜେଡି ଲଗାତାର ଭାବେ ଏନେଇ ଦାବି ଉପସ୍ଥାପନ କରି ଆସୁଛି। ବର୍ତ୍ତମାନ ଓଡ଼ିଆ ସମେତ ମୋଟ ୨୨ଟି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ରହିଛି। ଶେଷଥର ପାଇଁ ୨୦୦୪ ମସିହାରେ ବୋଡୋ, ଡୋଗରା, ମୈଥିଳି ଭାଷା ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଏହା ପରଠାରୁ କୌଣସି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇ ନାହିଁ। ପୂର୍ବରୁ ପହଞ୍ଚ(୧୯୯୬) ଏବଂ ସୀତାକାନ୍ତ ମହାପାତ୍ର(୨୦୦୩) କମିଟି ଜରିଆରେ ଏ ସଙ୍କ୍ରାନ୍ତରେ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ ପାଇଁ ଉଦ୍ୟମ ହୋଇଥିଲା। ମାତ୍ର ଏହି ପ୍ରୟାସ ଅସମ୍ପୂର୍ଣ୍ଣ ରହିଥିଲା। ତେବେ ଭାଷାବିତ୍‌ମାନଙ୍କ ସୂଚନା ଅନୁସାରେ ବର୍ତ୍ତମାନର ଡିଜିଟାଲ ଯୁଗ ଏବଂ ଆଧୁନିକ ଜୀବନଶୈଳୀକୁ ଅନୁଧ୍ୟାନ କଲେ ଏହି ଭାଷା ଗୁଡ଼ିକର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଏହାର ସରକାରୀସ୍ତରରେ ସଂରକ୍ଷଣ ଜରୁରୀ ଅଟେ। ଅଷ୍ଟମ ଅନୁଚ୍ଛେଦରେ ଭାଷାକୁ ସାମିଲ କରିବା ପାଇଁ ମାନଦଣ୍ଡ ପ୍ରସ୍ତୁତ କରିବା, ସେତେଟା କଷ୍ଟକର କାର୍ଯ୍ୟ ନୁହେଁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନିତାନ୍ତ ଜରୁରୀ ଅଟେ ବୋଲି ଭାଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। ଦେଶର ରାଷ୍ଟ୍ରପତି ଭାବେ ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଆସୀନ ଅଛନ୍ତି। ଆଦିବାସୀ ବ୍ୟାପାର ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ବି ଓଡ଼ିଶାର ଜୁଏଲ ଓରାମ। ଓଡ଼ିଶାରୁ ବିଜେପିର ୨୦ ଜଣ ସାଂସଦ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଏହାଠାରୁ ଆଉ ଶ୍ରେଷ୍ଠ ସମୟ ଆଉ କିଛି ହୋଇ ନପାରେ। ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କର ଆଦିବାସୀଙ୍କ ବିକାଶ ସେମାନଙ୍କ ସଂସ୍କୃତିର ସଂରକ୍ଷଣ ପାଇଁ ସବରେ ଯେଉଁ ଇଚ୍ଛା ରହିଛି, ତାହେଲେ ହୋ, ମୁଣ୍ଡାରୀ, ଭୂମିଜ, କୁଇ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଛି।


### ମନମୋହନ ସହଯୋଗ ହାଇସ୍କୁଲ, ତାଳପଦା, ତିହିଡ଼ି, ଭଦ୍ରକ

ନଂ-୩, ତା-୯.୨.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ମନମୋହନ ହାଇସ୍କୁଲ, ତାଳପଦାରେ ଗୋଟିଏ ଟି.ଜି.ପୋଷ୍ଟ(ARTS)ଖାଲି ରହିଅଛି। ଏହାର ପୂରଣ ନିମନ୍ତେ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଟ୍ରେନିଂ ସାର୍ଟିଫିକେଟ ଆବଶ୍ୟକ। ଯୋଗାଯୋଗ ପାଇଁ ଠିକଣା, ମନମୋହନ ହାଇସ୍କୁଲ, ତାଳପଦା, ଥାନା-ତିହିଡ଼ି, ଜିଲ୍ଲା-ଭଦ୍ରକଙ୍କ ସହ ଆସନ୍ତା ୭ ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ।

ସମ୍ପାଦକ,
ମନମୋହନ ହାଇସ୍କୁଲ, ତାଳପଦା

### PUBLIC NOTICE

The original Patta / Record of Rights (ROR) relating to Khata No. 112/41, Plot No. 46/254 and Khata no 112/40, plot No. 44, Mouza Ramachandrapur, P.S. Badachana, Tahasil Darpan, District Jajpur, Odisha, has been lost/misplaced on 05.02.2026. A General Diary has been lodged at Darghabazar Police Station, Cuttack UPD.

If anyone finds the said document, kindly inform at the contact number given below.

Smt. Manju Devi Agarwal, Cuttack
Mob: 9437068119

### WANTED

A well-established firm invites applications for the following positions:

1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com
Contact 7978386707

### PUBLIC NOTICE

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

For Sahara India Pariwar — Authorised Signatory
Date: 10 February 2026
Place: Lucknow

1001/16/2526

GOVERNMENT OF ODISHA
OFFICE OF THE EXECUTIVE ENGINEER (AGRIL.),
SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017
e-mail: eenzsc.sambalpur@gmail.com
Notice No. 577 Dt. 09.02.2026
NATIONAL COMPETITIVE BIDDING THROUGH e-Procurement
Identification No. 08 /DSC&WD / NZ / 2025-26 Dt. 09.02.2026

| | | |
|---|---|---|
| 1 | Nature of Work | Beautification and Construction of Non-Residential Buildings |
| 2 | Nos. of work | 01 no. |
| 3 | Tendered amount in Rs. | Rs. 52,71,036 /- |
| 4 | Period of completion | 210 days |
| 5 | Date & Time of availability of bid document in the portal | From 10.00 Hrs. of 18.02.2026 to 17.30 Hrs. of 26.02.2026 |
| 6 | Last date/ time of receipt of original documents in the tender box at the office of the undersigned | Before 17.30 Hrs. of 05.03.2026 |
| 7 | Date & Time of opening of bids | 11.00 Hrs. of 07.03.2026 onwards |
| 8 | Name and Address of the officer inviting bid | Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017 |

Further details can be seen from the web site www.tendersodisha.gov.in

Executive Engineer (Agril.)
Soil Conservation, NZ, Sambalpur

OIPR-1001/1481/1/25-26/0011

27001/15/2526

ସମଗ୍ର ଶିକ୍ଷା Samagra Shiksha

DISTRICT PROJECT OFFICE
Old Revenue Colony, Behind Govt. Hospital, RAYAGADA
email - dpcrayagadassa.opepa@nic.in

Letter No. 545 / V/SC/ST/74/2026 Dated 09.02.2026

NOTICE INVITING TENDER (NIT)

Sealed tenders are invited from the reputed & credible Supplier / firms / agencies for Supply of "Brass and Pipe Band Instruments at 15 PM Shri Schools" and Band Uniform for the children in Band Troups in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| For Supply of Brass and Pipe Band Instruments and Uniform for the Children in Band Troups at 15 PM Shri Schools | Rs.3000/- (Rupees three Thousand only) | Rs.80,000/- (Rupees eighty thousand only) | 25.02.2026 by 5.30 pm | 26.02.2026 by 4.00 pm |

The detailed BID document is available in the website https://osepa.odisha.gov.in & https://rayagada.odisha.gov.in. Interested and eligible agency / firms may download the BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web sites. Hence potential bidders are requested to be in continuous touch with the above web sites.

The Tender Inviting Authority (TIA) reserves the right to accept or reject any or all tenders, wholly or in part, without assigning any reason thereof and without incurring any liability to the affected bidder(s).

Collector-cum-Chairman
Samagra Shiksha, Rayagada

OIPR-27001/27030/1/25-26/0001

### SRI SRI NRUSINGHNATH TEMPLE

INDEX NO.1406/BNS, AT- DURGAPALI, PO- PAIKMAL, DIST.- BARGARH, PH-7683834862, Web- www.nrusinghanathtemple.in
email id- srisrinrusinghanathtemple@gmail.com

ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶ୍ରୀମାନ ଅତିରିକ୍ତ ଦେବୋତ୍ତର କମିଶନର, ସମ୍ବଲପୁରଙ୍କ ଆଦେଶ ନଂ ୧୨୦ ତା.୨୧.୦୧.୨୦୨୬ରିଖ ଅନୁଯାୟୀ ଶ୍ରୀମନ୍ଦିରର ଦୋକାନ, ଅଗ୍ନି ପ୍ରବାହ ଘାଟ, ଚୂଡ଼ା କରଣ ମଣ୍ଡପ, ଗାଡ଼ି ପାର୍କିଂ, ମୋଟର ସାଇକେଲ ଷ୍ଟାଣ୍ଡ, କୋଟା ଷ୍ଟାଣ୍ଡ ଓ ଶୌଚାଳୟ (ନୂଆ ୧ ଗୋଟି, ପୁରୁଣା ୨ ଗୋଟି) ଆଦିକୁ ୨୦୨୬-୨୦୨୭ ଆର୍ଥିକ ବର୍ଷ ସକାଶେ ଏକ ବର୍ଷ ପାଇଁ ନିଲାମ ଦେବା ପାଇଁ ସ୍ଥିର କରାଯାଇଛି। ଏଣୁ ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ... ଅଧିକ ସୂଚନା ପାଇଁ ମନ୍ଦିର ଅଫିସ ବା ୱେବସାଇଟ ସହ ଯୋଗାଯୋଗ କରନ୍ତୁ।

https://nrusinghanathtemple.in/tenders ରେ ଦେଖନ୍ତୁ। ଟେଣ୍ଡର ଦାଖଲ କରିବା ପାଇଁ ...

| କ୍ର. ନଂ | ସମ୍ପତ୍ତି ତାଲିକା | ସର୍କାରୀ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧ | କଡ଼ିଆ ଭୋଗ ଦୋକାନ | ୪୧,୭୦,୦୭୫/- | ୧୨,୫୧,୦୨୩/- |
| ୨ | ଅଗ୍ନି ପ୍ରବାହ ଘାଟ | ୩୩,୯୧,୫୦୦/- | ୧୦,୧୭,୪୫୦/- |
| ୩ | ଚୁଡ଼ା କରଣ ମଣ୍ଡପ | ୨୫,୫୬,୭୫୦/- | ୭,୬୬,୦୨୫/- |
| ୪ | ଗାଡ଼ି ପାର୍କିଂ | ୨୦,୭୯,୦୦୦/- | ୬,୨୩,୭୦୦/- |
| ୫ | ମୋଟର ସାଇକେଲ ଷ୍ଟାଣ୍ଡ | ୪,୫୬,୦୦୦/- | ୧,୩୮,୬୦୦/- |
| ୬ | କୋଟା ଷ୍ଟାଣ୍ଡ | ୧,୫୫,୯୨୫/- | ୪୬,୭୭୮/- |
| ୭ | ଶୌଚାଳୟ ( ନୂଆ ୧ ଗୋଟ) | ୧,୬୬,୫୦୦/- | ୪୯,୨୫୦/- |
| ୮ | ଶୌଚାଳୟ(ଗୋଟ ୨ ପୁରୁଣା ) | ୬୩,୦୦୦/- | ୧୮,୯୦୦/- |

ଏ.ବି.ଡି.ପୋଲକମାନ ତଥା
ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି / ଦେଖଭାଳ ଅଧିକାରୀ

### ପୂର୍ବ ତଟ ରେଳପଥ
ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

(1) ଷ୍ଟେସନ ଏବଂ ଷ୍ଟାଣ୍ଡ : କଟକ-2 ରେଳୱେ (ଷ୍ଟେସନ ପ୍ରବେଶ ନିକଟରେ)। ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଣ୍ଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଣ୍ଟିକା।

(2) ଷ୍ଟେସନ ଏବଂ ଷ୍ଟାଣ୍ଡ : ଢେଙ୍କାନାଳ-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)। ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଣ୍ଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଣ୍ଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା www.ireps.gov.inରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍

PR-1106/Q/25-26

### ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/17, ତା.06.02.2026ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ଓ୍ୱେବସାଇଟ : www.ireps.gov.in ରେ ଅପଲୋଡ଼ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81256552A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 4G SIM ଯୋଗାଣ PTZ 4MP IP ଆଧାରିତ CCTV କ୍ୟାମେରା ... ପ୍ରକାର, ପରିମାଣ : 261 ସଂଖ୍ୟକ।

କ୍ରମ ସଂ. 02 : ଟେଣ୍ଡର ସଂ. 81256545A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଉଭୟ ପ୍ରାନ୍ତ (Ends)ରେ ଲେଲ କ୍ଲାମ୍ପ (Clamp) ସହିତ ... 05 ମିଟର ଏବଂ 14 ମିଟର, ପରିମାଣ : 1520 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 02.03.2026, 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍

PR-1107/Q/25-26

### AFFIDAVIT

I, Dashami Naik, D/o: Rama Chandra Naik, Permanent / Currently residing of At/PO- Kankalu, PS- Kantabania, Dist- Dhenkanal (Odisha)-759121, declare by this Affidavit No.: 610, dated: 07.02.2026 that now onwards I shall be known as Archana Naik for all future purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated: 10/02/2026, I, Sri Shiba Prasad Sethi, resident of Vill-Dalaka, Po-Balisahi, Ps-Tarasingh, Dist-Ganjam, Pin-761131, Odisha, declare that I have changed the name of daughter from Santoshini Sethi to Liza Sethi. Henceforth, she shall be known Liza Sethi for all purposes.

### AFFIDAVIT

I Amit Kumar Agarwal, aged about 43 years S/O-R.K. Agarwal At-P- 312 , Block- A, South Dumdum, Lake town North-24 Pragans, West Bengal, India, declare by this Affidavit No. 80AA 956540 dated 10.02.2026 that my actual name is Amit Kumar Agarwal, Which is mentioned correctly in my Adhar Card Vide No.263408614268 And in my Passport Vide No.Z3989185, My name has been mentioned as Amit Agarwal. Both Amit Kumar Agarwal and Amit Agarwal is one and same person i.e. myself.

### AFFIDAVIT

By virtue of an affidavit no. 589/26 sworn before the Notary Public, Nabarangpur, dtd. 10.02.2026 I, Kamal Lochan Bhatra, Bhagat Bhatra, At-Cheliguda, P.S.-Kosagumuda, Dist.- Nabarangpur do hereby declare that my earlier name was Kamalachan Nayak & my father's name was recorded as Bhagat Nayak in some of my old records. That I have changed my name to Kamal Lochan Bhatra and my father's name to Bhagat Bhatra in my Aadhaar Card and Voter Identity Card. That Kamalachan Nayak, S/o- Bhagat Nayak & Kamal Lochan Bhatra, S/o-Bhagat Bhatra refer to one and the same person, i.e., myself.

### AFFIDAVIT

By virtue of an affidavit sworn before the Executive Magistrate, Pipili, Dist- Khordha SL No: 422 dated 10/02/2026, I GITANJALI MISHRA, W/o Surjyanarayan Mishra resident of Village At/Po-Rupadeipur, Ps- Balanga, Dist-Puri, Odisha declare that I have changed my name from SUMATI MISHRA to GITANJALI MISHRA. Henceforth, I shall be known as GITANJALI MISHRA for all purposes.
Sd- GITANJALI MISHRA

### LOST

ମୁଁ ଶ୍ରୀମତୀ ସାଗରାଣୀ ପ୍ରଧାନ ଓରଫ ବସା, ସ୍ୱାମୀ-ସ୍ୱ. ... ଙ୍କର ... ହଜିଯାଇଛି ... ସାତାରାଣୀ ପ୍ରଧାନ, H. No. 2, Forest Colony Sahi, Bhanjpur, Baripada, ମୋବାଇଲ- 9348984509, ଆଧାର ନଂ.- 907281001337, P A N N o . - A N T P B 8 2 3 2 H , ଜମି ନଂ.- 1230/2002, ... -224/194, ପ୍ଲଟ ନଂ.: 84/806, ମୌଜା: Unit-3, Forest Colony Sahi, Tahasil-Baripada.

### NOTICE

By virtue of an affidavit sworn before Notary Public, Bhubaneswar, dated 9th Feb 2026. I HARAPRIYA MOHAPATRA, Address At-Kaijanga, PO - Sisilo, PS - Balianta, Dist - Khordha - 752100 declare that I have changed my name from Kuni Mohapatra to Harapriya Mohapatra. Henceforth, I shall be known as Harapriya Mohapatra for all purposes.
Harapriya Mohapatra

### AFFIDAVIT

By virtue of an affidavit no. 134 sworn before the Executive Magistrate, Nabarangpur, dtd. 09.02.2026, I, Madhusudan Nag, S/o- Jaya Nag, resident of Vill/PO- Mentry, PS - Tentulikunti, Dist- Nabarangpur, Odisha, hereby declare that my name has been wrongly recorded as Madhusudan Harijan in my Aadhaar Card instead of my correct name Madhusudan Nag. Henceforth, I shall be known as Madhusudan Nag for all purposes.

### AFFIDAVIT

I, Nabaghana Sahoo, formerly call Dilu Sahoo, S/o: Rabi Sahoo, Permanent & present resident of At: Dulabeda Telisahi, PO: Handidhua, PS: Colliery, Dist.: Angul (Odisha) - 759100, declare by this Affidavit No.: 581, dated: 04.02.2026 that now onwards I shall be known as Nabaghana Sahoo for all future purposes.

### AFFIDAVIT

I, Anas, aged about 20 years, S/o- MD Abdul Quadir, resident of Ranjan Villa- VIP Road, Kanika Chhak, Infront of Allen Institute, PO- Tulasipur, PS- Lalbag, Town/Dist-Cuttack, PIN- 753008, State- Odisha declared by this affidavit No. 1022, dtd-09/02/2026 that now onwards I shall be known as MD ANAS ABDUL QUADIR for all future purposes.

### AFFIDAVIT

I, Shaik Amir Bakhs, S/o- SK Nabi Bakhs, resident of Flat No. 304, 3rd Floor, Amrita Residency, Near Pal Height, Jaydev Vihar, Bhubaneswar, Dist- Khurda, PIN- 751013, State- Odisha declared by this affidavit No. 109, dtd- 10/02/2026 that now onwards I shall be known as SK AMIR BAKHS for all future purposes.

### AFFIDAVIT

I, Shilpa Dugar, W/o- Bheraw Lal Dugar, resident of Firingi Bazar, Dist- Cuttack, Pin-753009, Odisha declare by this affidavit No. 26, dtd- 09/02/2026 that now onwards I shall be known as SILPA DUGAR for all future purpose.

### AFFIDAVIT

I, Shaikh Safiur Rahaman, aged about 47 years, S/o- Sk Habibur Rahman, resident of At-Balisahi, Rodhapur, Po/Ps- Salipur, Dist-Cuttack, Pin-754202, Odisha do hereby declare by this affidavit No. 273, dtd- 09/02/2026, that now onwards I shall be known as SK SAFIUR RAHMAN for all future purposes.

● ବେଆଇନ ଚାଲାଣ

## ୫୦୦ ଲିଟର ରନ୍ଧା ମଦ ଜବତ, ୪ ଗିରଫ

ଦେବଗଡ଼,୧୦।୨(ସମିସ): ବାରକୋଟ ପଟୁ ଦେବଗଡ଼ ଅଭିମୁଖେ ବେଆଇନ ଦେଶୀ ରନ୍ଧା ମଦ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ଚଢ଼ଉ ହୋଇଛି। ଏଥିରେ ୫୦୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଜଣା ପଡିଛି। ରାତିରେ ୪୯ ନମ୍ବର ଜାତୀୟ ରାଜପଥ ଦେଇ ନିଶା କାରବାର ହେବାର ସୂଚନା ପୁଲିସକୁ ମିଳିଥିଲା। ତେଣୁ ଅବକାରୀ ବିଭାଗ କର୍ମଚାରୀ ମାନେ ସର୍କିଟ ହାଉସ ନିକଟରେ ନିଶା ବେପାରୀଙ୍କୁ କାବୁ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୫୦୦ ଲିଟର ବେଆଇନ ଦେଶୀରନ୍ଧା ମଦ ସହ ଚାଲାଣରେ ବ୍ୟବହୃତ ଓଡି ପିକ୍‌ଅପକୁ ଜବତ କରିଥିଲେ। ଏହାସହ ଚାଳକ ସମେତ ଗାଡିରେ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ମାନେ ଦେବଗଡ଼ ଥାନାଞ୍ଚଳର ପ୍ରକାଶ ମୁଣ୍ଡା, ଶଶୀଭୁଷଣ ଶତପଥୀ, ଟୁନୁ ହରୋ ଓକୁନା ମୁଣ୍ଡା। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଯୁବତୀଙ୍କୁ ପ୍ରେମ ପ୍ରତାରଣା, ଅଭିଯୁକ୍ତ ଗିରଫ

ଦେବଗଡ଼,୧୦।୨(ସମିସ): ଦେବଗଡ଼ ଥାନାଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ପ୍ରତାରକ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି। ଦେବଗଡ଼ ଥାନାଞ୍ଚଳର ଜଣେ ଯୁବତୀ ଦେବଗଡ଼ ସହରରେ ରହି ପାଠପଢୁ ଥିଲେ। ଏହି ସମୟରେ ବାରକୋଟ ଥାନା ମର୍ଡଙ୍ଗ ଗାଁର ଜଣେ ଯୁବକ ସହ ଦେଖା ଓ ପରେ ଫୋନରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଧୀରେ ଧୀରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାର ସୁଯୋଗରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ସ୍ଥାପନ କରିଥିଲା। ଯୁବତୀଙ୍କ ପାଠ ପଢ଼ା ସରିବା ପରେ ନିଜ ଗାଁକୁ ଫେରିଯାଇଥିଲେ। ଏହାପରେ ଅଭିଯୁକ୍ତକୁ ବିବାହ ପାଇଁ କହିବାରୁ ସେ ରୋକଠୋକ ମନା କରିଥିଲା। ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇଥିବା ଜାଣି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଆଜି ଅଭିଯୁକ୍ତ ପ୍ରେମିକକୁ କୋର୍ଟ ଚାଲାଣ କରିଛି। ତେବେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ମାମଲାଗୁଡ଼ିକର ସମାଧାନ ପାଇଁ ମଧ୍ୟସ୍ଥତା ଅଭିଯାନ ୨.୦

ଝାରସୁଗୁଡ଼ା,୧୦।୨(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଗତ ଜାନୁଆରୀ ୨ରୁ ସାରା ଦେଶରେ ବିଶେଷ ମଧ୍ୟସ୍ଥତା ଅଭିଯାନ ଚାଲୁରହିଛି। ଏହି କ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଝାରସୁଗୁଡ଼ାର ମଧ୍ୟସ୍ଥତା କେନ୍ଦ୍ରରେ ମଧ୍ୟ ଏହି ମଧ୍ୟସ୍ଥତା ଅଭିଯାନ ଚାଲୁରହିଛି। ବିବାଦୀୟ ପକ୍ଷଗୁଡିକ ଅଦାଲତରେ ମାମଲାର ବିଚାର ନକରି ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ପଦ୍ଧତିରେ ମିଳିଥାଏ। ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ଅର୍ଥ ଏବଂ ସମୟ ଅପଚୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ କରିବାର ବ୍ୟବସ୍ଥା ଥିବା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି। ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିବାଦ ଶୁଣାଣିର ଏକ ବିକଳ୍ପ ବ୍ୟବସ୍ଥା। ଏହି ଅଭିଯାନରେ କୋର୍ଟରେ ବିଚାରାଧୀନ ଥିବା ବୈବାହିକ ବିବାଦ ସମ୍ବନ୍ଧୀୟ ମାମଲା ଘରୋଇ ହିଂସା ସହିତ, ଚେକ୍ ବାଉନ୍ସ, ଗାଡି ମୋଟର ଦୁର୍ଘଟଣା ଜନିତ ମାମଲା, ସାଲିସ୍ ଯୋଗ୍ୟ ଫୌଜଦାରି ମାମଲା, ଜମି ଅଧିଗ୍ରହଣ, ଜମିବାଡି ଭାଗବଣ୍ଟା, ଉଚ୍ଛେଦ ମାମଲା, ବାଣିଜ୍ୟିକ ବିବାଦ ମାମଲା, ଉପଯୁକ୍ତ ନିଯୁକ୍ତି ବା ଚାକିରି ସମ୍ବନ୍ଧୀୟ ମାମଲା, ଶ୍ରମ ଅଧିନିୟମ, ଚୁକ୍ତିନାମା ଆଇନ୍, ଖାଉଟି ମାମଲା ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାରର ଦେୱାନି ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ। ଜନସାଧାରଣ ଏହି ସୁଯୋଗର ସଦୁପଯୋଗ କରନ୍ତୁ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ସୂଚନା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ସହିତ ଯୋଗାଯୋଗ କରିପାରିବେ କିମ୍ବା ରାଷ୍ଟ୍ରୀୟ ହେଲ୍ପଲାଇନ ୧୫୧୦୦କୁ ମଧ୍ୟ ଫୋନ୍ କରି ସୂଚନା ନେଇ ପାରିବେ।

# ଚାଷୀଙ୍କ ସମସ୍ୟା ସମାଧାନ କରିବାରେ ସରକାର ବିଫଳ

ଝାରସୁଗୁଡ଼ା,୧୦।୨(ସମିସ):




● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କଲେ କୃଷକ ସଂଗଠନ ଏବଂ ପୂର୍ବତନ ବିଧାୟିକା ଦୀପାଳୀ ଦାସ

● ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିଜେପି ଶାସିତ ରାଜ୍ୟ ସରକାର ବିଫଳ ହୋଇଥିବା ନେଇ ଅଭିଯୋଗ ହେଉଛି। ଚାଷ ଓ ଚାଷୀଙ୍କ ପାଇଁ ସରକାରଙ୍କ ଚିନ୍ତା କେବଳ ଭାଷଣରେ ସୀମିତ ରହିଯାଇଛି। ଜିଲ୍ଲାରେ ଚାଷୀଙ୍କ ଉପରେ ଅତ୍ୟାଚାର ଚରମସୀମାରେ ପହଞ୍ଚିଛି। ପ୍ରଥମେ ସରକାର, ପରେ ଜିଲ୍ଲା ପ୍ରଶାସନର ଛାଟରେ ଝାରସୁଗୁଡ଼ା ଚାଷୀ ଘାଇଲା। ଏହିପରି ବିଭିନ୍ନ ସମସ୍ୟାକୁ ନେଇ ଝାରସୁଗୁଡ଼ା ଜିଲ୍ଲା କୃଷକ କ୍ରିୟାନୁଷ୍ଠାନ କମିଟି ଏବଂ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ତଥା ବିଜେଡି ନେତ୍ରୀ ଦୀପାଳୀ ଦାସଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଝାରସୁଗୁଡ଼ା ସହରର କିଷାନ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଜିଲ୍ଲାର ଚାଷୀ ମାନଙ୍କ ପ୍ରତି ହେଉଥିବା ଅବିଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଧାନ କ୍ରୟରେ ହୋଇଥିବା ଅନିୟମିତତା, ଟାର୍ଗେଟ ନିର୍ଦ୍ଧାରଣ, ଏବଂ ଟୋକନ ସମସ୍ୟାର ତୁରନ୍ତ ସମାଧାନ, ଚାଷୀଙ୍କୁ ଦିଆଯାଉଥିବା ସବସିଡି ୮୦୦ ଟଙ୍କା ସହିତ ୩୧୬୯ ଟଙ୍କା ମିଳିବା କଥା କିନ୍ତୁ ୩୧୦୦ ଟଙ୍କା ମିଳୁଛି, ବାକି ୬୯ ଟଙ୍କା ମଧ କ୍ୱିଣ୍ଟାଲ ପ୍ରତି ଦିଆଯାଉ ବୋଲି ଉଲ୍ଲେଖ କରିଥିଲେ। ଲାପ୍ସ ହୋଇ ସାରିଥିବା ଟୋକନ ଗୁଡିକୁ ତୁରନ୍ତ ନବୀକରଣ କରାଯାଇ ଚାଷୀଙ୍କୁ ବିକ୍ରି କରିବାର ସୁଯୋଗ ଦିଆଯାଉ, ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ ଇନପୁଟ ସବସିଡି ପ୍ରଦାନ କରାଯାଉ, ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ଚାଷୀ ୭୫ କ୍ୱିଣ୍ଟାଲ ବିକ୍ରି କରିଥିବା ବେଳେ ଆଉ ୭୫ କ୍ୱିଣ୍ଟାଲ ଧାନ ବିକ୍ରି କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ, ଏହା ସହିତ ଲଇକେରା ବ୍ଲକ୍‌ରେ ବିକ୍ରି କରିବା ପାଇଁ ବାକିଥିବା ୩୯ହଜାର ୭୦୦କ୍ୱିଣ୍ଟାଲ, କିର୍ମିରା ବ୍ଲକ୍‌ର ୨୧ ହଜାର କ୍ୱିଣ୍ଟାଲ, କୋଲାବିରା ବ୍ଲକ୍ ୨୪ ହଜାର ୬୫୦ କ୍ୱିଣ୍ଟାଲ, ଝାରସୁଗୁଡ଼ା ବ୍ଲକ୍‌ରେ ୧ ଲକ୍ଷ କ୍ୱିଣ୍ଟାଲ, ଲଖନପୁର ବ୍ଲକ୍ ପାଇଁ ୩୦ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ବାକିରହିଥିବା ବେଳେ ଏହି ଧାନ ତୁରନ୍ତ ବିକ୍ରି କରିବା ପାଇଁ ଜିଲ୍ଲାପାଳ ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ଏହି ସମସ୍ତ ସମସ୍ୟା ଗୁଡିକର ସମାଧାନ କରନ୍ତୁ। ନ ହେଲେ ଆଗାମୀ ଦିନରେ ଜିଲ୍ଲାର ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୃଷକ ସଂଗଠନ ଓ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ତରଫରୁ ଦାବିପତ୍ରରେ ଜଣାଯାଇଛି। ଦାବିପତ୍ର ଦେବା ସମୟରେ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସହିତ ଚାଷୀ ସଙ୍ଘଠନର ଜଗନ୍ନାଥ ଜେନା, ଟଙ୍କ ନାଇକ, ଅର୍ଜ୍ଜୁନ ମେହେର, ଲକ୍ଷ୍ମଣ ସାହୁ, ଭୁପାଳ ବେହେରା, ଶାନ୍ତନୁ ନାଇକ, ପୁରୁଷୋତ୍ତମ ନାଇକ, ନବୀନ ନାଇକ, ତପୀ ମରେଇ, ଚୂଡାମଣି ବଢ଼େଇ, ପିଣ୍ଟୁ ପାଢ଼ୀ ଦାମୋଦର ନାଥ, ରାଜୀବ ପାଣିଗ୍ରାହୀ, ରବିରତ୍ନ ପ୍ରଧାନ, ଦିଗାମ୍ବର ଭୋଇ, ମଣ୍ଟୁ ନାଇକ ପ୍ରମୁଖ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ।

## 'ଭିବି ଜୀରାମ ଜୀ' କର୍ମଶାଳା; ଗ୍ରାମୀଣ ଭିତ୍ତିଭୂମି ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୧୦।୨(ସମିସ): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ନୂତନ ଭାବେ ପ୍ରଣୟନ କରାଯାଇଥିବା 'ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ



### ୧୦୦ ଦିନ ବଦଳରେ ୧୨୫ ଦିନର ଗ୍ରାମୀଣ ରୋଜଗାର ପାଇଁ ନୂତନ ଗ୍ୟାରେଣ୍ଟି

(ଗ୍ରାମୀଣ) ଗ୍ୟାରେଣ୍ଟି' ବା 'ଭିବି - ଜୀରାମ ଜୀ' ଅଧିନିୟମ-୨୦୨୫ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆୟୋଜିତ ହୋଇଥିଲା। ବିକଶିତ ଭାରତ ୨୦୪୭ର ଦୀର୍ଘକାଳୀନ ଲକ୍ଷ୍ୟକୁ ପୂରଣ କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରେ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଶ୍ରମିକମାନଙ୍କୁ ନିଶ୍ଚିତ ରୋଜଗାର ପ୍ରଦାନ କରିବା ମିଶନର ମୂଳ ଲକ୍ଷ୍ୟ ରହିଛି। ଏହି ଅବସରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଜନାର ରୂପରେଖ ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ନୂତନ ନିୟମାବଳୀ ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ବର୍ଷକୁ ପୂର୍ବର ୧୦୦ ଦିନ ବଦଳରେ ଏବେ ୧୨୫ ଦିନର ନିଶ୍ଚିତ ରୋଜଗାର ପ୍ରଦାନ କରାଯିବ। ଏଥିରେ ମୁଖ୍ୟତଃ ୪ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଧ୍ୟାନ ଦିଆଯାଇଛି। ଯେପରିକି ଜଳ ସୁରକ୍ଷା ଓ ତତ୍ ସମ୍ପର୍କିତ କାର୍ଯ୍ୟ, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ, ସାମୁଦାୟିକ ଜୀବିକା ଭିତ୍ତିଭୂମି ସୃଷ୍ଟି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ବିଭିନ୍ନ ପଦକ୍ଷେପ। ଏହି ଯୋଜନାର ସମସ୍ତ ବ୍ୟୟଭାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତରେ ବହନ କରାଯିବ। ଏହା ଗ୍ରାମୀଣ ଅର୍ଥନୀତିକୁ ଅଧିକ ଗତିଶୀଳ କରିବାରେ ସହାୟକ ହେବ। କର୍ମଶାଳାରେ ଜିଲ୍ଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁରୂତ୍ (ଓପ୍ରସେ) ସଭାପତିତ୍ୱ କରି କହିଥିଲେ। 'ଭିବି ଜୀରାମ ଜୀ' କେବଳ କର୍ମନିଯୁକ୍ତି ଯୋଜନା ନୁହେଁ ବରଂ ଏହା ଗ୍ରାମୀଣ ଶ୍ରମିକମାନଙ୍କୁ ଦକ୍ଷ କରି ସ୍ୱାବଲମ୍ବୀ କରିବାର ଏକ ମାଧ୍ୟମ ବୋଲି କହିଥିଲେ। ଜିଲ୍ଲା ସମନ୍ୱୟକ (ମନରେଗା) ରୂପସୀତା ମିଶ୍ର ହିତାଧିକାରୀଙ୍କ ଆର୍ଥିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଯୋଜନାର ସଫଳରୂପାୟନ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଭିବି ଜୀରାମ ଜୀ ଅଧୀନରେ ହିତାଧିକାରୀମାନଙ୍କୁ ଗାଁ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମନ୍ୱୟରକ୍ଷା କରାଯାଇ ଲୋକମାନଙ୍କୁ ସିଧାସଳଖ ଯୋଡିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ହିତାଧିକାରୀମାନେ ନିର୍ଦ୍ଧାରିତ ୧୨୫ ଦିନର ଗ୍ୟାରେଣ୍ଟି ରୋଜଗାର ପାଇବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ସୁବିଧାର ସୁଯୋଗ ପାଇପାରିବେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ପରିଷଦ ଅଧିକାରୀବୃନ୍ଦ ଔହିଥିଲେ।

## ନିରାପଦ ଇଣ୍ଟରନେଟ୍ ଦିବସ ପାଳିତ

ଝାରସୁଗୁଡ଼ା,୧୦।୨(ସମିସ): ଫେବୃଆରୀ ମାସର ଦ୍ୱିତୀୟ ମଙ୍ଗଳବାରକୁ ସମଗ୍ର ବିଶ୍ୱରେ ନିରାପଦ ଇଣ୍ଟରନେଟ ଦିବସ ଭାବେ ପାଳନ କରାହୁଏ। ଏହି ପରିପ୍ରେକ୍ଷୀରେ ଆଜି ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ା ଠାରେ ଜାତୀୟ ସୂଚନା କେନ୍ଦ୍ର ପକ୍ଷରୁ ଇଣ୍ଟରନେଟର ବ୍ୟବାହର, ସତର୍କତା, ଠକାମୀ ଆଦି ଉପରେ ବ୍ୟାପକ ଆଲୋଚନା ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନରେ ଇଣ୍ଟରନେଟ ବ୍ୟବହାର ବେଳେ ଘଟୁଥିବା ବିଭିନ୍ନ ପ୍ରକାର ଠକାମୀ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା କିଷାନ ଇଣ୍ଟରନେଟକୁ ସତ୍ ପଥରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା କେନ୍ଦ୍ର ବିଭାଗ ମୁଖ୍ୟ ତରଣିସେନ ବେହେରା ନିରାପଦ ଇଣ୍ଟରନେଟ ବ୍ୟବହାର ଉପରେ ବିଭିନ୍ନ ନିୟମ, ଡିପଫେକ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ନିରାପଦ ୱେବସାଇଟ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ସହିତ ପ୍ରାଧ୍ୟାପକ ବ୍ରଜେସ ସାହୁ, ଡ.ଗୀତାରାଣୀ ଦୀକ୍ଷିତ, ଡ.ସ୍ୱର୍ଣ୍ଣମୟୀ ପୁରୋହିତ, ଡ.ଦେବୀ ପ୍ରସାଦ ବେହେରା, ରକି ବିଶ୍ୱାଳ, ହିମାଂଶୁ ଶେଖର ମହାକୁର, ଡ.ଦୀପଶିଖା ସୋହେଲା, ଡ.ଗାୟତ୍ରୀ ବୁଡା ତଥା ଜିଲ୍ଲା ପ୍ରଶାସନର କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ୫୪ ଖଣ୍ଡ ଶାଗୁଆନ ପଟା ସହ ଭ୍ୟାନ୍ ଜବତ

ଦେବଗଡ଼,୧୦।୨(ସମିସ): ଭ୍ୟାନ ଯୋଗେ ମୂଲ୍ୟବାନ ଶାଗୁଆନ ପଟା ଚୋରା ଚାଲାଣ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଶାଗୁଆନ ପଟା ସହ ଭ୍ୟାନକୁ ମଧ ଜବତ କରାଯାଇଛି। ତେବେ ଭ୍ୟାନରେ ଥିବା ଚୋରା ଚାଲାଣକାରୀ ମାନେ ଘଟଣା ସ୍ଥଳରେ ଭ୍ୟାନକୁ ଛାଡି ଦୌଡି ପଳାଇବାରୁ ସେମାନଙ୍କୁ ଗିରଫ କରାଯାଇପାରି ନାହିଁ। ଗତକାଲି ବିଳମ୍ବିତ ରାତ୍ରିରେ ଏକ ମିନିଭ୍ୟାନ ଯୋଗେ ବିପୁଳ ପରିମାଣର ଶାଗୁଆନ ପଟା ବୋଝେଇ ହୋଇ କୁଣ୍ଡେଇଗୋଳା ଥାନାଞ୍ଚଳର ସଂଘାପଶି ଗାଁରୁ ନୂଆଁପଡା ଗାଁକୁ ଚୋରା ଚାଲାଣ ହେଉଥିବା ବନ ବିଭାଗକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆଙ୍କ ନିର୍ଦ୍ଦେଶ କ୍ରମେ କୁଣ୍ଡେଇଗୋଳା ସେକ୍ସନର ବନପାଳ ମନ୍ମଥ ବେହେରା ଓ ବନରକ୍ଷୀ ନାହନ ବେହେରା ସଦଳବଳେ ଶାଗୁଆନ ପଟା ବୋଝେଇ ଭ୍ୟାନଟିକୁ ପିଛାକରି ଅଟକାଇବାକୁ ଉଦ୍ୟମ କରିଥିଲେ। ଫଳରେ ଉକ୍ତ ଭ୍ୟାନଟି ସିଧାରାସ୍ତାରେ ନଯାଇ ଅଣ ଓସାରିଆ ବାଇପାସ୍ ରାସ୍ତାଦେଇ ଫେରାର ହେବାକୁ ଉଦ୍ୟମ କରିଥିଲା। ମାତ୍ର ଉକ୍ତ ରାସ୍ତାଟି ପୂର୍ବରୁ ଖୋଳା ଯାଇଥିବାରୁ ସମ୍ପୃକ୍ତ ଭ୍ୟାନଟି ଆଗକୁ ଯାଇନପାରି ସେହିଠାରେ ହିଁ ଅଟକି ରହିଥିଲା। ଏହାଦେଖି ଚାଳକ ସେଠାରୁ ଦୌଡି ପଳାଇଥିଲା। ପିଛା କରୁଥିବା ବନ ବିଭାଗ କର୍ମଚାରୀ ମାନେ ସେଠାରୁ ଉକ୍ତ ଶାଗୁଆନ ପଟା ବୋଝେଇ ଭ୍ୟାନଟିକୁ ଜବତ କରି ରିଆମାଳ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ଯାଞ୍ଚ କରିବାରୁ ୫୪ଟି (୦.୪୭୧୩ ଘନମିଟର) ଶାଗୁଆନ ପଟା ବାହାରିଥିଲା। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ବେଦାନ୍ତ ଆଲୁମିନିୟମର ବିଲେଟ୍ ଉତ୍ପାଦନ କ୍ଷମତା ୮୩୦ କେଟିପିଏକୁ ବୃଦ୍ଧି

ଝାରସୁଗୁଡ଼ା,୧୦।୨(ସମିସ): ଭାରତର ସର୍ବବୃହତ ଆଲୁମିନିୟମର ଉତ୍ପାଦକ ତଥା ଦେଶରଅଗ୍ରଣୀ ବିଲେଟ୍ ନିର୍ମାତା, ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଝାରସୁଗୁଡ଼ା ଏହାର ବିଲେଟ୍ ଉତ୍ପାଦନ କ୍ଷମତାକୁ ୮୩୦ କେଟିପିଏକୁ ବୃଦ୍ଧି କରିବା ସହିତ ବିଶ୍ୱସ୍ତରରେ ସର୍ବବୃହତ ବିଲେଟ୍ ଉତ୍ପାଦନ କାର୍ଯ୍ୟ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ଏହାଦ୍ୱାରା ଗ୍ରାହକମାନଙ୍କୁ ଉଚ୍ଚଗୁଣବତା ଉତ୍ପାଦ ଯୋଗାଣ କରିବାର କ୍ଷମତାକୁ ସୁଦୃଢ଼ ହେବା ସହିତ ମୂଲ୍ୟ ଯୁକ୍ତ ଉତ୍ପାଦ (ଭିଏପି) ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରେ। ଭାରତର ଦ୍ରୁତ ବର୍ଦ୍ଧିଷ୍ଣୁ ଏକ୍ସଟ୍ରୁସନ୍ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଭୂମିକା ଆହୁରି ସୁଦୃଢ଼ ହୋଇଛି। ୫ରୁ ୧୨ ଇଞ୍ଚ ବ୍ୟାସରେ ଉପଲବ୍ଧ ବେଦାନ୍ତ ଆଲୁମିନିୟମର ବିଲେଟ୍ ହେଉଛି ପ୍ରମୁଖ ଅର୍ଦ୍ଧ-ସମାପ୍ତ ଉତ୍ପାଦ ଯାହା ସଠିକ୍ ଇଞ୍ଜିନିୟର୍ଡ ପ୍ରୋଫାଇଲ୍ ସୃଷ୍ଟି କରିବା ପାଇଁ ଏକ୍ସଟ୍ରୁସନ୍ ପ୍ରକ୍ରିୟାରେ ବ୍ୟବହୃତ ହୁଏ। ଏହି ପ୍ରୋଫାଇଲଗୁଡ଼ିକ ଭିତ୍ତିଭୂମି, ପରିବହନ, ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ପ୍ରଣାଳୀ, ଉପଭୋକ୍ତା ସାମଗ୍ରୀ ଏବଂ ପ୍ୟାକେଜିଂ ସମେତ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକରେ କାର୍ଯ୍ୟରେ ଆସିଥାଏ। ଆଲୁମିନିୟମର ଉଚ୍ଚ ଶକ୍ତି ପ୍ରତି ଓଜନ ଅନୁପାତ, ପୁନଃଚକ୍ରଣ ଏବଂ ବହୁମୁଖୀତା ହେତୁ, ବିଲେଟ୍ ସ୍ଥାୟୀ ଉତ୍ପାଦନ ଏବଂ ଆଧୁନିକ ଡିଜାଇନ୍ ସମାଧାନକୁ ସକ୍ଷମ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ସମ୍ପ୍ରସାରଣ ବର୍ତ୍ତମାନର ୫୮୦ କେଟିପିଏ ବିଲେଟ୍ ଭିତ୍ତିଭୂମି ସହ ଅତିରିକ୍ତ ଭାବେ ୨୫୦ କେଟିପିଏକୁ ନୂତନ କ୍ଷମତା ସହିତ ଯୋଡିଛି, ଯାହାକି ମୋଟ ୮୩୦ କେଟିପିଏକୁ ପହଞ୍ଚାଇଛି। ଏହା ଝାରସୁଗୁଡ଼ାକୁ ବିଶ୍ୱସ୍ତରରେ




ସର୍ବବୃହତ ଆଲୁମିନିୟମ ବିଲେଟ୍ ଉତ୍ପାଦନ ସ୍ଥଳ ମଧ୍ୟରେ ସ୍ଥାନିତ କରିବା ସହିତ ଭାରତୀୟ ବଜାରରେ ବେଦାନ୍ତ ଆଲୁମିନିୟମର ନେତୃତ୍ୱକୁ ସୁଦୃଢ଼ କରିଛି।

ବିଲେଟ୍ ସୁବିଧା ବିଶ୍ୱସ୍ତରୀୟ ନେତା ୱାଗଷ୍ଟାଫ୍ (ଯୁକ୍ତରାଷ୍ଟ୍ର) ଏବଂ ହର୍ଟୱିଚ୍ (ଅଷ୍ଟ୍ରିଆ) ଠାରୁ ଉନ୍ନତ କାଷ୍ଟିଂ ଏବଂ ସମନ୍ୱୟ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ ଅଟେ। ଏହା ସହିତ, ଏହି ସ୍ଥାନରେ ଏକ ନୂତନ ୧୨୦ କେଟିପିଏକ ପ୍ରାଥମିକ ଫାଉଣ୍ଡ୍ରି ଆଲୟ ସୁବିଧା ସ୍ଥାପନ କରାଯାଇଛି, ଯାହା କମ୍ପାନୀର ପିଏଫଏ ଉତ୍ପାଦନ କ୍ଷମତାକୁ ଆହୁରି ବିସ୍ତାର କରୁଛି। ବେଦାନ୍ତ ଆଲୁମିନିୟମ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆତ୍ମନିର୍ଭରଶୀଳ ଆଲୁମିନିୟମ ଉତ୍ପାଦନ ଭିତ୍ତିଭୂମି ନିର୍ମାଣ କରିବାକୁ ପ୍ରତିବଦ୍ଧ ବୋଲି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କହିଛନ୍ତି। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ଏହା ଗତି, ବୈଷୟିକ ଉତ୍କୃଷ୍ଟତା ଏବଂ ବିଶ୍ୱ ମାନଦଣ୍ଡର ପାଳନ ସହିତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନ ବିସ୍ତାର କରିବା ଉପରେ ଆମର ଏକ ପ୍ରମାଣ ଅଟେ। ଏହି ମାଇଲଖୁଣ୍ଟ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କେନ୍ଦ୍ର ଭାବେ ଝାରସୁଗୁଡ଼ାର ସ୍ଥିତିକୁ ଆହୁରି ମଜବୁତ କରିବ।" ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମ ହେଉଛି ବିଶ୍ୱ ଏକ୍ସଟ୍ରୁସନ ଶିଳ୍ପ ପାଇଁ ପ୍ରିମିୟମ୍ ଗ୍ରେଡ୍ ଆଲୁମିନିୟମ ବିଲେଟ୍ସର ଭାରତର ସର୍ବବୃହତ ନିର୍ମାତା ଏବଂ ଯୋଗାଣକାରୀ। ଏହା ଭାରତରେ ମଧ୍ୟ ପ୍ରଥମ ଉତ୍ପାଦକ ଯିଏ ରେଷ୍ଟୋରା ପରିସର ଅଧୀନରେ କମ୍ କାର୍ବନ ଆଲୁମିନିୟମ ପ୍ରଦାନ କରୁଛି।

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ଝାରସୁଗୁଡ଼ା,୧୦।୨(ସମିସ):

ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଝାରସୁଗୁଡ଼ା ପୌର ପରିଷଦରେ ଟେଣ୍ଡର ପ୍ରକ୍ରିୟା ତଥା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ହୋଇଛି। ଏନେଇ ଝାରସୁଗୁଡ଼ା ପୌରଧ୍ୟକ୍ଷା ଓ କାଉନସିଲର ମାନେ ଗତ ଜାନୁଆରୀ ୩୦ ଏବଂ ୩୧ ଏବଂ

### ଜିଲ୍ଲା ବିଜେଡି ପକ୍ଷରୁ ତଦନ୍ତ ଦାବି

ଫେବୃଆରୀ ୪ ରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସହ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରାଙ୍କ ନେତୃତ୍ୱରେ ବିଜେଡି ନେତୃମଣ୍ଡଳୀ ସାକ୍ଷାତ କରିଛନ୍ତି। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ହୋଇଥିବା ଦୁର୍ନୀତିର ତଦନ୍ତକୁ ଶୀଘ୍ର କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ଟେଣ୍ଡର ଫିକ୍ସିଂ, କୋଠା ଯୋଜନାର ଅନୁମତି ଓ ଅନୁମୋଦନ ପାଇଁ ବେଆଇନ ଟଙ୍କା ଆଦାୟ, ପୌର ପରିଷଦରେ ବିଭିନ୍ନ



ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ଆଗରୁ ମଧ୍ୟ ପୌରଧ୍ୟକ୍ଷା ଏବଂ କାଉନସିଲର ମାନଙ୍କ ଦ୍ୱାରା ଅଭିଯୋଗ ହୋଇଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହିତ ଝାଡେଶ୍ୱର ମନ୍ଦିରର ୧ କୋଟି ୪୧ ଲକ୍ଷ ଏବଂ ଝାଡେଶ୍ୱର ମନ୍ଦିର ନିକଟରେ ଥିବା ଇକୋ ପାର୍କ ଏବଂ ଅନ୍ୟାନ୍ୟ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରିଥିବା ସହିତ ମିଥ୍ୟା ବିଲ କରିବା, ଏକ କମ୍ପାନୀକୁ ହୋଲ୍ଡିଂ ଚାର୍ଜରେ ଅନୁକମ୍ପା ପ୍ରଦର୍ଶନ, ଉକ୍ତ କମ୍ପାନୀର ବେଆଇନ ନିର୍ମାଣ ଓ ଜବରଦଖଲ ଅଣଦେଖା କରି ମୋଟା ଅଙ୍କର ଟଙ୍କା ଆଦାୟ କରିବା, ବ୍ୟାଟେରୀ ଗାଡି ଲଗାଇ ଆବର୍ଜନା ବୋହୁଥିବା ଯାନଙ୍କ ନାମରେ ଇନ୍ଧନ ଖର୍ଚ୍ଚ ହେଉଥିବା ନେଇ ବିଲ ତିଆରି କରି ଆତ୍ମସାତ କରିବା, ସାଧାରଣ ଲୋକ ବିଭିନ୍ନ କାମ ତଥା ଅଭିଯୋଗ ପାଇଁ ପରିଷଦକୁ ଆସୁଥିବା ବେଳେ ସେମାନଙ୍କୁ ଦୁର୍ବ୍ୟବହାର କରିବା ଆଦି ଦୁର୍ନୀତିରେ ଲିପ୍ତ ଥିବା ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରା ଅଭିଯୋଗ କରିଛନ୍ତି। ଏହା ସହିତ ପୂର୍ବରୁ ପୌରାଧ୍ୟକ୍ଷା ରାନୀ ହାତୀ ଏବଂ କାଉନସିଲର ମାନେ କରିଥିବା ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ରଘୁମଣୀ ପଟେଲ, ଆଲୋକ ତ୍ରିପାଠୀ, ସନ୍ଦୀପ ଅବସ୍ତି, ରଘୁନନ୍ଦନ ପାଢ଼ୀ, ରବୀନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କୃମି ନାଶକ ଦିବସ

ଦେବଗଡ଼,୧୦।୨(ସମିସ): ପିଏମଶ୍ରୀ ନବୋଦୟ ବିଦ୍ୟାଳୟ ଠାରେ ଜାତୀୟ କୃମି ନାଶକ ଦିବସ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୯ ବର୍ଷ ମଧ୍ୟରେ ଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ କୃମି ନାଶକ ଔଷଧ ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ସାହୁ ପିଲାମାନଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁନ୍ଦର ଜୀବନ ପାଇଁ କୃମି ନାଶକ ବଟିକା ପିଲାମାଙ୍କୁ ନିତାନ୍ତ ଖାଇବା ଆବଶ୍ୟକତା ଥିବା ଏବଂ ଏହା ଦ୍ୱାରା କୃମି ସଂକ୍ରମଣକୁ ସହଜରେ ନିୟନ୍ତ୍ରଣ କରିହେବ ବୋଲି ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ କୃମି ବଟିକା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନ ବାଡ଼ି



ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନଞ୍ଜୟ ମହନ୍ତ, ଡାକ୍ତର ପ୍ରଭାତ ଓଝା, ଡାକ୍ତର ବଂଶିଧର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରାକୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ, ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ଅଧକ୍ଷ ଉତ୍ତମ ପ୍ରସାଦ, ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଜିଲ୍ଲା ଚିକିତ୍ସାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ମହିଳାଙ୍କ ଗଳିତ ମୃତଦେହ ମାଟି ତଳୁ ଉଦ୍ଧାର ଘଟଣା

# ହତ୍ୟା ମାମଲା ରୁଜୁ ; ସନ୍ଦେହ ଘେରରେ ସ୍ୱାମୀ

ଭବାନୀପାଟଣା,୧୦ ।୨(ସମିସ): ଭବାନୀପାଟଣା ସହର ଉପକଣ୍ଠ ଶ୍ରୀପୁର ସ୍ଥିତ ଏକ ଫାର୍ମହାଉସ ଅଞ୍ଚଳରୁ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କ ଗଳିତ ଶବ ମାଟିତଳୁ ପୁଲିସ ଜବତ କରିଥିଲା । ତେବେ ମହିଳାଙ୍କ ପରିଚୟ ଜଣା ପଡି ନ ଥିଲା । ପୁଲିସ ତଦନ୍ତ ପରେ ମୃତା ମହିଳାଙ୍କ ପରିଚୟ ଜାଣିପାରିଛି । ମୃତା ମହିଳାଙ୍କ ନାମ ବର୍ଷା ପଟେଲ (୨୫) ଓ ସେ ଭବାନୀପାଟଣା ସଦର ଥାନା ଅଧୀନ ସରଲାଞ୍ଜି ଅଞ୍ଚଳର ବୋଲି ଜଣାପଡ଼ିଛି । ଏହି ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ନୀଳାମ୍ବର ଓରଫ ଲଳିତ ପଟେଲର ପତ୍ତା ମିଳୁ ନ ଥିବାରୁ ପୁଲିସ ଟାର୍ଗେଟରେ ଲଳିତ ରହିଛି । ୨୦୨୩ରେ ଉଭୟେ ପ୍ରେମ ବିବାହ କରିଥିଲେ । ତେବେ ଉଭୟଙ୍କ ପରିବାର ଏହି ବିବାହରେ ସହମତି ନଥିବା କାରଣରୁ ସେମାନେ ଗାଁ ବାହାରେ ରହୁଥିଲେ । ବର୍ତ୍ତମାନର ଠିକଣା ଥିଲା ଭବାନୀପାଟଣା ଇରିଗେସନ କଲୋନୀ । କୌଣସି କଥାରୁ ବର୍ଷା ଓ ଲଳିତ ମଧ୍ୟରେ ତିକ୍ତତା ହେବାରୁ ଏପରି ଅଘଟଣ ହୋଇଥିବା ଆଶଙ୍କା କରାଯାଉଛି । ଏନେଇ ସଦର ଥାନାରେ ସୋମବାର ରାତିରେ ବର୍ଷାର ବାପା ପ୍ରକାଶ ପଟେଲ ଥାନାରେ ଲିଖିତ ରିପୋର୍ଟ ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

ପ୍ରକାଶ ଯେ, ସୋମବାର ସ୍ଥାନୀୟ ସଫେଇ କର୍ମଚାରୀ ସଫେଇ କରୁଥିବାବେଳେ ପୋତା ଯାଇଥିବା ଅବସ୍ଥାରେ ମୃତ ମହିଳାଙ୍କ ଆଙ୍ଗୁଠିକୁ ଦେଖିଥିଲେ । ପ୍ରଥମେ ଫାର୍ମହାଉସ ମାଲିକ ଏବଂ ପରେ ପୁଲିସ ଖବର ଦେବାରୁ ପୁଲିସ ପହଞ୍ଚି ମୃତ ଦେହକୁ ଜବତ କରିଥିଲ । ପୁଲିସ ଉପସ୍ଥିତିରେ ମହିଳାଙ୍କ ବ୍ୟବଚ୍ଛେଦ ହୋଇଥିଲା । ମୃତ ମହିଳା ଶାଢ଼ୀ ପିନ୍ଧିଥିବାବେଳେ ଶବ ଦେହରେ ଥିବା ଏକ ମଙ୍ଗଳ ସୂତ୍ରକୁ ପୁଲିସ ଜବତ କରିଛି । ମୃତ ମହିଳାଙ୍କ ପାଦରେ ଜୋତା ନଥିଲା କିନ୍ତୁ ମୋଜା ପିନ୍ଧିଥିବା ଜଣାପଡ଼ିଛି । ତାଙ୍କ ସ୍ୱାମୀ ଲଳିତ ରାଜ୍ୟ ବାହାରେ କେଉଁଠି ଆତ୍ମଗୋପନ କରିଥିବା ପୁଲିସ ଜାଣିବାପରେ ଏକ ପୁଲିସ ଟିମ୍ ଲଳିତକୁ ଠାବ କରିବା ପାଇଁ ଜାଲ ବିଛାଇଛି ବୋଲି ସୂଚନା ମିଳିଛି । ତେବେ ଲଳିତ ଧରାପଡ଼ିବା ପରେ ହିଁ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ଚର୍ଚ୍ଚା ହେଉଛି ।

## କୃଷି ଓ ଉଦ୍ୟାନ କୃଷି ଯୋଜନାର ସମୀକ୍ଷା ବୈଠକ

# ପ୍ରଗତିଶୀଳ ଚାଷୀଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା,୧୦ ।୨(ସମିସ)

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଓ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ରବିରତୁ ପାଇଁ ଫସଲ ଖସଡ଼ା, ସାର ବଣ୍ଟନ, ଅଣ ଧାନ ଚାଷ , ଡିଜିଟାଲ କ୍ରପ ସର୍ଭେ ଏବଂ ବିଭିନ୍ନ ପ୍ରୋତ୍ସାହନ ବିତରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଏହାସହ ଶ୍ରୀ ଅନ୍ନ ଅଭିଯାନ ଓ ଚାଷୀ ରେଜିଷ୍ଟ୍ରି ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଜିଲ୍ଲାରେ ଅଧିକ ପ୍ରସେସିଂ ୟୁନିଟ ସ୍ଥାପନ ଉପରେ ଜୋର ଦେଇଥିବା ବେଳେ ପ୍ରତିଦିନ



ମଣ୍ଡି ଦ୍ୱାରା ମାଣ୍ଡିଆ କ୍ରୟ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ୧୩୧ଟି ଆଦର୍ଶ କୃଷି ଗ୍ରାମର ପ୍ରଗତି ସମୀକ୍ଷା କରି ସମସ୍ତ ବ୍ଲକ କୃଷି ଅଧିକାରୀଙ୍କୁ ପ୍ରତ୍ୟେକ ଆଦର୍ଶ କୃଷି ଗ୍ରାମରେ ପ୍ରି ସଦସ୍ୟ, ବିଡିଓ, ସିଭିଲ ସୋସାଇଟି, ଏନଜିଓ ଓ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କ ସହ ଆଲୋଚନା ସଭା ଆୟୋଜନ କରି ଗୁରୁତ୍ୱପୂର୍ଣ୍ଣ ଅଭାବ ଚିହ୍ନଟ କରି ସେଗୁଡ଼ିକୁ ପୂରଣ କରିବା ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ଉଦ୍ୟାନ କୃଷି ବିଭାଗର ଯୋଜନାମାନ, ଯଥା ଉଦ୍ୟାନ କୃଷି ଅଭିବୃଦ୍ଧି ପାଇଁ ସମନ୍ୱିତ ମିଶନ, 'ପ୍ରତି ବୁନ୍ଦାରୁ ଅଧିକ ଉତ୍ପାଦନ' ଯୋଜନା ଏବଂ ଖାଇବା ତେଲର ଜାତୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏହି ଅବସରରେ ପାଞ୍ଚଜଣ ପ୍ରଗତିଶୀଳ ଓ ସଫଳ ଉଦ୍ୟାନ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ବୋଡ଼େନ ବ୍ଲକର ଅକ୍ଷୟ ନିଆଲ, ଖରିଆରର ଚୁଳମଣି ବୈଠୁ, ସିନାପାଲିର କୃଷ୍ଣ ହଂସ, କୋମନାର ସଞ୍ଜୀବ ସାହୁ ଏବଂ ନୂଆପଡ଼ାର ରୂପ କୁମାର ସାହୁ । ଶ୍ରୀ ସାହୁ ଛତୁ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହୋଇଥିବା ସହ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବାରେ ସଫଳ ହୋଇଛନ୍ତି । ଏହି ସୂଚନା ଜାଣି ଜିଲ୍ଲାପାଳ ଖୁସି ପ୍ରକାଶ କରିଥିଲେ । ସେହିପରି ଜିଲ୍ଲାପାଳ ସମସ୍ତ କୃଷି ଅଧିକାରୀଙ୍କୁ 'ଚାଷ ଅଛି ଯାହାର କି ଆନନ୍ଦ ତାହାର' କଲର ଟ୍ୟୁନ ରଖିବାକୁ ପ୍ରସ୍ତାବ ଦେଇଥିଲେ । ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗୀୟ ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରେ କୃଷି ଓ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ତେରେସିଂହାରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର




କର୍ଲାମୁଣ୍ଡା,୧୦ ।୨(ସମିସ):କର୍ଲାମୁଣ୍ଡା ବ୍ଲକ୍ ଅଧୀନ ତେରେସିଂହା ଗ୍ରାମ ତ୍ରିନାଥ ମଣ୍ଡପଠାରେ ଆର୍ଥିକ ଏବଂ ଡିଜିଟାଲ ସାକ୍ଷରତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ତେରେସିଂହା ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରରେ ଶାଖା ପରିଚାଳକ ଦିନମଣି ନାଏକ ଉପସ୍ଥିତ ରହି ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଉକ୍ତ ଶିବିରରେ ସ୍ଥାନୀୟ ସିଆରପି ମମିତା ରଣା, ଗୋଷ୍ଠୀ ସଭାନେତ୍ରୀ, ସମ୍ପାଦିକାଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ । ଏଥିରେ ବ୍ୟାଙ୍କ କ୍ୟାସିଅର ରବୀନ୍ଦ୍ର ବାର୍ଲା, ଅସ୍ଥାୟୀ କର୍ମଚାରୀ ସୁଶାନ୍ତ ରଣା ସହଯୋଗ କରିଥିଲେ ।

## ଜୟପାଟଣା ୫୬ ପ୍ରହର ଅଖଣ୍ଡ ନାମଯଜ୍ଞ



ଜୟପାଟଣା,୧୦ ।୨(ସମିସ): ମହାବୀରପଡ଼ା ନାମଯଜ୍ଞ କମିଟି ଆନୁକୂଲ୍ୟରେ ୫୬ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜନ କରାଯାଇଛି । ନାମଯଜ୍ଞ କର୍ତ୍ତା ଭାବେ ଘାସିରାମ ଅଗ୍ରୱାଲ ଓ ସହଧର୍ମିଣୀ ସଂଗୀତା ଅଗ୍ରୱାଲ ରହିଥିବାବେଳେ ମୁଖ୍ୟ ପୂଜକ ଶେଷ ଦେବ ଯୋଶୀ, ସ୍ୱାସସ୍ତି ବାଚକ, ସ୍ମୃତି ରଞ୍ଜନ ପଣ୍ଡା, ଯାପକ ଦିନେଶ ପାଣିଗ୍ରାହୀ, ବିମୁଗ୍ଧ ପଣ୍ଡା, ବଦ୍ରିନାରାୟଣ ପଣ୍ଡା, ଆଚାର୍ଯ୍ୟ ଶ୍ରୀପତି ଠାକୁର, ସ୍ୱସ୍ତି ବାଚକ ମଣ୍ଟୁ ବିହାରୀ ପଣ୍ଡା ଦାୟିତ୍ୱ ନେଇଛନ୍ତି । ଏହି ୫୬ ପ୍ରହର ନାମଯଜ୍ଞରେ ବିଭିନ୍ନ ସ୍ଥାନରୁ ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଆସିବା ସହ ଗାଇକା ଲଳିତା ସାହୁଙ୍କ ଦଳ ମୁଖ୍ୟ ଆକର୍ଷଣ ରହିଛି ।

# ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର

କର୍ଲାମୁଣ୍ଡା,୧୦ ।୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବିଡିଓ ସୁଚରିତା ମୁଗ୍ରୀ, ସରପଞ୍ଚ ସଂଘ ବ୍ଲକ ସଭାପତି ବରୁଣ ଛତ୍ରିଆ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସାମ୍ବାଦିକ ପ୍ରଦୀପ କୁମାର ସାହୁ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ମାଝୀ, ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର ପ୍ରମୁଖ ଯୋଗ ଦେଇଥିଲେ । ସଭାର ପିଇଓ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ । ଏଥିରେ ଜିଲ୍ଲାସ୍ତରରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗ ଦେଇ ଥିବା ବେଳେ



ଶିବିରରେ ୩୭୯ ଜଣବ୍ୟକ୍ତି ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି । ଅନ୍ୟପଟେ ଧାର୍ଯ୍ୟ ସମୟରେ କିଛି ଡାକ୍ତର ଆସିଥିବାବେଳେ କିଛି ବିଭାଗର ଡାକ୍ତରମାନେ ବିଳମ୍ବରେ ଆସିଥିବା ଯୋଗୁଁ ଲୋକଙ୍କ ମନରେ ଅସନ୍ତୋଷ ଦେଖା ଯାଇଥିଲା । ତବେ ଶିବିର ରେ ୫୦ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ୨୬ ଜଣଙ୍କୁ ବସ ଓ ଟ୍ରେନ ପାସ୍, ଜଣେ ଲେଖା ବ୍ୟକ୍ତି ଙ୍କୁ ଟ୍ରାଏ ସାଇକେଲ ଓ ହୁଇଲ ଚେୟାର ଓ ଦୁଇ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଜରିମାନା

ସମ୍ବଲପୁର, ୧୦।୨ (ସମିସ) : ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଦେବେନ୍ଦ୍ର ଭୁଏ ଓରଫ୍ ଦେବେନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି ।

ଘଟଣାଟି ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଞ୍ଚଳରେ ଘଟିଥିଲା । ୨୪-୫-୨୦୨୧ରେ ଶାସନ ଥାନାରେ ପୀଡ଼ିତା ଲିଖିତ ଅଭିଯୋଗ କରିଥିଲେ ଯେ, ୨୩ ତାରିଖ ସକାଳ ପ୍ରାୟ ୭ଟା ସମୟରେ ପୀଡ଼ିତା ତାଙ୍କ ଗାଁ ପୋଖରୀ ନିକଟସ୍ଥ ଏକ ପଡ଼ିଆକୁ ଶୌଚ ପାଇଁ ଯାଇଥିଲା । ସେଠାରେ ସେ ଦେଖିଲେ ଯେ, ଜଣେ ଅଜଣା ବ୍ୟକ୍ତି ମହୁଆ ଗଛ ଉପରେ ଫଳ ତୋଳୁଛନ୍ତି । ପୀଡ଼ିତା ଅନ୍ୟ ନିକାଞ୍ଚନ ସ୍ଥାନକୁ ଯିବାପରେ ଅଭିଯୁକ୍ତ ଦେବେନ୍ଦ୍ର ଭୁଏ ସେଠାକୁ ଆସି ତାକୁ ଜୋର୍‌ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲା । ସେଠାରେ ଅଭିଯୁକ୍ତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ସେହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ପହଞ୍ଚିଯିବାରୁ ସେ ତା'କବଳରୁ ଖସି ଘରକୁ ଚାଲିଯାଇଥିଲା । ସେ ବାପାମା'ଙ୍କୁ ଏହି ବିଷୟରେ ଜଣାଇବାପରେ ଗାଁରେ ଏକ ବୈଠକ ବସିଥିଲା କିନ୍ତୁ ସେଠାକୁ ଅଭିଯୁକ୍ତ ବା ତାର ପରିବାରବର୍ଗ ଆସିନଥିଲେ । ଗ୍ରାମବାସୀ ତାକୁ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଅଭିଯୋଗ ପାଇବାପରେ ଶାସନ ଥାନା ଅଧିକାରୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଅଭିଯୁକ୍ତ ଦେବେନ୍ଦ୍ର ଭୁଏକୁ ଗିରଫ କରି କୋର୍ଟଚାଲାଣ କରାଗଲା । ଶାସନ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ୨୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଦେବେନ୍ଦ୍ର ଭୁଏକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜୋରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ ସାହୁ ମାମଲା ପରିଚାଳନା କରିଥିଲେ ।

## ସିଙ୍ଗଝରରେ ଘାସରାମ ଦାସଙ୍କ ଜୟନ୍ତୀ



ସିନାପାଲି,୧୦ ।୨ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝର ସତନାମୀ ସମାଜ ଦ୍ୱାରା ସନ୍ଥ ଶିରୋମଣୀ ଶ୍ରୀଗୁରୁ ଘାସିଦାସ ବାବାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ଘାସିରାମ ସତନାମୀ ଯୋଗ ଦେଇଥିବା ବେଳେ, ସମ୍ପାଦକ ଭାବେ ସୁଶାନ୍ତ ସତନାମୀ ଉପସ୍ଥିତ ଥିଲେ । ଏହାସହ ବିଡୁ ସତନାମୀ, କ୍ଷୀରଧର ସତନାମୀ, ଲାବଣ୍ୟ ସତନାମୀ, ତ୍ରିଲୋଚନ ସତନାମୀ, ନକୁଳ ସତନାମୀ ଭଳି ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ କଣ୍ଡେତରାର ବାଳିକା ପନ୍ଥୀ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ । ସମାରୋହ ଅବସରରେ ବକ୍ତାମାନେ ଗୁରୁ ଘାସିଦାସ ବାବାଙ୍କ ଜୀବନ ଦର୍ଶନ, ସତନାମ ପଥ ଓ ସମାଜ ସୁଧାରରେ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ ।

## ୨୧୬ କଫ୍‌ସିରପ୍ ଜବତ, ୨ ଗିରଫ



ସମ୍ବଲପୁର, ୧୦।୨ (ସମିସ) : ହୀରାକୁଦ ଥାନା ଅଧୀନ ଡେଙ୍ଗିମଚାଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୨୧୬ ବୋତଲ କଫସିରପ୍ ଜବତ କରିବାସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଡେଙ୍ଗିମଚା ନିକଟରେ ରାସ୍ତାରେ କଫସିରପ୍ ବିକ୍ରୟ କରୁଥିବା ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ମୋଟ ୨୧୬ ବୋତଲ କଫସିରପ୍ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ସଲିମ ଶେଖ (୨୪) ଓ ଟୁନା ଭୋଇ (୧୯) ଙ୍କୁ ଗିରଫ କରାଯାଇଛି । ଉଭୟ ହୀରାକୁଦ ଥାନା ଅନ୍ତର୍ଗତ ଡେଙ୍ଗିମଚା ନିବାସୀ ହୋଇଥିବା ସୂଚନା ମିଳିଛି ।

# ୩୯ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିବ ଦୁଇଲକ୍ଷ ଲେଖାଏଁ ସହାୟତା

ସମ୍ବଲପୁର, ୧୦।୨ (ସମିସ) : ସମ୍ବଲପୁର (କେନ୍ଦୁପତ୍ର) ଡିଭିଜନର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ଫଣ୍ଡ ବୋର୍ଡର ତୃତୀୟ ବୋର୍ଡ ବୈଠକ ଆଜି ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୯ ଜଣ କେନ୍ଦୁପତ୍ର ତୋଳାଳୀଙ୍କ ସମେତ ୩ ଜଣ ସିଜିନାଲ କର୍ମଚାରୀଙ୍କୁ ପ୍ରତ୍ୟେକ ଦୁଇ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ରାଶି ପାଇଁ ଯେଉଁ ସୁପାରିଶ କରାଯାଇଥିଲା ତାହା ମଞ୍ଜୁର ହୋଇଥିବା ଜଣାପଡ଼ିଛି ।

ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ଫଣ୍ଡ ବୋର୍ଡର ସଭାପତି ଡିଏଫ୍‌ଓ ଗୌରୀଶଙ୍କର ଦାଶ ସ୍ୱାଗତ କରିଥିଲେ । ରାଜ୍ୟସ୍ତରୀୟ କଲ୍ୟାଣ କମିଟିରେ ବିଚାର ପାଇଁ ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ବୋର୍ଡ/କମିଟି ବୈଠକରେ ସୁପାରିଶ କରାଯାଇଥିବା ମାମଲାଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା । ଓଡ଼ିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ନଂ. ୨୬୭୮୩ / ଏଫ୍‌ଆଣ୍ଡଇ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟ ଦ୍ୱାରା ପ୍ରାପ୍ତ ୩ଟି ମୃତ୍ୟୁ ଦାବି ମାମଲାଗୁଡ଼ିକର ସମସ୍ତ ଦୃଷ୍ଟିରୁ ଯାଞ୍ଚ କରାଯାଇଛି ଏବଂ ମାମଲାଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଶୀଘ୍ର ଦେୟ ପାଇଁ ପାଣ୍ଠି ଜାରି କରିବାପାଇଁ ପ୍ରମୁଖ ମୁଖ୍ୟ ବନସଂରକ୍ଷକ (କେ.ଏଲ୍), ଓଡ଼ିଶା, ଭୁବନେଶ୍ୱରଙ୍କୁ ସୁପାରିଶ କରାଯାଇଛି । ବୈଠକରେ ସମ୍ବଲପୁର (କେନ୍ଦୁପତ୍ର) ଡିଭିଜନ ଡିଏଫ୍‌ଓ ଶ୍ରୀ ଦାଶଙ୍କ ସହିତ ସଦସ୍ୟଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ସମ୍ବଲପୁର (କେ.ଏଲ୍) ଡିଭିଜନର ପ୍ରତିନିଧି ଗୋକୁଳ ମେହେର ବିଭାଗୀୟ ସଚିବ ଭାବେ ଉପସ୍ଥିତ ଥିଲେ । ଅନ୍ୟତମ ସଦସ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ, ସମ୍ବଲପୁର ଓ ବରଗଡ଼ ବୈଠକରେ ଉପସ୍ଥିତ ରହିପାରି ନ ଥିଲେ ।

## ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

ଥୁଆମୂଳ ରାମପୁର,୧୦ ।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ କରାଯାଇଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଯୁବତୀଙ୍କ ପରିବାର ପକ୍ଷରୁ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା । ଅଭିଯୋଗ ଅନୁସାରେ, ଗତ ୫ ତାରିଖ ସନ୍ଧ୍ୟାରେ ଯୁବତୀ ଜଣକ ନିକଟସ୍ଥ ନାଳକୁ ଯାଇଥିବା ବେଳେ ସାନଦେର୍ଲା ଗ୍ରାମର ରଞ୍ଜନ ନାଏକ ତାଙ୍କୁ ଅପହରଣ କରିଥିଲେ । ପରେ ଯୁବତୀଙ୍କୁ ଦୁଷ୍କର୍ମ କରି ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅଭିଯୋଗ ହୋଇଛି । ଘଟଣାପରେ ପୀଡ଼ିତା ରାତିସାରା ଅସହାୟ ଅବସ୍ଥାରେ ପଡିରହିଥିବା ବେଳେ ପରଦିନ ଭୋର୍ ସମୟରେ ଚେତା ଫେରି ପାଇଥିଲେ । ପରେ ସେ ନିକଟସ୍ଥ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ ଓ ଏହି ଘଟଣା ବିଷୟରେ ପରିବାର ଲୋକେ ଜାଣିଥିଲେ । ଅଭିଯୋଗରେ ଏହା ମଧ୍ୟ ଉଲ୍ଲେଖ ହୋଇଛି ଯେ, ପୀଡିତାଙ୍କ ଯୁକ୍ତ ତିନି ପରୀକ୍ଷା ଚାଲୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିବାରୁ ସେ ପରୀକ୍ଷା ଦେଇପାରିନଥିଲେ । ଅଭିଯୋଗ ପାଇବା ପରେ ଥୁଆମୂଳ ରାମପୁର ପୁଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ରଞ୍ଜନ ନାଏକଙ୍କୁ ଥାନାରେ ପଚରାଉଚରା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥୁଆମୂଳ ରାମପୁର ପୁଲିସ ସୂତ୍ରରୁ ଜଣାପଡ଼ିଛି ।

# ନୂଆପଡ଼ାରେ ଜାତୀୟ କୃମି ନାଶକ ଦିବସ



ନୂଆପଡ଼ା,୧୦ ।୨(ସମିସ)

ନୂଆପଡ଼ା ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି । ପ୍ରତିବର୍ଷ ଫେବୃଆରୀ ୧୦ ତାରିଖରେ ସାରା ଦେଶରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଶିଶୁ ଓ କିଶୋର କିଶୋରୀମାନଙ୍କୁ କୃମି ସଂକ୍ରମଣରୁ ସୁରକ୍ଷିତ ରଖି ସ୍ୱାସ୍ଥ୍ୟବାନ କରିବା । ଏହି ଦିବସ ଉପଲକ୍ଷେ ଆଜି ସମଗ୍ର ଜିଲ୍ଲାର ସମସ୍ତ ବିଦ୍ୟାଳୟ ଅଙ୍ଗନବାଡ଼ି କେନ୍ଦ୍ରରେ ସାମୂହିକ ଭାବରେ ଆଲ୍ ବେଣ୍ଡାଜଲ ଔଷଧ ସେବନ ବିତରଣ ଓ ସେବନ କରାଯାଇଛି ।

କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସତ୍ୟନାରାୟଣ ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରି ଏହି ଦିବସର ଲକ୍ଷ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ କୃମି ସଂକ୍ରମଣ ନ ଥିଲେ ପିଲାମାନେ ଶାରୀରିକ ଓ ମାନସିକ ଭାବେ ଅଧିକ ସୁସ୍ଥ ରହନ୍ତି, ପଢ଼ାଶୁଣାରେ ମନୋଯୋଗ ଦେଇପାରନ୍ତି ଏବଂ ପୋଷଣ ଅଭାବ ଜନିତ ସମସ୍ୟାରୁ ରକ୍ଷା ପାଇଥାନ୍ତି ବୋଲି କହିଥିଲେ । କୃମି ନିୟନ୍ତ୍ରଣ ପାଇଁ କିଛି ସହଜ ଓ ଦୈନନ୍ଦିନ ଅଭ୍ୟାସ ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ଉଲ୍ଲେଖ କରିଥିଲେ । ସେହିପରି, ଖୋଲାରେ ମଳତ୍ୟାଗ ନ କରି ସର୍ବଦା ଶୌଚାଳୟ ବ୍ୟବହାର କରିବା, ନିଜ ପରିବେଶକୁ ସଫା ଓ ନିର୍ମଳ ରଖିବା, ଫଳ ଓ ପନିପରିବାକୁ ସ୍ୱଚ୍ଛ ପାଣିରେ ଭଲଭାବେ ଧୋଇବା, ସର୍ବଦା ବିଶୁଦ୍ଧ ଜଳ ପାନ କରିବା, ନିଜ ନଖ ପରିଷ୍କାର ଓ ଛୋଟ ରଖିବା, ଚପଲ ବ୍ୟବହାର କରିବା ଏବଂ ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ସାବୁନରେ ହାତ ଧୋଇବା ପାଇଁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ( ପରିବାର କଲ୍ୟାଣ) ଡା. ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ତନ୍ମୟ ସତପଥୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହଯୋଗୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ

କଣ୍ଟାମାଳ, ୧୦ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ଥାନା ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପିସ୍ତଲ ଦେଖାଇ କେତେକ ଦୁର୍ବୃତ୍ତ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟ ଫାଟକ ନିଟକରେ ପହଞ୍ଚି ୪ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଖୋଜିଥିଲେ । ଏହି ସମୟରେ ଘରକୁ ବାହାରୁଥିବା ଅଙ୍ଗନବାଡ଼ି କର୍ମୀ ସେମାନେ କ'ଣ ପାଇଁ ଆସିଛନ୍ତି, କ'ଣ କାମ ଅଛି, କାହାକୁ ଖୋଜୁଛନ୍ତି ବୋଲି ପଚାରିଥିଲେ । ଉତ୍ତରରେ ସେମାନେ ପ୍ରଧାନ ଶିକ୍ଷକଙ୍କୁ ଖୋଜିଥିଲେ । ଏହାପରେ ପ୍ରଧାନ ଶିକ୍ଷକ ମଳିଆ ନାଏକଙ୍କୁ ଭେଟି ରଘୁନାଥ କହଁର ନାମକ ଜଣେ ଛାତ୍ରର ସାର୍ଟିଫିକେଟ ମାଗିଥିଲେ; ହେଲେ କେଉଁ ମସିହାରେ ପଢୁଥିଲେ ବୋଲି ପ୍ରଧାନ ଶିକ୍ଷକ ପଚାରିବାରୁ ସେମାନେ ତାଙ୍କୁ ପିସ୍ତଲ ଦେଖାଇ ଆକ୍ରମଣ କରିଥିଲେ । ଏହାଦେଖି ସ୍କୁଲର, ଶିକ୍ଷକ, ଶିକ୍ଷୟିତ୍ରୀ ଭୟଭୀତ ହୋଇପଡିଲେ । ଏ ନେଇ ଘଣ୍ଟାପଡା ଥାନାରେ ପ୍ରଧାନ ଶିକ୍ଷକ ଏତଲା ଦେଇଛନ୍ତି ।

# ସୁରକ୍ଷିତ ରହୁ ଚାଷୀଙ୍କ ସାମ୍ବିଧାନିକ ଅଧିକାର

**ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ**

ଭୁବନେଶ୍ୱର,୧୦।୨(ସମିସ): ରାଜ୍ୟର ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛି ରାଜ୍ୟ କିସାନ କଂଗ୍ରେସ। ସାରା ରାଜ୍ୟରେ ଧାନ କ୍ରୟ ସମସ୍ୟା ଓ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀ କ୍ରୋଧ ଓ ଅସନ୍ତୋଷ ବଢ଼ିଚାଲିଛି। ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମସ୍ୟା ପ୍ରଶମିତ ହେଲା ବୋଲି ମିଛ କହି ଚାଲିଛନ୍ତି। ଧାନ କିଣା ବିକାରେ ସରକାର, ପ୍ରଶାସନ, ମିଲରମାନଙ୍କ ସଲାସୁତୁରାରେ ବ୍ୟାପକ ହେରଫେର, ପ୍ରତି କ୍ୱିଣ୍ଟାଲରେ ୫କେଜିରୁ ୧୦ କେଜି ପର୍ଯ୍ୟନ୍ତ ବାଧ୍ୟତାମୂଳକ କଟନି ଛଟନି, ମିଲର ମନମାନିରେ ଧାନ ଉଠିବା, ଜାଣିଶୁଣି ଟୋକନ ଇସ୍ୟୁରେ ବିଳମ୍ବ, ନିର୍ଦ୍ଧାରିତ ସମୟରେ ଧାନ କ୍ରୟ କରା ନ ଯିବାରୁ ଟୋକନ ଲାପ୍ସ, ଗୋଦାମ ଘର ଅଭାବ ଯୋଗୁଁ ଧାନ କିଣାରେ ମନ୍ଥରତା ଲାଗି ରହିଥିବା ବେଳେ ସରକାର ଅଦ୍ୟାବଧି ଏହି ସମସ୍ୟାଟିର ସମାଧାନ ପାଇଁ ଗୁରୁତ୍ୱ ଦେଉନାହାନ୍ତି। ଯେଉଁ ଚାଷୀ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ନକଲି ଚାଷୀ କୁହାଯାଉଥିବା କଂଗ୍ରେସର ଚାଷୀ ସଙ୍ଗଠନ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛି ।

ଦଳ ପକ୍ଷରୁ ଏଆଇସିସି ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଗତ ନଭେମ୍ବର ୧ରୁ ମାର୍ଚ୍ଚ ୩୧ ମଧ୍ୟରେ ଚାଷୀଙ୍କ ପାଖରେ ଯେତେ ବଳକା ଧାନ ଅଛି, କ୍ୱିଣ୍ଟାଏ ପିଛା ୩୧୬୯ ଟଙ୍କା ଦେଇ ବ୍ୟବସ୍ଥିତ ଢଙ୍ଗରେ ସବୁ ବଳକା ଧାନ କିଣାଯିବା କଥା। କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ ଉପରେ ୬୯ଟଙ୍କା ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ୬୯ଟଙ୍କା ଚାଷୀଙ୍କୁ ଦିଆଯାଉନାହିଁ। ଏବେ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା କ୍ଷେତ୍ରରେ ସରକାର ୨୦୨୪ ସାଧାରଣ ନିର୍ବାଚନରେ ଚାଷୀଙ୍କୁ ଦେଇଥିବା ୮୦୦ଟଙ୍କା ଇନପୁଟ୍ ସହାୟତା ନେଇ ଅକଳରେ ପଡ଼ିଛନ୍ତି। ତେଣୁ ଚାଷୀଙ୍କୁ ଭୁଆଁ ବୁଲାଉବା ସାର ହୋଇଛି। ରାଜ୍ୟ ସରକାରଙ୍କ ଧାନ କିଣା କ୍ଷେତ୍ରରେ ଏପରି ବାଚାଳାମି ଯୋଗୁଁ ଗଣତନ୍ତ୍ରରେ ଚାଷୀର ଅଧିକାର କ୍ଷୁର୍ଣ୍ଣ ହେଉଛି। ଏଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମଣ୍ଡିଗୁଡ଼ିକରେ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ, ୧୫୦ କ୍ୱିଣ୍ଟାଲ ସିଲିଂ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର, ରେଜେଷ୍ଟ୍ରିଭୁକ୍ତ ସମସ୍ତ ଚାଷୀଙ୍କଠାରୁ ସବୁ ଧାନ କିଣିବା, ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଚାଷୀଙ୍କଠାରୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ, କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ଏବଂ ଯେଉଁ ଚାଷୀଙ୍କ ଟୋକନ୍ ଲାପ୍ସ କରିଛି ପୁନଶ୍ଚ ଟୋକନ ଅବଧି ଆଉ ୧ମାସ ବୃଦ୍ଧି କରିବା ପାଇଁ ଦ୍ୟଳ ଦାବି କରିଛି। ଏ ସମ୍ପର୍କରେ ଦଳ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏଥିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି।

## ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ

- ଦୀର୍ଘ ୧୪ ମାସ ହେଲା ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି
- ସ୍ୱଚ୍ଛତା ପରିବର୍ତ୍ତେ ଶିକ୍ଷାନୁଷ୍ଠାନକୁ ଗୈରୀକକରଣ ପାଇଁ ଉଦ୍ୟମ ହେଉଛି
- ଫେବୃଆରୀ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଶେଷ ନହେଲେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୧୦।୨(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଧୋଗତି ଘଟୁଛି ବୋଲି ଅଭିଯୋଗ କରିଛି ବିଜେଡି। ଏହିକ୍ରମରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜୁ ଜନତା ଦଳର ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟପାଳ ଡ. ହରିବାବୁ ଖମ୍ଭମପତିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ ଯୋଗୁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏକ ପ୍ରକାର କୋମାରେ ରହିଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଦୀର୍ଘ ସମୟ ଧରି କୁଳପତି ନରହିବା କାରଣରୁ ବିଶ୍ୱବିଦ୍ୟାଳୟ ଗୁଡିକରେ ପ୍ରଶାସନିକ ସ୍ଥାଣୁତା, ଦାୟିତ୍ୱହୀନତା ଶିକ୍ଷାନୁଶାସନ, ଗବେଷଣା କାର୍ଯ୍ୟରେ ବାଧା, ପରୀକ୍ଷା ପରିଚାଳନାରେ ବିଭ୍ରାଟ ଓ ନିଯୁକ୍ତିରେ ବିଳମ୍ବ ସହ ଛାତ୍ରଛାତ୍ରୀ ଓ ଶିକ୍ଷକ-କର୍ମଚାରୀମାନେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ମାରକପତ୍ରରେ କୁହାଯାଇଛି।



ଯୁବ ଓ ଛାତ୍ର ନେତାମାନେ ଉଲ୍ଲେଖ କରିଥିଲେ ଯେ ନବୀନ ସରକାରଙ୍କ ସମୟରେ ୨୦୨୦ ମସିହାର ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅଣାଯାଇଥିଲା। ଯାହା ମାଧ୍ୟମରେ କୁଳପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ମେରିଟ୍ ଆଧାରିତ ଚୟନ ଓ ସଂସ୍ଥାଗତ ଦାୟିତ୍ୱବୋଧକୁ ସୁନିଶ୍ଚିତ କରିଥିଲା । କିନ୍ତୁ ୨୦୨୪ ଓ ୨୦୨୫ରେ ହୋଇଥିବା ପରବର୍ତ୍ତୀ ସଂଶୋଧନଗୁଡ଼ିକ ଏହି ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ସହିତ ସର୍ଚ୍ଚ କମିଟି ଗଠନରେ ସ୍ୱଚ୍ଛତା ଓ ନ୍ୟାୟସଙ୍ଗତତାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦେଇ ଶିକ୍ଷାନୁଷ୍ଠାନ ଗୁଡିକରେ ଗୈରୀକକରଣ କରିବା ପାଇଁ ରାଜ୍ୟ ବିଜେପି ସରକାର ଉଦ୍ୟମ କରୁଛନ୍ତି ବୋଲି ଯୁବ ଛାତ୍ର ନେତାମାନେ ଅଭିଯୋଗ କରିଛନ୍ତି।

ଏବେ ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୬ଟି ସହାୟକ ପ୍ରଫେସର, ୪୫୮ ଟି ସହଯୋଗୀ ପ୍ରଫେସର, ୨୬୧ଟି ପ୍ରଫେସର ଓ ୨,୩୨୫ଟି କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏହା ଶିକ୍ଷାର ଗୁଣବତ୍ତା, ଛାତ୍ର ମେଣ୍ଟରିଂ, ଗବେଷଣା ଉତ୍ପାଦନ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ଭାରତୀୟ ଜନତା ପାର୍ଟି ଦୀର୍ଘ ୧୪ ମାସ ହେଲା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି କରିପାରିଲା ନାହିଁ । ତେଣୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି। ପୂର୍ଣ୍ଣକାଳୀନ କୁଳପତିଙ୍କ ନିଯୁକ୍ତି, ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ମେରିଟ୍ ପୁନଃସ୍ଥାପନ, ଦୀର୍ଘଦିନ ଧରି ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ଓ ଉଚ୍ଚଶିକ୍ଷା ସଂସ୍ଥାଗୁଡ଼ିକର ସ୍ୱାୟତ୍ତତା ଓ ଶିକ୍ଷାଗତ ମର୍ଯ୍ୟାଦାସୁରକ୍ଷା କରିବାକୁ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ର ଓ ଯୁବ ବିଜେଡି ଅନୁରୋଧ କରିଛି। । ପ୍ରତିନିଧି ଦଳ ଉଠାଇଥିବା ଚିନ୍ତାଗୁଡ଼ିକୁ ଧୈର୍ଯ୍ୟର ସହ ଶୁଣି ରାଜ୍ୟପାଳ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି ବିଷୟଗୁଡ଼ିକ ସକ୍ରିୟ ଭାବେ ବିଚାରାଧୀନ ଅଛି। ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଚାଲିଛି ଏବଂ ଶୀଘ୍ର ଏହା ସମ୍ପନ୍ନ ହେବ । ସେ ଏହା ମଧ୍ୟ ଆଶ୍ୱାସନା ଦେଇଥିଲେ ଯେ ଛାତ୍ରଛାତ୍ରୀଙ୍କ ହିତ ଓ ଶିକ୍ଷାଗତ ଉନ୍ନତି ପାଇଁ ଦୀର୍ଘଦିନ ଧରି ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରାଯିବ।

ଦୁଇ ସଂଗଠନ ରାଜ୍ୟପାଳଙ୍କ ଆଶ୍ୱାସନକୁ ସ୍ୱାଗତ କରିଛନ୍ତି । ତେବେ ସରକାର ଯଦି ୨୦୨୬ ଫେବୃଆରୀ ମାସର ଶେଷ ସପ୍ତାହ ମଧ୍ୟରେ ଖାଲି ଥିବା କୁଳପତି ପଦବୀଗୁଡ଼ିକୁ ପୂରଣ ନ କରନ୍ତି, ତେବେ ଛାତ୍ରଛାତ୍ରୀଙ୍କ ହିତ ଓ ଭବିଷ୍ୟତ ସୁରକ୍ଷା ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବାକୁ ବାଧ୍ୟ ହେବ ବୋଲି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ଅଣସମ୍ପ୍ରସାରିତ ରାଜପଥରେ ଟୋଲ୍ ଆଦାୟ ପ୍ରସଙ୍ଗ

# ୭ ଦିନରେ ରିପୋର୍ଟ ଦାଖଲ କରିବାକୁ ଏନ୍ଏଚ୍ଏଆଇକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବାରିପଦା, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ଅଣ-ସମ୍ପ୍ରସାରିତ ୪୯ନଂ ଜାତୀୟ ରାଜପଥର ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ରାସ୍ତାରେ ଅବୈଧ ଟୋଲ୍ ସଂଗ୍ରହକୁ ନେଇ ହାଇକୋର୍ଟରେ ଦାୟର ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ)ର ବିଚାର ମଙ୍ଗଳବାର ଆରମ୍ଭ ହୋଇଛି। ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ମୁରାରୀ ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାକୁ ଗୁରୁତ୍ୱର ସହ ନେଇ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍ଏଚ୍ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୧୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସୂଚନା ମୁତାବକ, ଝାରପୋଖରିଆ ଟୋଲ୍ ପ୍ଲାଜାରେ ଅବୈଧ ଓ ଇଚ୍ଛାଧୀନ ଟୋଲ୍ ସଂଗ୍ରହକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟର ଆଇନଜୀବୀ ତଥା ରାଇରଙ୍ଗପୁର ବାସିନ୍ଦା ଆକାଶ ଶର୍ମା ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ୪୯ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇନଥିବାରୁ ଦ୍ୱାରଶୁଣି ଘାଟିର ୯କିମି ରାସ୍ତା ବିପଦପୂର୍ଣ୍ଣ ଓ ଗମନାଗମନ ଅଯୋଗ୍ୟ। ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ଏହି ଘାଟି ରାସ୍ତାରେ ୫୦୦ରୁ ଅଧିକ ଦୁର୍ଘଟଣା ଘଟିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ଏହାବ୍ୟତୀତ, ଏହି ରାସ୍ତାରେ ଦୈନିକ ଯାତ୍ରୀ, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି, ଜରୁରୀକାଳୀନ ସେବା ଗଭୀର ଭାବେ ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ଟୋଲ୍ ସଂଗ୍ରହ ଅବୈଧ ଓ ଅସାମ୍ବିଧାନିକ ବୋଲି ଶ୍ରୀ ଶର୍ମା ଦର୍ଶାଇଛନ୍ତି। ଯେତେବେଳେ ଜାତୀୟ ରାଜପଥ ସୁରକ୍ଷିତ, ନିରବଚ୍ଛିନ୍ନ ଓ ଯାତାୟାତଯୋଗ୍ୟ ହୋଇଥାଏ, ସେତେବେଳେ ହିଁ ଟୋଲ୍ ସଂଗ୍ରହ କରାଯାଇପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

# ଶିମିଳିପାଳରୁ ବାଘ ଗଣନା ଟ୍ରାପ୍ କ୍ୟାମେରା ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୧୦।୨(ସମିସ): ବାଘ ଗଣନା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ୪ଟି ଟ୍ରାପ୍ କ୍ୟାମେରା ଚୋରି ହୋଇଛି। ଏନେଇ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡର କାଲିଆଣି ସେକ୍ସନ ଫରେଷ୍ଟର୍ ସନତ ବେହେରା ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ବର୍ତ୍ତମାନ ବାଘ ଗଣନା ପ୍ରକ୍ରିୟା ଜାରି ରହିଛି। ଏଥିନିମନ୍ତେ ଗୁଡୁଗୁଡ଼ିଆ ବନ ରେଞ୍ଜ ଅନ୍ତର୍ଗତ କାଲିଆଣି ବନ ବିଟ୍ ମଧ୍ୟରେ ୪୦ଟି ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଥିଲା। ସେଥିମଧ୍ୟରୁ ଅସୁରଖାଲ ସେକ୍ସନ୍ ୪ଟି ଟ୍ରାପ୍ କ୍ୟାମେରାକୁ ଶିକାରୀ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ପାଟ୍ରୋଲିଂ ସମୟରେ ବନ କର୍ମଚାରୀ ଅନୁଧ୍ୟାନ କରିବା ବେଳେ ଟ୍ରାପ୍ କ୍ୟାମେରା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସ୍ଥାନୀୟ ଗ୍ରାମବାସୀ କିମ୍ବା ଶିକାରୀ ଜଙ୍ଗଲ ମଧ୍ୟକୁ ଅନୁପ୍ରବେଶ କରିଥିବା ବେଳେ ପ୍ରମାଣ ନଷ୍ଟ ପାଇଁ ଟ୍ରାପ୍ କ୍ୟାମେରା ଚୋରି କରିଥିବା ନେଇ ସନ୍ଦେହ କରାଯାଉଛି। ବନ କର୍ମଚାରୀ ଟ୍ରାପ୍ କ୍ୟାମେରା ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ବିଳମ୍ବିତ ହେବ ମାଓମୁକ୍ତ ଓଡ଼ିଶା!

**ନକ୍ସଲ ବିରୋଧୀ ପ୍ରଶିକ୍ଷଣ ପାଇଁ ଆଇଜିଙ୍କ ଚିଠି**

ଭୁବନେଶ୍ୱର, ୧୦।୨(ସମିସ): ଦେଶରେ ମୁଣ୍ଡ ଟେକିଥିବା ମାଓବାଦୀ କାର୍ଯ୍ୟକଳାପକୁ ଦମନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ କରିଆସୁଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ନକ୍ସଲମୁକ୍ତ ଭାରତ ପାଇଁ ଆହ୍ୱାନ ଦେଇଛନ୍ତି। ଏହାରି ଭିତରେ ଆଇଜି (ଅପରେସନ୍) ଉଗ୍ରବାଦୀ ବିରୋଧୀ ପ୍ରଶିକ୍ଷଣ ପାଇଁ ଚିଠି ଲେଖିଛନ୍ତି। ଏଭଳି ଚିଠି ପରେ ମାଓମୁକ୍ତ ଓଡ଼ିଶା ବିଳମ୍ବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନାନୁସାରେ, ପ୍ରତିବର୍ଷ ଏସ୍ଓଜି ଚନ୍ଦକା ଓ ଏସ୍ଓଜି (ଏଇଟି/ଆରସି) କୋରାପୁଟଠାରେ ଆଣ୍ଟି ଏକ୍ସଟ୍ରିମିଷ୍ଟ ଟାକଟିକ୍ସ (ଏଇଟି) (ଉଗ୍ରବାଦ ବିରୋଧୀ ରଣନୀତି) ପ୍ରଶିକ୍ଷଣ ଦିଆଯାଏ। ୩ମାସର ଏହି ପ୍ରଶିକ୍ଷଣରେ କନେଷ୍ଟବଳ ଓ ସିପାହୀମାନଙ୍କୁ ନକ୍ସଲ ଓ ମାଓବାଦୀଙ୍କ ବିରୋଧରେ କିପରି ଲଢ଼େଇ କରିବ, ସେନେଇ ପ୍ରଶିକ୍ଷଣ ଦିଆଯାଏ। ଆଣ୍ଟି ଏକ୍ସଟ୍ରିମିଷ୍ଟ ଟାକଟିକ୍ସ (ଏଇଟି) ପ୍ରଶିକ୍ଷଣ ପାଇଁ ଯୋଗ୍ୟ ପୁଲିସ କର୍ମଚାରୀମାନଙ୍କ ନାମ ପଠାଇବାକୁ ଆଇଜି (ଅପରେସନ) ଚିଠି ଲେଖିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ଯୋଗ୍ୟ ପୁଲିସ କର୍ମଚାରୀଙ୍କ ନାମ, ବ୍ରାସ୍ ନମ୍ବର, ନିଯୁକ୍ତି ତାରିଖ, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଗୃହ ଥାନା/ଜିଲ୍ଲା ଓ ବେସିକ୍ କୋର୍ସ ଅଫ୍ ଟ୍ରେନିଂର ତାରିଖ ସମାପ୍ତିର ତାରିଖ ଦେବାକୁ ଓଏସ୍ଏପି, ଆଇଆରବି ଓ ସ୍ୱତନ୍ତ୍ର ଆଇଆରବିଙ୍କ କମାଣ୍ଡାଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ପ୍ରତିବର୍ଷ 'ଏଇଟି' ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଏଯାଏଁ ଅନେକ ପୁଲିସ କର୍ମଚାରୀ ଏହି ଟ୍ରେନିଂ ନେଇସାରିଛନ୍ତି। କିନ୍ତୁ 'ଏଇଟି' ପ୍ରଶିକ୍ଷଣ ପାଇସାରିବା ପରେ ମଧ୍ୟ ପୁଲିସ କର୍ମଚାରୀଙ୍କୁ ମାଓ ଦମନ ବଦଳରେ ଆଇନଶୃଙ୍ଖଳା ଡ୍ୟୁଟିରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି।

ସେପଟେ, ଆସନ୍ତା ୩୧ତାରିଖ ସୁଦ୍ଧା ଭାରତକୁ ନକ୍ସଲମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର ମାଓ ଅପରେସନ୍ ଜାରି ରହିଛି। କିଛି ମାଓବାଦୀ ପୁଲିସ ଗୁଳିରେ ପ୍ରାଣ ହରାଉଥିବା ବେଳେ ଅନେକ ଆତ୍ମସମର୍ପଣ କରୁଛନ୍ତି। ରାଜ୍ୟର ମାଲକାନଗିରି, କୋରାପୁଟ, ବୌଦ୍ଧ ଓ ରାୟଗଡ଼ା ଜିଲ୍ଲାକୁ ମାଓ ମୁକ୍ତ ଘୋଷଣା ହୋଇ ସାରିଥିବା ବେଳେ ଆହୁରି ଏକାଧିକ ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ରହିଛି। ମାଓବାଦୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକୁ ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ମୁକ୍ତ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆଉ ୬ ସପ୍ତାହ ପରେ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବ ବୋଲି କୁହାଯାଉଥିବା ବେଳେ ୧୩ ସପ୍ତାହ ପାଇଁ ଆଣ୍ଟି ଏକ୍ସଟ୍ରିମିଷ୍ଟ ଟାକଟିକ୍ସ (ଏଇଟି) ପ୍ରଶିକ୍ଷଣରେ ଯିବାକୁ ଆଇଜି (ଅପରେସନ) ଚିଠି ଲେଖିବା ସାଧାରଣରେ ଆଶଙ୍କା ସୃଷ୍ଟି କରିଛି। ଆଇଜିଙ୍କ ଏହି ଚିଠି ପରେ ମାଓମୁକ୍ତ ଓଡ଼ିଶା ଲକ୍ଷ୍ୟ ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି।

## ■ ଏକାଠି ଜିଇଁ ପାରିଲେନି

# ଏକାସାଙ୍ଗରେ ଝୁଲି ପଡ଼ିଲେ ଦମ୍ପତି

ଜେନାପୁର/କବାଟବନ୍ଧ, ୧୦।୨(ସମିସ): ଏକାଠି ସାଙ୍ଗ ହୋଇ ଜିଇଁ ପାରିଲେନି। ପରସ୍ପରକୁ ବୁଝିବାକୁ ଯେତେ ଚେଷ୍ଟା କଲେ ବି ସବୁ ବିଫଳ ହେଲା। ଦଇବ ବି ସାହା ହେଲାନି। ବିବାହ ପରଠାରୁ କୌଣସି ନା କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଲାଗି ରହିଲା। ତେଣୁ, ଏକାଠି ଜୀବନ ହାରିଦେଲେ। ଠାକୁର ଦର୍ଶନ ସାରିବା ପରେ ସାଥୀ ହୋଇ ଫ୍ୟାନ୍‌ରେ ଝୁଲିପଡ଼ିଲେ। ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଜାମୁଝରୀ ଗ୍ରାମରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି।

ମୃତ ଦମ୍ପତି ହେଲେ, ବାବୁଲା ମଲିକଙ୍କ ପୁଅ ଜଜ୍ ମଲିକ (୨୬) ଓ ବୋହୂ ଝରଣା ମଲିକ (୨୩)। ଗତରାତିରେ ଉଭୟ ଗୋଟିଏ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ବିବାହ ପରଠାରୁ ଦୁହିଁଙ୍କର ସଂପର୍କ ସେତେ ଭଲ ନଥିଲା। ସବୁବେଳେ କୌଣସି ନା କୌଣସି କଥାକୁ ନେଇ ଦୁହିଁଙ୍କର ପାଟିତୁଣ୍ଡ ହେଉଥିଲା। ଏହି କଳହ ଗତକାଲି ଚରମସୀମାରେ ପହଞ୍ଚିଥିଲା। ରାତି ପ୍ରାୟ ୮ଟାରେ ଦୁହେଁ ଗାଁରେ ଚାଲୁଥିବା ଅଷ୍ଟପ୍ରହରୀର ନାମଯଜ୍ଞକୁ ଯାଇ ସେଠାରେ ଠାକୁର ଦର୍ଶନ କରି ଘରକୁ ଫେରିଥିଲେ। ଘରେ ସାଥୀ ହୋଇ ଖାଇବା ପରେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଏପଟେ, ଜଜ୍ ଅଷ୍ଟପ୍ରହରୀକୁ ନ ଫେରିବାରୁ ବାପା ବାବୁଲା ଘରକୁ ତାଙ୍କୁ ଡାକିବାକୁ ଯାଇଥିଲେ। ଘର କବାଟ ଖୋଲିବାକୁ ଚେଷ୍ଟା କରି ବିଫଳ ହେବାରୁ ମନକୁ ପାପ ଛୁଇଁଥିଲା। ତେଣୁ, କବାଟ ଭାଙ୍ଗି ଦେଖିବା ବେଳକୁ ଉଭୟ ଏକ ଫ୍ୟାନ୍‌ରେ ଝୁଲୁଥିଲେ। ଉଭୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ଯାତ୍ରାମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ମାମଲା

# ବଲାଙ୍ଗିର କୋର୍ଟରେ ନିଶାଙ୍କ ଆତ୍ମସମର୍ପଣ

ବଲାଙ୍ଗିର, ୧୦।୨(ସମିସ): ବିବାଦୀୟ ଅଭିନେତ୍ରୀ ନିଶା ମହାରଣା ମଙ୍ଗଳବାର ବଲାଙ୍ଗିର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ବଲାଙ୍ଗିରର ଏକ ଯାତ୍ରା ମଞ୍ଚରେ ସେ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିବା ଅଭିଯୋଗ ହୋଇଥିଲା। ଜାନୁଆରି ୧୫ ତାରିଖରେ ନିଶା ଓ ଯାତ୍ରା ଆୟୋଜକ କମିଟି ନାମରେ ଏନେଇ ସଦର ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବା ପରେ ଫେରାର୍ ଥିବା ନିଶାଙ୍କୁ ଧରିବା ପାଇଁ ସଦର ପୁଲିସର ଏକ ଟିମ୍ ଭୁବନେଶ୍ୱର ଯାଇଥିଲା। ହେଲେ ସେଠାରେ ନିଶାଙ୍କୁ ନପାଇ ଫେରି ଆସିଥିଲା। ପରେ ସେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଉକ୍ତ ସର୍ତ୍ତ ମୁତାବକ ସେ ଆତ୍ମସମର୍ପଣ କରିଛନ୍ତି।



ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଗତ ଜାନୁଆରି ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅପେରା ଦୁର୍ଗାମନ୍ଦିର ପକ୍ଷରୁ ଯାତ୍ରା ଆୟୋଜିତ ହୋଇଥିଲା। ଶେଷ ରାତି ୧୨ ତାରିଖରେ ବିବାଦୀୟ ନିଶା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାର ଭିଡିଓ ଭାଇରାଲ ହେବା ପରେ ତତ୍କାଳୀନ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ନିଜ ଆଡୁ ୧୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ଜାନୁଆରି ୧୫ତାରିଖରେ ଆୟୋଜକ କମିଟିର ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେରଙ୍କୁ ଗିରଫ କରିଥିଲା। ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କ ସହ ପୁଲିସ ନିଶା ମହାରଣା, ଶଙ୍କର ସେନାପତି ଓ ଅନ୍ୟମାନଙ୍କ ନାମରେ ମଧ୍ୟ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହି ସମୟରେ ବଲାଙ୍ଗିର ସଦର ପୁଲିସର ଏକ ଟିମ୍ ନିଶା ମହାରଣାଙ୍କୁ ଗିରଫ କରିବା ପାଇଁ ଭୁବନେଶ୍ୱର ଯାଇଥିଲା। କିନ୍ତୁ, ପୁଲିସ ତାଙ୍କୁ ନ ପାଇ ଫେରିଯାଇଥିଲା। ପରେ ନିଶା ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ନିକଟରେ ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତଳକୋର୍ଟରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ମଙ୍ଗଳବାର ନିଶା ବଲାଙ୍ଗିର ଆସି ନିଜ ଓକିଲଙ୍କ ସହ ବଲାଙ୍ଗିର କୋର୍ଟ ପରିସରରେ ପହଞ୍ଚିଥିଲେ। ବଲାଙ୍ଗିର ଏସ୍‌ଡିଜେଏମ୍‌ଙ୍କ ପାଖରେ ସେ ଆତ୍ମସମର୍ପଣ କରିଥିଲେ।

# କୃମିନାଶକ ବଟିକା ଖାଇ ୩୦ ଛାତ୍ରଛାତ୍ରୀ ଅସୁସ୍ଥ

କେନ୍ଦୁଝର/ଘଟଗାଁ/ତୁରୁମୁଙ୍ଗା, ୧୦।୨(ସମିସ): ଜାତୀୟ କୃମିନାଶକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ଦୁଇଟି ସ୍ଥାନରୁ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କୃମିନାଶକ ବଟିକା ଖାଇ ଘଟଗାଁ ଓ ସାହାରପଡ଼ା ବ୍ଲକ୍‌ର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଘଟଗାଁ ବ୍ଲକ୍‌ର କେବଳ ୧୬ ଛାତ୍ରଛାତ୍ରୀ ଖବର ଲେଖା ହେବା ଯାଏ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନାନୁସାରେ, ଘଟଗାଁ ବ୍ଲକ୍ ଦେହୁରିପଶି ସରକାରୀ ଏସଏସଡ଼ି ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ବଟିକା ଦିଆଯିବା ପରେ ଅସୁସ୍ଥ ହୋଇ ସେମାନେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ସକାଳୁ ଛାତ୍ରଛାତ୍ରୀଙ୍କୁ ଆଶ୍ରମରେ ସକାଳ ଜଳଖିଆ ପରେ ଘଟଗାଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃମିନାଶକ ବଟିକା ଦିଆଯାଇଥିଲା। କିଛି ସମୟ ପରେ କାହାର ବାନ୍ତି ତ କାହାର ପେଟବ୍ୟଥା, ମୁଣ୍ଡବ୍ୟଥା ହୋଇଥିଲା। ସେମାନଙ୍କୁ ଘଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏବାବଦରେ କେନ୍ଦୁଝର ସିଡିଏମ୍‌ଓ ବିନୋଦ ବିହାରୀ ମିଶ୍ର କହିଛନ୍ତି, ସମସ୍ତ ଛାତ୍ରଛାତ୍ରୀଙ୍କ ଅବସ୍ଥା ଭଲ ଅଛି। ମେଡିକାଲରେ ଏବେ ୧୬ଜଣ ପିଲା ଚିକିତ୍ସାଧୀନ ଅଛନ୍ତି। ଘଟଗାଁ ମେଡିକାଲ ଇନଚାର୍ଜ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା କଥା ବୁଝୁଛନ୍ତି। ଅନ୍ୟପକ୍ଷରେ, ସାହାରପଡ଼ା ବ୍ଲକ ରେଙ୍ଗାଳାବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୯ ଜଣ ଛାତ୍ରଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସ୍ୱାଗତ ପ୍ରଧାନ ସୂଚନା ଦେଇଛନ୍ତି। ସେମାନେ ମଧ୍ୟ ଔଷଧ ଖାଇବା ପରେ ସେମାନଙ୍କ ପେଟବ୍ୟଥା ସହ ବାନ୍ତି ହୋଇ ମୁଣ୍ଡ ବୁଲାଇଥିଲା। ବାଲ୍ ବାଟିକାଠାରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଅସୁସ୍ଥ ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସହ ଅଭିଭାବକମାନେ ୧୦୮ ଆମ୍ବୁଲାନ୍ସରେ ପାଟଣା ମେଡ଼ିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସମସ୍ତ ଛାତ୍ରଛାତ୍ରୀ ପାଟଣା ମେଡିକାଲରେ ଭର୍ତ୍ତି ହୋଇଥିଲେ।

## ଧାନ ଓ ଗହମରେ ବୋନସ ପ୍ରଦାନକୁ କେନ୍ଦ୍ରର ନାପସନ୍ଦ

# ଚାଷୀଙ୍କୁ ମିଳିବନି ୮୦୦ ଟଙ୍କା !

ଭୁବନେଶ୍ୱର,୧୦।୨(ସମିସ): ବିଭିନ୍ନ ରାଜ୍ୟରେ ଧାନ ଓ ଗହମ ବିକ୍ରି ପାଇଁ ଏମ୍ଏସ୍‌ପି ସହିତ ଚାଷୀମାନଙ୍କୁ ମିଳୁଥିବା ଇନ୍‌ପୁଟ୍ ସହାୟତା ବା ବୋନସର ଭବିଷ୍ୟତ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କେରଳ ସରକାରଙ୍କୁ ଚିଠି ଲେଖି ବୋନସ ବା ଇନ୍‌ପୁଟ ସବସିଡି ବ୍ୟବସ୍ଥା ଏକ ଅନୁଚିତ ବ୍ୟବସ୍ଥା ବୋଲି ଉଲ୍ଲେଖ କରିଛନ୍ତି । ଏପରିକି ଅନ୍ୟ କିଛି ରାଜ୍ୟ ମଧ୍ୟ ଏହି ବ୍ୟବସ୍ଥାକୁ ଆପଣେଇବା ଉପରେ ଅର୍ଥ ମନ୍ତ୍ରଣାଳୟ ଆପତ୍ତି ଉଠାଇଛି । କେନ୍ଦ୍ର ସରକାରଙ୍କ ଏପରି ଆଭିମୁଖ୍ୟ ପରେ ରାଜ୍ୟରେ ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ପ୍ରଦାନ କରାଯାଉଥିବା ଇନ୍‌ପୁଟ ସବସିଡ଼ି ଭବିଷ୍ୟତରେ ମିଳିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।


Dear Dr. A Jayathilak,
Dr. A Jayathilak, IAS
Chief Secretary
Govt. of Kerala Secretariat
Thiruvananthapuram-695001

**କେରଳ ସରକାରଙ୍କୁ ଚିଠି ଲେଖିଲା ଅର୍ଥ ମନ୍ତ୍ରଣାଳୟ**

**ଅନ୍ୟ ରାଜ୍ୟ ଦେଉଥିବା ବୋନସ୍‌କୁ ନେଇ ଅସନ୍ତୋଷ**

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କେରଳ ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ କୁହାଯାଇଛି ଯେ କେନ୍ଦ୍ର ସରକାର ପ୍ରତିବର୍ଷ ବିଭିନ୍ନ ଫସଲ ପାଇଁ ଏମ୍ଏସ୍‌ପି ଘୋଷଣା କରନ୍ତି, ଯାହା ଚାଷୀମାନଙ୍କୁ ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିଥାଏ। ତେବେ କିଛି ବର୍ଷ ହେବ ଗହମ ଏବଂ ଧାନର ପ୍ରଚୁର ଉତ୍ପାଦନ ଯୋଗୁଁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍), ବଫର ନିୟମାବଳୀ ଏବଂ ଅନ୍ୟାନ୍ୟ କଲ୍ୟାଣ ତଥା ଆକସ୍ମିକ ଆବଶ୍ୟକତା ପାଇଁ ଆବଶ୍ୟକ ମାତ୍ରାଠାରୁ ବହୁ ଅଧିକ ଗହମ ଏବଂ ଚାଉଳ ଷ୍ଟକ୍ ରହିଛି। ଏହି ଅତିରିକ୍ତ ଷ୍ଟକ୍ ବର୍ଷ ପରେ ବର୍ଷ ବଢ଼ି ଚାଲିଛି। ଫଳସ୍ୱରୂପ ସରକାରୀ କୋଷାଗାର ଉପରେ ଭାର ବଢ଼ି ଚାଲିଛି। କେରଳ ସରକାରଙ୍କ ସମେତ ଦେଶର କେତେକ ରାଜ୍ୟ ସରକାର ଧାନ ଏବଂ ଗହମ କ୍ରୟ ବେଳେ ଏମଏସପି ସହିତ ଅତିରିକ୍ତ ବୋନସ୍ (ଇନ୍‌ପୁଟ ସହାୟତା) ପ୍ରଦାନ କରୁଛନ୍ତି। ଫଳରେ ଏହି ଖାଦ୍ୟ ଶଶ୍ୟଗୁଡ଼ିକର ଅଧିକ ଉତ୍ପାଦନ ଆଶଙ୍କା ବୃଦ୍ଧି ପାଉଛି। ପୁନଶ୍ଚ ଗହମ ଏବଂ ଧାନ ତୁଳନାତ୍ମକ ଭାବେ ଜଳ, ସାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ କରିଥାନ୍ତି। ଏହାସହ ଏହି ଚାଷ ଭୂତଳ ଜଳ ହ୍ରାସ, ମୃତ୍ତିକା ଅବକ୍ଷୟ, ଜୈବ ବିବିଧତା କ୍ଷୟ ଏବଂ ନଡ଼ା ପୋଡ଼ି ଆଦିର ସମସ୍ୟା ସୃଷ୍ଟି କରୁଛି। ଏହି କାରଣମାନ ଜଳବାୟୁ ପରିବର୍ତ୍ତନ ଉପରେ କୁପ୍ରଭାବ ଏବଂ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ଅନ୍ୟପଟେ ତୈଳବୀଜ ଏବଂ ଡାଲିଜାତୀୟ ଫସଲର ଅଭାବ ଯୋଗୁଁ ଭାରତ ଅନ୍ୟ ଦେଶରୁ ଆମଦାନୀ କରିବାକୁ ବାଧ୍ୟ ହେଉଛି। ଏହି ସମସ୍ତ କାରଣକୁ ଗୁରୁତର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କ ବର୍ତ୍ତମାନର ବୋନସ୍ ନୀତିର ସମୀକ୍ଷା କରିବା ସହ ଗହମ ଏବଂ ଧାନ ଉପରେ ବୋନସ୍ ବନ୍ଦ କରିବାକୁ ଚିଠିରେ କୁହାଯାଇଛି। ଏହା ସହିତ ଧାନ ଓ ଗହମ ପରିବର୍ତ୍ତେ ଡାଲିଜାତୀୟ, ତୈଳବୀଜ ଏବଂ ମାଣ୍ଡିଆ ଇତ୍ୟାଦି ଚାଷ ଉପରେ ବୋନସ ପ୍ରଦାନ ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରିଛନ୍ତି ।

୨୦୨୪ ନିର୍ବାଚନ ପୂର୍ବରୁ ଚାଷୀଙ୍କୁ ଧାନ କ୍ୟୁଣ୍ଟାଲ୍ ପିଛା ୮୦୦ ଟଙ୍କା ଇନ୍‌ପୁଟ ସହାୟତା ଦେବ ବୋଲି ବିଜେପି ଘୋଷଣା କରିଥିଲା। ଶାସନକୁ ଆସିବା ପରେ ରାଜ୍ୟ ସରକାର ଚାଷୀଙ୍କୁ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ ହେଲେ। ମାତ୍ର ବିଜେପିର ବଡ଼ ଇଂଜିନ ଅର୍ଥାତ କେନ୍ଦ୍ର ସରକାର ଏଭଳି ଇନ୍‌ପୁଟ୍ ସହାୟତା ବା ବୋନ୍‌ସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନାପସନ୍ଦ କରିବା ସହ ଏହି ବ୍ୟବସ୍ଥାକୁ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ଓଡ଼ିଶା ସମେତ ଦେଶର ଅନେକ ରାଜ୍ୟ ଧାନ ଓ ଗହମ ଭଳି ଫସଲ୍ ପାଇଁ ଏସ୍ଏସ୍‌ପି ସହିତ ଇନ୍‌ପୁଟ ସହାୟତା/ବୋନସ ପ୍ରଦାନ କରୁଛନ୍ତି। ମାତ୍ର ଏହାଦ୍ୱାରା ଅନ୍ୟ ଚାଷ ଉପରେ ଗୁରୁତର ପ୍ରଭାବ ପଡ଼ିବା ସହ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହେଉଛି ବୋଲି କେନ୍ଦ୍ର ସରକାର କହିଛନ୍ତି। ରାଜ୍ୟର ଚାଷୀମାନଙ୍କୁ ମିଳୁଥିବା ଇନ୍‌ପୁଟ୍ ସବସିଡ଼ି ବନ୍ଦ ହୋଇଯାଇପାରେ ବୋଲି ସ୍ୱାଭାବିକ ଆଶଙ୍କା କରାଯାଉଛି ।

## ■ ରାଜସ୍ୱ ବିଭାଗ ଅଧିକାରୀଙ୍କ ପାଇଁ ସଚିବଙ୍କ ୧୦ ସୂତ୍ରୀ ସୂଚନା

# ଶିଷ୍ଟାଚାର ଓ ଶୃଙ୍ଖଳା ପ୍ରଥମ; ପାନ-ଗୁଟୁଖା ଛାଡ଼

**ଶୁକ୍ରବାର ଅଧିକାରୀ ଓ କର୍ମଚାରୀ ପିନ୍ଧିବେ ତନ୍ତ ଲୁଗା**

ଭୁବନେଶ୍ୱର,୧୦।୨(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସଂସ୍କାର ଉପରେ ଗୁରୁତ୍ୱ ଦେଇଛନ୍ତି ବିଭାଗର ନୂତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ। ବିଧିବଦ୍ଧ ଦାୟିତ୍ୱ ନେବା ପରେ ବିଭାଗ ଓ ବିଭାଗୀୟ କାର୍ଯ୍ୟକ୍ରମକୁ ସକ୍ରିୟ କରିବାକୁ ଶ୍ରୀ ପାଢ଼ୀ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ସେ ଜିଲ୍ଲା, ତହସିଲ ତଥା ସମସ୍ତ କ୍ଷେତ୍ର କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ସୂତ୍ରୀ ଚିଠି ଲେଖିଛନ୍ତି। ଏଥିରେ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ସହ ଏହାକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଛନ୍ତି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ସହ ପ୍ରତି ଶୁକ୍ରବାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ହସ୍ତତନ୍ତ ଲୁଗା ପିନ୍ଧିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହିତ ବିଭାଗରେ ସଚ୍ଚୋଟତା, ବୃତ୍ତିଗତ ନିଷ୍ଠା ଓ ସମ୍ବେଦନଶୀଳତାକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ନାଗରିକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ଲୋକସେବାରେ ଶିଷ୍ଟାଚାର ଓ ଶୃଙ୍ଖଳାର ପାଳନ କରିବା; ସାର୍ବଜନୀନ ସ୍ଥାନ ଓ କାର୍ଯ୍ୟ ସମୟରେ ପାନ, ତମାଖୁ ଜାତୀୟ ଦ୍ରବ୍ୟ ସେବନ, ଧୂମପାନ କିମ୍ବା ମଦ୍ୟପାନ ନ କରିବାକୁ ସେ ପରାମର୍ଶ ଦେବା ସହ ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଓ ଉତ୍ତମ ଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସମେତ ସମସ୍ତ ସରକାରୀ ଜମିର ସୁରକ୍ଷା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଉପରେ ସେ ଗୁରତ୍ୱ ଦେବା ସହ ସଚ୍ଚୋଟ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବା ସହ ଦୁର୍ନୀତି ଏବଂ ଏହାର ପୃଷ୍ଠପୋଷକ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନ କରି ଅଚାନକ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀ ଏବଂ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତିର ମୂଲ୍ୟାଙ୍କନ କରିବାକୁ ଚିଠିରେ ଦର୍ଶାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ।

**ବୃଷ:** ସମାଜରେ ଲୋକସମ୍ପର୍କ ବୃଦ୍ଧି ପାଇବ। କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମାନ ସମ୍ମାନ ବୃଦ୍ଧି ପାଇବ। ଜୀବନସାଥିଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ। ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

## ଆଜିର ଇତିହାସ

- ୧୯୩୩- ଗାନ୍ଧିଜୀଙ୍କ ପ୍ରଥମ ସାପ୍ତାହିକ ପ୍ରକାଶନ 'ହରିଜନ'ର ପ୍ରଥମ ଅଙ୍କ ପୁଣେରୁ ପ୍ରକାଶିତ।
- ୧୯୪୨- ପ୍ରସିଦ୍ଧ ସମାଜସେବୀ ଯମୁନାଲାଲ୍ ବଜାଜ୍‌ଙ୍କ ନିଧନ।
- ୧୯୯୦- ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲା ୨୭ ବର୍ଷର କାରାବାସ ପରେ ମୁକ୍ତ ହେଲେ।

# 'ରାମାୟଣ' ରେ କାମ କରୁନାହାନ୍ତି ବିଜୟ



ନୀତେଶ ତିୱାରିଙ୍କ 'ରାମାୟଣ'କୁ ନେଇ ଲଗାତାର ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି। ଏଥିରେ ରଣବୀର କପୁର, ସାଇ ପଲ୍ଲବୀ, ୟଶ୍, ସନ୍ନି ଦେଓ୍ୱଲ, ଅମିତାଭ ବଚ୍ଚନ, ଲାରା ଦତ୍ତା ପ୍ରମୁଖ ନଜର ଆସିବେ। ଏସମସ୍ତ କଳାକାର କେଉଁ କେଉଁ ଭୂମିକାରେ ଦେଖାଯିବେ ତାହା ଲୋକଲୋଚନକୁ ଆସି ସାରିଛି। ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତା ବିଜୟ ସେତୁପତି ଏଥିରେ ବିଭୀଷଣ ଭୂମିକାରେ ଅଭିନୟ କରିବା ପାଇଁ ଫିଲ୍ମ ନିର୍ମାତାଙ୍କ ସହ ଯୋଗାଯୋଗ କରିଥିବା ନିକଟରେ ଅନେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ହେଲେ ବିଜୟ ଏକଥାକୁ ଖଣ୍ଡନ କରିଛନ୍ତି। ନିକଟରେ ବିଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, 'ମୁଁ ଏହି ପ୍ରୋଜେକ୍ଟର କାମ କରୁନାହିଁ। ଏଭଳି ଖବର କେଉଁଠୁ ଆସୁଛି ମୁଁ ଜାଣିପାରୁନି।' ଏହାପୂର୍ବରୁ ରାଘବ ଜୁଆଲ ଏଥିରେ ମେଘନାଦ ଭୂମିକାରେ ନଜର ଆସିବେ ବୋଲି କୁହାଯାଉଥିଲା। ରାଘବ ଏଥିରେ ବିକ୍ରାନ୍ତ ମେସିଙ୍କ ସ୍ଥାନ ନେଇଥିବା ଅନେକ ରିପୋର୍ଟରେ କୁହାଯାଇଥିଲା। ଏହାପରେ ନିଜେ ବିକ୍ରାନ୍ତ ସେ 'ରାମାୟଣ'ର କେବେ ବି ଅଂଶ ନ ଥିଲେ ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ ସେୟାର୍ କରି କହିଥିଲେ। ନମିତ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ' ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଅବସରରେ ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ଏହାର ବଜେଟ୍ ରହିଛି ୪୦୦୦ କୋଟି।

# ପ୍ରଥମ ଜନ୍ମଦିନରେ ଉପହାର ବର୍ଷା


ଉତ୍ତର ପ୍ରଦେଶ ଆଲିଗଡ଼ରେ ଶିବାୟ ନାମକ ପିଲାର ପ୍ରଥମ ଜନ୍ମଦିନ ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି ଆଲିସାନ୍ ଜନ୍ମଦିନ ପାର୍ଟି ଲଗଜୁରିର ପରିଭାଷାକୁ ବଦଳାଇ ଦେଇଥିବା କହିଲେ ଭୁଲ ହେବ ନାହିଁ। ଯେଉଁ ବୟସରେ ପିଲାଟିଏ ଜନ୍ମିଦିନରେ କେବଳ କେକ୍ କାଟି ଖେଳଣା ଦେଖି ଖୁସି ହୋଇଥାଏ, ସେହି ବୟସରେ ତାକୁ ଜମି, ସୁନା, ରୂପା, ନଗଦ ଟଙ୍କା ମିଳୁଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ଏହି ଭିଡିଓ ପିଲାଟିର ମାମୁଁ ଅଖିଳେଶ ଚୌହାନ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳୁଛି, ପରିବାର ଲୋକେ ଗୋଟିଏ ପରେ ଗୋଟିଏ ଉପହାରର ଘୋଷଣା କରୁଛନ୍ତି। ଅବଶ୍ୟ ପ୍ରଥମେ ସବୁକିଛି ଦେଖିବାକୁ ସାଧାରଣ ଲାଗୁଛି, ହେଲେ ଯେମିତି ଉପହାର ଘୋଷଣା ବଢ଼ି ଚାଲେ, ଏହାକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହେବା ଥୟ। ଶିବାୟକୁ ଆଲିଗଡ଼-ଆଗ୍ରା ଜାତୀୟ ରାଜପଥ କଡ଼ରେ ଏକ ଜମି ଜନ୍ମଦିନ ଉପହାରରେ ଭେଟି ଦିଆଯାଇଛି। ଏହା ସହିତ ନଗଦ ୧୧ ଲକ୍ଷ ଟଙ୍କା, ୨୦ ଗ୍ରାମ୍‌ର ସୁନା ଚେନ୍, ମା' ଲକ୍ଷ୍ମୀ ଏବଂ ଗଣେଶଙ୍କ ରୂପା ମୂର୍ତ୍ତି, ହାତ ଓ ଗୋଡ଼ ପାଇଁ ରୂପା କଡ଼ା, ୫୦୦ ଗ୍ରାମ୍ ଓଜନର ରୂପା ବାସନ ଓ ୧୫ ହଳ ଦାମୀ ପୋଷାକ ଏବଂ ଅନେକଗୁଡ଼ିଏ ଖେଳଣା ତାଙ୍କୁ ଉପହାରରେ ମିଳିଛି। କେବଳ ସେତିକି ନୁହେଁ, ଶିବାୟର ମା', ଜେଜେମା ଓ ପିଉସୀଙ୍କୁ ବି ଉପହାର ମିଳିଛି। ଶିବାୟର ମା'ଙ୍କୁ ୩୫ ଗ୍ରାମ୍ ଓଜନର ସୁନା ହାର, ସୁନା ଚୁଡ଼ି, ସୁନା ମୁଦି, ସୁନା କାନଫୁଲ, ପାଉଁଜି ଏବଂ ପୋଷାକ ମିଳିଛି। ସେହିପରି ଜେଜେମା ଏବଂ ପିଉସୀଙ୍କୁ ସୁନା ମୁଦି, ରୂପା ପାଉଁଜି ଏବଂ ପୋଷାକ ମିଳିଛି। ଏପରିକି ଏହି ଜନ୍ମଦିନରେ ଯୋଗ ଦେଇଥିବା ମହିଳା ସମ୍ପର୍କୀୟମାନଙ୍କୁ ୧୦୧ ଶାଢ଼ି ଏବଂ ପୁରୁଷ ବନ୍ଧୁବାନ୍ଧବଙ୍କୁ ୧୦୧ ପ୍ୟାଣ୍ଟ-ସାର୍ଟ ଉପହାର ପ୍ରଦାନ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଲୋକେ ଏହାକୁ ଭାରତୀୟ ପାରିବାରିକ ପରମ୍ପରା ଏବଂ ଖୁସିର ପ୍ରତୀକ ବୋଲି କହିଛନ୍ତି।





# ବେଡ୍‌ରୁମ୍‌ରେ ବର୍ଷକର ଏକାନ୍ତବାସ

ଜଣେ ବ୍ୟକ୍ତି ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଯାହା କରିଛନ୍ତି, ତାହା ଏବେ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ତା' ସହ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଗୋଟିଏ ଘର ଭିତରେ ସେ ଦିନେ କି ଦୁଇ ଦିନ ନୁହେଁ, ବରଂ ବର୍ଷକ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିବା ନିଷ୍ପତ୍ତି ନେଇଛନ୍ତି। ଆମେରିକା ଉଟାହର ୪୯ ବର୍ଷ ବୟସ୍କ ସ୍କିପ୍ ଭୟସ୍ ଗତ ଜାନୁଆରୀ ୧୦ ତାରିଖରେ ଏଇ ନିଷ୍ପତ୍ତି ନେଲେ। ତେଣୁ ସେ ନିଜ ସ୍ତ୍ରୀ ଓ ଝିଅକୁ ଶେଷ ଦେଖା କରି ନିଜ ଶୋଇବା ଘରକୁ ଗଲେ। ଏହା ସହିତ ସେ ତାଙ୍କର ଏକାନ୍ତ ବର୍ଷର ପ୍ରୋଜେକ୍ଟ ଆରମ୍ଭ କଲେ। ୩୬୫ ଦିନ ସେହି ଘର ଭିତରେ ରହିବା ତାଙ୍କର ଯୋଜନା ରହିଛି। ଏହାସହିତ ଏହାର ପୂରା ଅନୁଭୂତିକୁ ସେ ୟୁଟ୍ୟୁବ୍‌ରେ ଲାଇଭ୍ ଷ୍ଟ୍ରିମିଂ କରିବେ। ତେବେ ଗୋଟିଏ ଘର ଭିତରେ ରହିବା ନିୟମ ଥିଲା ବେଶ୍ ସାଦାସିଧା। ସ୍କିପ୍ କହିଛନ୍ତି, 'ସେ ଶୋଇବା ଘର ଭିତରୁ ଆଦୌ ବାହାରିବେ ନାହିଁ ଏବଂ ୨୪ ଘଣ୍ଟା ଲାଇଭ୍ ଚାଲୁ ରହିବ। ଏହି ସମୟ ମଧ୍ୟରେ ସେ କୌଣସି ମନୋରଞ୍ଜନର ଉପାୟ ମଧ୍ୟ ଭିତରକୁ ଆଣିବେ ନାହିଁ। ବାହାରର କୌଣସି ପ୍ରକାର କଥାବାର୍ତ୍ତାରେ ବି ସାମିଲ ହେବେ ନାହିଁ। ବେଡ୍‌ରୁମ୍ ଭିତରେ ଯାହା କିଛି ହେଉଛି, ଲୋକେ ତାକୁ ଦେଖିପାରିବେ।' ସ୍କିପ୍ କୋଠରି ଭିତରେ ରହନ୍ତି, ଶୁଅନ୍ତି, ପଢ଼ନ୍ତି, ଲେଖାଲେଖି ଏବଂ ଯୋଗ କରନ୍ତି। ଏହିପରି ଭାବେ ସେ ତାଙ୍କର ପୂରା ସମୟ ଗୋଟିଏ ରୁମ୍ ଭିତରେ ହିଁ ଅତିବାହିତ କରିଥାନ୍ତି। ସ୍କିପ୍ ଦାବି କରନ୍ତି, ତାଙ୍କ ବେଡ୍‌ରୁମ୍ ଘରର ଅନ୍ୟ ଅଂଶଠାରୁ ପୂରାପୂରି ଅଲଗା। ତାଙ୍କ ପାଖରେ ଏକାକି ରହିବା ଲାଗି ସମସ୍ତ ଜିନିଷ ମହଜୁଦ ଅଛି। ବାଥରୁମ୍‌ଠୁ ଆରମ୍ଭ କରି ଅସ୍ଥାୟୀ ଜିମ୍, କିଛି ଆଲମାରି ଏବଂ ନିଜ ଅନୁଭୂତିକୁ ସେୟାର କରିବା ଲାଗି ଏକ ଷ୍ଟ୍ରିମିଂ ସେଟ୍‌ଅପ୍। ତେବେ ଖରାପ ଅଭ୍ୟାସକୁ ଦୂର କରି ଭଲ ଅଭ୍ୟାସ ଆପଣାଇବା ଲାଗି ସେ ପରିବାର ଲୋକଙ୍କଠାରୁ ଏମିତି ଅଲଗା ରହିବା ନିଷ୍ପତ୍ତି ନେଇଥିବା କହିଛନ୍ତି। ଅନ୍ୟପଟେ ସେ ଲଗାତାର ଉତ୍ତେଜନା ଠୁ ଦୂରରେ ରହିବା, ସୁସ୍ୱାସ୍ଥ୍ୟ ତଥା ଏକାଗ୍ରତା ଭଳି ଅଭ୍ୟାସକୁ ବଜାୟ ରଖିବା ଲାଗି ଏକ ନିୟନ୍ତ୍ରିତ ପରିବେଶ ସୃଷ୍ଟି କରିବାକୁ ଚାହୁଁଥିଲେ। କିଛି ଖରାପ ଅଭ୍ୟାସ ମଧ୍ୟ ସେ ଏହାଦ୍ୱାରା ଛାଡ଼ି ପାରିଥିବା କହିଛନ୍ତି। ସେହିପରି ଏକାନ୍ତବାସର ବର୍ଷକରୁ ପ୍ରାୟ ତିନି ସପ୍ତାହ ପୂରା ହେବା ମଧ୍ୟରେ ତାଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆସିଥିବା ଅନୁଭବ କରିଥିବା ସ୍କିପ୍ କହିଛନ୍ତି। ବର୍ତ୍ତମାନ ସେ ଅଧିକ ବ୍ୟାୟାମ କରୁଛନ୍ତି, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହିତ ତାଙ୍କର ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା କହିଛନ୍ତି।



## ସମ୍ଭାବନା

# ବିଦେଶରେ ପଢ଼ିବା ପୂର୍ବରୁ...



ଅଧିକାଂଶ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଆମେରିକା, ବ୍ରିଟେନ, ଲଣ୍ଡନରେ ପାଠ ପଢ଼ିବା। ସେହିପରି ଅନେକ ବିଦ୍ୟାର୍ଥୀ ବିଦେଶ ପଢ଼ା ପାଇଁ କଠିନ ପରିଶ୍ରମ ମଧ୍ୟ କରନ୍ତି। ହେଲେ ବିଦେଶରେ ପାଠ ପଢ଼ା ସହିତ ସେଠାକାର ପାଣିପାଗ ସହିତ ଅନ୍ୟ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ, ସେ ସମ୍ପର୍କରେ ଜାଣିବା।

- ବ୍ରିଟେନ ତଥା କାନାଡ଼ାର ପାଣିପାଗ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିପାରେ। ଏଠାରେ ଥଣ୍ଡା ଦୀର୍ଘ ସମୟ ପାଇଁ ରହେ ଏବଂ ଥଣ୍ଡା ବି ଅଧିକ ଲାଗେ। ତେଣୁ କରି ଏହି ପରିବର୍ତ୍ତନ ଭାରତୀୟ ଛାତ୍ରଛାତ୍ରୀଙ୍କ ଲାଗି ଶାରୀରିକ ଓ ମାନସିକ ସ୍ତରରେ ଥକ୍କାପଣ ସୃଷ୍ଟି କରିପାରେ। ତେବେ ଏଠାରେ ପଢ଼ିବା ପୂର୍ବରୁ ଏ ଲାଗି ମାନସିକ ସ୍ତରରେ ପୂର୍ବରୁ ପ୍ରସ୍ତୁତ ହୋଇ ଯିବା ଦରକାର।
- ବିଦେଶରେ ରହିବା ଖର୍ଚ୍ଚ ମଧ୍ୟ ଅଧିକ। ଘର ଭଡ଼ା, ଖାଦ୍ୟ, ଯାତାୟାତ ଭଳି ଅନ୍ୟ ଖର୍ଚ୍ଚ ପକେଟ୍ ପାଇଁ ଭାରି ହେବ। ଏଠାରେ ପାର୍ଟ ଟାଇମ୍ କାମ କରି ଏହି ଖର୍ଚ୍ଚ ଉଠାଇବାକୁ ଚାହିଁଲେ ବି ଏହା ସେତେଟା ସହଜ ନୁହେଁ। କାରଣ ସମସ୍ତଙ୍କୁ ସହଜରେ କାମ ମିଳି ନ ଥାଏ। ଅର୍ଥ ଚାପ ବି ମାନସିକ ଚିନ୍ତା ଆଣିପାରେ। ସେଥିପାଇଁ ଭାରତୀୟ ବିଦ୍ୟାର୍ଥୀ ବିଦେଶ ଯିବା ପୂର୍ବରୁ ସଞ୍ଚୟ ଉପରେ ଗୁରୁତ୍ୱ ଦେବା ଉଚିତ।
- ବିଦେଶରେ ରହିବା ଏକାକୀତ୍ୱର ବି ଏକପ୍ରକାର ବଡ଼ କାରଣ। ପରିବାର ଏବଂ ସାଙ୍ଗସାଥୀଙ୍କଠାରୁ ଦୂରରେ ରହିବା ସେତେଟା ସହଜ ନୁହେଁ। ପ୍ରଥମେ ସବୁ ନୂଆ ଓ ରୋମାଞ୍ଚକ ଲାଗିଥାଏ। ହେଲେ କିଛି ମାସ ଅତିକ୍ରମ ହେବା ପରେ ଏକୁଟିଆ ଲାଗେ। ଏହା ଯୋଗୁଁ ଅନେକ ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିପାରନ୍ତି ନାହିଁ। ବିଦେଶ ଯିବା ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ଖୁବ୍ ଜରୁରି।
- ତେଣୁ ପାଣିପାଗ ଅନୁସାରେ ପୋଷାକ, ଅତି କମ୍‌ରେ ଛଅ ମାସର ଖର୍ଚ୍ଚ, ମାନସିକ ସ୍ତରରେ ଦୃଢ଼ତା ବିଦେଶ ଯିବା ଛାତ୍ରଛାତ୍ରୀଙ୍କ ପାଖରେ ରହିବା ଜରୁରି।

# ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ ତା'ର ନୂଆ ଏକ୍ସପ୍ରେସିଭ୍ ଫିଚର ଡବିଂକୁ ସମସ୍ତ ବ୍ୟବହାରକାରୀଙ୍କ ଲାଗି ଲଞ୍ଚ୍ କରିଛି। ବିଦେଶୀ ଭାଷାର ଭିଡିଓ ହିନ୍ଦୀ ସମେତ ୨୭ଟି ଭାଷାରେ ଦେଖିବାକୁ ମିଳିବ। ତେବେ କଣ୍ଟେଣ୍ଟକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଉକ୍ତ ଫିଚର୍‌କୁ ଲଞ୍ଚ କରାଯାଇଛି।**




ଏଆଇ ଡବିଂ ଭିଡିଓ ଦେଖିବାକୁ ମଜା ଲାଗି ନ ଥାଏ। ମୁଖ୍ୟତଃ ଏହା ନିରସ ଲାଗେ। ହେଲେ ୟୁଟ୍ୟୁବ୍‌ର ଏହି ନୂଆ ଫିଚର ସ୍ୱରର ଭାବାବେଗକୁ ସେମିତି ବଜାୟ ରଖିବ। ଅବଶ୍ୟ ଏବେ ଏହି ଫିଚର୍ ହିନ୍ଦୀ ସମେତ ୮ଟି ଭାଷାରେ ଉପଲବ୍ଧ। ଏଥିରେ ଏଆଇ ଆଧାରିତ ଏକ ସ୍ମାର୍ଟ ଫିଲଟର ଅଛି। ଯାହାକି ଆପେ ଆପେ ଚିହ୍ନଟ କରିବ ଯେ, କେଉଁ ପ୍ରକାର ଭିଡିଓକୁ ଡବ୍ କରାଯିବ ଏବଂ କାହାକୁ ନୁହେଁ। ସେହିପରି ମ୍ୟୁଜିକ ଭିଡିଓ, ସାଇଲେଣ୍ଟ ବ୍ଲଗ୍, ବିନା ଡାଏଲଗ୍ ଯୁକ୍ତ କଣ୍ଟେଣ୍ଟକୁ ଅଟୋ ଡବିଂରୁ ବାହାରେ ରଖାଯିବ। ଏହା ଦ୍ୱାରା ଭିଡିଓର ବାସ୍ତବ ଭୂମିକା ଏବଂ ଅନୁଭବ ସେମିତି ରହିବ। ଅନ୍ୟପଟେ ଏହା ଭିଡିଓ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। କାରଣ ଅନ୍ୟ ଭାଷାରେ ଭିଡିଓ ଡବ୍ ହେବା ଦ୍ୱାରା ଅନ୍ୟ ଦେଶର ଲୋକେ ବି ସେହି ଭାଷାରେ ଭିଡିଓ ଦେଖିପାରିବେ। କ୍ରିଏଟର ଚାହିଁଲେ ନିଜର ଡବ୍ ବି ଅପଲୋଡ୍ କରିପାରିବେ। ସେହିପରି ଦରକାର ନ ଥିଲେ ଏହି ଫିଚର୍‌କୁ ବନ୍ଦ ମଧ୍ୟ କରାଯାଇପାରିବ। ଏହାବାଦ୍ ଦର୍ଶକେ ମଧ୍ୟ ଏଥିରେ ନିଜ ପସନ୍ଦର ଭାଷାକୁ ଚୟନ କରିପାରିବେ ଏବଂ ଚାହିଁଲେ ଭିଡିଓକୁ ମୂଳ ଭାଷାରେ ବି ଦେଖିପାରିବେ। କାରଣ ୟୁଟ୍ୟୁବ୍ ଦର୍ଶକଙ୍କ ଉପରେ ଜବରଦସ୍ତି ଡବ୍ ଭର୍ସନ ଲଗାଇବ ନାହିଁ। ଏହା ସମ୍ପୂର୍ଣ୍ଣ ବ୍ୟବହାରକାରୀଙ୍କ ପସନ୍ଦ ଉପରେ ନିର୍ଭରଶୀଳ।

# ଅଫିସ୍‌ରେ ସଫଳତାର ଖୁସି

ଅଧିକାଂଶ କର୍ମଚାରୀ ନିଜ ସଫଳତାର ଖୁସି ପାଳନ କରିବାକୁ ଭଲପାଆନ୍ତି ନାହିଁ। କିନ୍ତୁ କର୍ମଚାରୀଙ୍କୁ ଅଫିସ୍‌ରେ ହିଁ ନିଜ ସଫଳତାର ପ୍ରତ୍ୟେକ ଖୁସି ମନାଇବା ଉଚିତ। ଏଭଳି କରିବା ଦ୍ୱାରା କମ୍ପାନିର ଛବି ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ।



- ଅଫିସ୍‌ରେ ସଫଳତାର ଖୁସି ପାଳନ କରିବା ଦ୍ୱାରା କମ୍ପାନି ଓ ନିଜ କାମକୁ ନେଇ ସକାରାତ୍ମକ ଚିନ୍ତାଧାରା ଅନ୍ୟ କର୍ମଚାରୀଙ୍କ ମନକୁ ଆସିଥାଏ।
- ଏହା ଟିମ୍ ୱାର୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଏ।
- ସେହିପରି ନିଜ ଟିମ୍ ଦ୍ୱାରା ସଫଳତାର ଖୁସି ପାଳିବା ଦ୍ୱାରା କମ୍ପାନି ସଂସ୍କୃତି ଉପରେ ସକାରାତ୍ମକ ପ୍ରଭାବ ପଡ଼େ।
- ସଫଳତାକୁ ମନାଇବା ଦ୍ୱାରା ଅନ୍ୟ କର୍ମଚାରୀଙ୍କୁ ପ୍ରୋତ୍ସାହନ ମିଳିଥାଏ।
- ଏହା ଦ୍ୱାରା ସେମାନଙ୍କ କାର୍ଯ୍ୟ କ୍ଷମତା ବୃଦ୍ଧି ପାଏ।
- ଅନ୍ୟ ସହକର୍ମୀ ଏବଂ ନିଜ ଟିମ୍ ସଦସ୍ୟଙ୍କ ସହ କଥାବାର୍ତ୍ତା କରିବାରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।

# କ୍ରିମିନୋଲଜିର ବଢୁଛି ଚାହିଦା

**ଆଜିକାଲି କ୍ରିମିନୋଲଜିର ଚାହିଦା ଦ୍ରୁତ ଭାବେ ଲୋକପ୍ରିୟ ହେବାରେ ଲାଗିଛି। କାରଣ ଜେନ୍ ଜେଡ୍ ଏହି କ୍ୟାରିୟର ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। କ୍ରିମିନୋଲଜି ବିଷୟ ଅପରାଧର କାରଣ, ସମାଜ ଏବଂ ଅପରାଧୀର ମାନସିକତାକୁ ବୁଝିବା ଉପରେ ଗୁରୁତ୍ୱ ଦେଇଥାଏ।**

ଫରେନସିକ୍ ସାଇନ୍ସ ହେଉଛି କ୍ରିମିନୋଲଜିର ଏକ ଅଂଶ। ଡିଏନ୍‌ଏ ଟେଷ୍ଟ, ଫିଙ୍ଗରପ୍ରିଣ୍ଟ କାମ ଫରେନସିକ୍ ସାଇନ୍ ଅଧୀନରେ ଆସେ। ସେହିପରି ଜଣେ କ୍ରିମିନୋଲଜିଷ୍ଟ ସମାଜରେ ଅପରାଧକୁ ରୋକିବା ଦିଗରେ ସାହାଯ୍ୟ କରନ୍ତି। ତେବେ କ୍ରିନୋଲୋଜି ବିଷୟ ଅପରାଧ, ଅପରାଧୀ ଏବଂ ସାମାଜିକ ସମ୍ପର୍କକୁ ବୁଝିବା ଦିଗରେ ଗୁରୁତ୍ୱ ଦିଏ। ଏଥିରେ ଅପରାଧ କାହିଁକି ଘଟେ, ଅପରାଧୀ କ'ଣ ସବୁ ଚିନ୍ତା କରେ ଏବଂ ଅପରାଧକୁ କିଭଳି ରୋକା ଯାଇପାରିବ, ସେ ବାବଦରେ ଶିକ୍ଷା ପ୍ରଦାନ କରାଯାଏ। ତେଣୁ ମନୋବିଜ୍ଞାନ, ସମାଜଶାସ୍ତ୍ର, ରିସର୍ଚ୍ଚ, ପଲିସି ମେକିଂରେ ରୁଚି ରଖିଥିବା ଯୁବପିଢ଼ିଙ୍କ ପାଇଁ ଏହା ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ।

ତେବେ ଘଟଣାସ୍ଥଳରୁ ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବାରେ ଇନଭେଷ୍ଟିଗେସନ ଟିମ୍‌କୁ ସାହାଯ୍ୟ କରନ୍ତି କ୍ରିମିନୋଲଜିଷ୍ଟ। ସେମାନେ ଅପରାଧର କାରଣ ଓ ସମାଜ ଉପରେ ପଡୁଥିବା ପ୍ରଭାବ ଉପରେ ଜାଣିବା ଓ ବୁଝିବାକୁ ଚେଷ୍ଟା କରନ୍ତି। ଏହାକୁ ପଢ଼ିବା ପରେ କ୍ରିମିନୋଲଜିଷ୍ଟ, କ୍ରାଇମ୍ ଆନାଲିଷ୍ଟ, ରିସର୍ଚ୍ଚର, ପଲିସି ଆଡଭାଇଜର ତଥା ଏନଜିଓରେ କାମ କରିପାରିବେ। ପୋଲିସ୍ ବିଭାଗ, ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ, ବିଶ୍ୱବିଦ୍ୟାଳୟରେ ବି କ୍ରିମିନୋଲଜିରେ ଅନେକ ଅବସର ମିଳିପାରେ। ଅନ୍ୟପଟେ ଲୋକଙ୍କ ବ୍ୟବହାରକୁ ବୁଝିବା, ଗବେଷଣା କରିବା ଏବଂ କ୍ରାଇମ୍ ପ୍ରିଭେସନ୍‌ରେ କାମ କରିବାରେ ରୁଚି ଥିଲେ ଏହା ଏକ ସୁନ୍ଦର କ୍ଷେତ୍ର ବୋଲି କୁହାଯାଏ। ତା'ସହ ଏହି କ୍ଷେତ୍ରରେ ପାରିଶ୍ରମିକ ବି ଭଲ ମିଳେ।



କ୍ରୀଡ଼ା
ସକାଳ THE SAKALA
www.sakalaepaper.com

# ନେଦରଲାଣ୍ଡସ ୭ ୱିକେଟରେ ବିଜୟୀ




ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ବାସ ଡି ଲିଡ୍‌ଙ୍କ ଅଲ୍‌ରାଉଣ୍ଡ ସଫଳତା ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡସ ୭ ୱିକେଟରେ ନବାଗତ ନାମିବ୍ୟାକୁ ପରାସ୍ତ କରିଛି। ୪୮ ବଲ୍‌ରୁ ୫ ଚୌକା ଓ ୪ ଛକା ସହ ୭୨ ରନ୍‌ରେ ଅପରାଜିତ ଥିବା ଓ ୨ଟି ୱିକେଟ ନେଇଥିବା ଅଲରାଉଣ୍ଡର ବାସ୍ ଡି ଲିଡ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବିଶ୍ୱକପ୍‌ରେ ନେଦରଲାଣ୍ଡସର ଏହା ହେଉଛି ଏକାଦଶ ଓ ୱିକେଟ ବ୍ୟବଧାନରେ ସର୍ବାଧିକ ବିଜୟ। ସେହିପରି ଟେଷ୍ଟ ଖେଳୁ ନ ଥିବା ଦେଶ ମଧ୍ୟରେ ମଧ୍ୟ ନେଦରଲାଣ୍ଡସ ସର୍ବାଧିକ ବିଜୟ ହାସଲ କରିଛି। ଏହା ପଛକୁ ୮ଟି ମ୍ୟାଚ୍ ଜିତି ସ୍କଟଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୬ ରନ୍ କରିଥିଲା। ଦଳ ପକ୍ଷରୁ ଲଫ୍ଟି-ଇଟନ ସର୍ବାଧିକ ୪୨, ଜାନ୍ ଫ୍ରିଲିଙ୍କ୍ ୩୦ ଓ ଜେଜେ ସ୍ମିଟ୍ ୨୨ ରନ୍ କରିଥିଲେ। ଲୋଗାନ ଭାନ୍ ବିକ୍ ଓ ଡି ଲିଡ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ନେଦରଲାଣ୍ଡସ ୨ ଓଭର ଖେଳ ବାକିଥାଇ ଓ ୩ଟି ୱିକେଟ ହରାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଡି ଲିଡ୍‌ଙ୍କ ଅପରାଜିତ ୭୨ ରନ୍ ବ୍ୟତୀତ ମାଇକେଲ ଲେଭିଟ୍ ୨୮, କଲିନ୍ ଆକରମ୍ୟାନ୍ ୩୨ ଓ ଅଧିନାୟକ ସ୍କଟ ଏଡ୍‌ୱାର୍ଡସ ଅପରାଜିତ ୧୮ ରନ୍ କରିଥିଲେ।

ଟି-୨୦ ବିଶ୍ୱକପ୍ କ୍ରିକେଟ

## ହାସରଙ୍ଗା, ବ୍ରେସ୍‌ୱେଲ ବିଶ୍ୱକପ୍‌ରୁ ବାଦ୍

କଲମ୍ବୋ,୧୦।୨ (ଏଜେନ୍ସି): ବିଶ୍ୱର ଦୁଇ ପ୍ରତିଷ୍ଠିତ ସ୍ପିନର ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ଓ ନ୍ୟୁଜିଲାଣ୍ଡର ମାଇକେଲ ବ୍ରେସ୍‌ୱେଲ୍ ଆଘାତ ଜନିତ କାରଣରୁ ଚଳିତ ବିଶ୍ୱକପ୍ର ଅବଶିଷ୍ଟ ମୁକାବିଲାରୁ ବାଦ୍ ପଡ଼ିଛନ୍ତି। ଉଭୟ ଖେଳାଳି ଭାରତ ଓ ଶ୍ରୀଲଙ୍କା ପିଚ୍‌ରେ ନିଜ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ। ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରେ ଦଳର ନେତୃତ୍ୱ ନେଇ ନ୍ୟୁଜିଲାଣ୍ଡକୁ ଐତିହାସିକ ସିରିଜ୍ ଜିତାଇଥିବା ବ୍ରେସ୍‌ୱେଲଙ୍କ ମାଂସପେସୀରେ ଆଘାତ ଲାଗିଛି। ଚିକିତ୍ସାସତ୍ତ୍ୱେ ଫିଟ୍ ନ ହେବାରୁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯାଇଛି। ବ୍ରେସ୍‌ୱେଲଙ୍କ ସ୍ଥାନରେ କୋଲ ମ୍ୟାକ୍‌କୋଞ୍ଚିଙ୍କୁ ଦଳରେ ନିଆଯାଇଛି। ସେହିପରି ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ହାସରଙ୍ଗାଙ୍କ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଥିଲା। ସେ ଆଉ ଫିଟ୍ ହେବାର ସମ୍ଭାବନା ନ ଥିବାରୁ ଦୁସନ ହେମନ୍ତଙ୍କୁ ତାଙ୍କ ସ୍ଥାନରେ ସାମିଲ କରାଯାଇଛି। ଆୟର୍ଲାଣ୍ଡ ବିକ୍ଷ ମ୍ୟାଚରେ ହାସରଙ୍ଗା ୩ଟି ୱିକେଟ ଅକ୍ତିଆର କରିଥିଲେ।

## ସେଫର୍ଟ, ଆଲେନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ୧୦ ୱିକେଟରେ ଜିତିଲା ନ୍ୟୁଜିଲାଣ୍ଡ

ଚେନ୍ନଇ,୧୦।୨(ଏଜେନ୍ସି): ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ)କୁ ୧୦ ୱିକେଟରେ ହରାଇ ଅନ୍ୟତମ ଟାଇଟଲ ଆଶାୟୀ ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ର ଶୁଷ୍କ ପିଚ୍‌ରେ ଟିମ୍ ସେଫର୍ଟ ଓ ଫିନ୍ ଆଲେନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ୧୭୪ ରନ୍‌ର ବିଜୟ ଲକ୍ଷ୍ୟକୁ କୌଣସି ୱିକେଟ ନ ହରାଇ ୧୫.୨ ଓଭରରେ ହାସଲ କରିନେଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ସେଫର୍ଟ ୪୨ବଲ୍‌ରୁ ୧୨ ଚୌକା ଓ ୩ଛକା ସହ ୮୯ ଓ ଆଲେନ୍ ୫୦ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ବିଜୟୀ ଦଳ ପାୱାର ପ୍ଲେ'ରେ ବା ୬ ଓଭରରେ ୭୮ ରନ୍ ଉଠାଇଥିଲେ। ସେହିପରି ସେଫର୍ଟ ୨୩ବଲ୍‌ରେ ଓ ଆଲେନ ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏମାନେ ପ୍ରଥମ ୱିକେଟରୁ ସଂଗ୍ରହ କରିଥିବା ୧୭୫ ରନ୍ ରେକର୍ଡ ହୋଇଛି।




ପୂର୍ବରୁ ଅଧିନାୟକ ମହମ୍ମଦ୍ ୱାସିମ୍ ଓ କେରଳ ଜନ୍ମିତ ଖେଳାଳି ଆଲିଶାନ ସରାଫୁଙ୍କ ଅର୍ଦ୍ଧଶତକ ଓ ଏମାନଙ୍କ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୧୦୭ ରନ୍ ମିଳିବା ପରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ୬ ୱିକେଟରେ ୧୭୩ ରନ୍ କରିଥିଲା। ୱାସିମ୍ ୪୫ବଲ୍‌ରୁ ୪ ଚୌକା ଓ ୩ ଛକା ସହ ଅପରାଜିତ ୬୬ ଏବଂ ଶରାଫୁ ୪୭ବଲ୍‌ରୁ ୫ ଚୌକା ଓ ୨ଛକା ସହାୟତାରେ ୫୫ ରନ୍ କରିଥିଲେ। ଶେଷ ଭାଗରେ ମୟଙ୍କ କୁମାର ୧୩ ବଲ୍‌ରୁ ଦ୍ରୁତ ୨୧ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀଙ୍କୁ ୨ଟି ୱିକେଟ ମିଳିଥିଲା। ପୂର୍ବରୁ ଆଫଗାନିସ୍ତାନ ବିପକ୍ଷରେ ୟୁଏଇ ୧୮୨ ରନ୍ କରିଥିଲେ ମଧ୍ୟ ଡିଫେଣ୍ଡ କରିପାରି ନ ଥିଲା। ବୋଲରଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ହୋଇପାରି ନାହିଁ।

## ସାହିବଜାଦା ଫରହାନ୍‌ଙ୍କ ଅର୍ଦ୍ଧଶତକ, ସ୍ପିନରଙ୍କ ଚତୁର ବୋଲିଂ

# ଆମେରିକାକୁ ହରାଇ ପ୍ରତିଶୋଧ ନେଲା ପାକିସ୍ତାନ

କଲମ୍ବୋ,୧୦।୨(ଏଜେନ୍ସି)

ଓପନର ସାହିବ୍‌ଜାଦା ଫରହାନ୍‌ଙ୍କ ଅର୍ଦ୍ଧଶତକ, ୫ଜଣ ସ୍ପିନରଙ୍କ ଚତୁର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲାରେ ପାକିସ୍ତାନ ୩୨ ରନ୍‌ରେ ୟୁଏସ୍‌ଏ(ଆମେରିକା)କୁ ପରାସ୍ତ କରିଛି। ଏହା ଫଳରେ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଆମେରିକା ନିକଟରୁ ପରାଜିତ ହୋଇଥିବା ପାକିସ୍ତାନ ପ୍ରତିଶୋଧ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ଓପନର ଫରହାନ୍ ସୁନ୍ଦର ବ୍ୟାଟିଂ କରି ୪୧ ବଲ୍‌ରୁ ୬ ଚୌକା ଓ ୫ଛକା ସହ ୭୩ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜମ ୩୨ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୪୬ ଓ ସଦାବ ଖାନ୍ ୧୨ ବଲ୍‌ରେ ୩୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ୟୁଏସ୍‌ଏ ପେସ୍ ବୋଲର ଶାଡଲୀ ଭାନ ସ୍କାଲକ୍ୱିକ୍ ସର୍ବାଧିକ ୪ଟି ୱିକେଟ ପାଇଥିଲେ।




ଜବାବରେ ୟୁଏସ୍‌ଏ ସମାନ ସଂଖ୍ୟକ ୨୦ ଓଭର ଖେଳି ୮ ୱିକେଟରେ ୧୫୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଶୁଭମ ରଞ୍ଜନେ ୩୦ ବଲ୍‌ରୁ ୫୧, ଶାୟାନ ଜାହାଙ୍ଗୀର ୩୪ ବଲ୍‌ରୁ ୪୯ ଓ ମିଲିନ୍ଦ କୁମାର ୨୨ ବଲ୍‌ରେ ୨୯ ରନ୍ କରିଥିଲେ ମଧ୍ୟ ୟୁଏସ୍‌ଏକୁ ମ୍ୟାଚ୍ ଜିତିବାଲାଗି ଏହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଏହି ମ୍ୟାଚ୍‌ରେ ପାକିସ୍ତାନ ପକ୍ଷରୁ ୫ଜଣ ସ୍ପିନର ବୋଲିଂ କରିଥିଲେ। ଏମାନେ ମିଳିତଭାବେ ୧୬ ଓଭର ବୋଲିଂ କରି ୭ଟି ୱିକେଟ ପାଇଥିଲେ। ସେମାନଙ୍କ ମଧ୍ୟରୁ ଉସ୍‌ମାନ ତାରିକ୍ ସର୍ବାଧିକ ୩ଟି, ସଦାବ ଖାନ୍ ୨ଟି ୱିକେଟ ପାଇଥିଲେ। ଏକମାତ୍ର ପେସ୍ ବୋଲିଂ କରିଥିବା ସାହିନ ଆଫ୍ରିଦୀ ୪ ଓଭରରେ ୪୨ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ।

ଗ୍ରୁପ୍-ଏ'ରେ ଉଭୟ ଦେଶର ଏହା ଦ୍ୱିତୀୟ ମୁକାବିଲା ଥିଲା। ଏହି ବିଜୟ ଫଳରେ ପାକିସ୍ତାନ ଗ୍ରୁପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ସୁପର-୮'ର ନିକଟତର ହୋଇଛି। ପୂର୍ବରୁ ପ୍ରଥମ ମୁକାବିଲାରେ ପାକିସ୍ତାନ ୩ ୱିକେଟରେ ନେଦରଲାଣ୍ଡସ୍‌କୁ ଓ ଭାରତ ୨୯ ରନ୍‌ରେ ୟୁଏସ୍‌ଏ'କୁ ପରାସ୍ତ କରିଥିଲା। ୟୁଏସ୍‌ଏର ବାମହାତୀ ପେସ୍ ବୋଲର ୩୭ ବର୍ଷୀୟ ଶାଡଲୀ ଭାନ ସ୍କାଲକ୍ୱିକ୍ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ସେ ମଧ୍ୟ ଭାରତ ବିପକ୍ଷରେ ୪ଟି ୱିକେଟ ପାଇଥିଲେ।

### ଆଜିର ବିଶ୍ୱକପ୍ ମ୍ୟାଚ୍

ICC MEN'S T20 WORLD CUP INDIA & SRI LANKA 2026

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଦ.ଆଫ୍ରିକା-ଆଫଗାନିସ୍ତାନ | ପୂର୍ବାହ୍ନ ୧୧ଟା | ଅହମ୍ମଦାବାଦ |
| ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ | ଅପରାହ୍ନ ୩ଟା | କଲମ୍ବୋ |
| ଇଂଲଣ୍ଡ-ୱେଷ୍ଟଇଣ୍ଡିଜ | ରାତି ୭ଟା | ମୁମ୍ବଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର


## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ | ଆଜି ବେଲ୍‌ଜିୟମକୁ ଭେଟିବ ଭାରତ

ଭୁବନେଶ୍ୱର/ରାଉରକେଲା, ୧୦।୨ (ସମିସ): ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭାରତୀୟ ପର୍ଯ୍ୟାୟ ମଙ୍ଗଳବାରଠାରୁ ରାଉରକେଲାର ଆଇକନିକ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଶ୍ୱକପ୍ ରନର୍ସଅପ୍ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ବିଶ୍ୱମାନ୍ୟତାର ୨ୟ ସ୍ଥାନରେ ବେଲ୍‌ଜିୟମ ୫-୩ ଗୋଲ୍‌ରେ ବିଜୟୀ ହୋଇଛି। ସେହିଭଳି ଘରୋଇ ଭାରତୀୟ ପୁରୁଷ ହକି ଦଳ ବୁଧବାର ସମାନ ବେଲ୍‌ଜିୟମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ମାନ୍ୟତାର ୮ମ ସ୍ଥାନରେ ରହିଛି। ପ୍ରୋ ଲିଗ୍ ଲାଗି ଘୋଷିତ ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ରହିଛି। ତେଣୁ ଘରୋଇ ପରିବେଶରେ ଉଚ୍ଚ ମାନ୍ୟତାପ୍ରାପ୍ତ ବେଲ୍‌ଜିୟମକୁ ଚକମା ଦେବା ଲକ୍ଷ୍ୟରେ ଭାରତ ରହିଛି। ଭାରତୀୟ ଦଳରେ ୫ଜଣ ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଶିଳାନନ୍ଦ ଲାକ୍ରା, ଅମନଦୀପ୍ ଲାକ୍ରା ଓ ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଘରୋଇ ପରିବେଶରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାଲାଗି ସେମାନଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ୨୧ ବର୍ଷୀୟ ରୋଶନ ପ୍ରଥମଥର ଲାଗି ସିନିଅର ଦଳରେ ସୁଯୋଗ ପାଇଛନ୍ତି। ତେଣୁ ତାଙ୍କ ଲାଗି ଏହି ପ୍ରୋ ଲିଗ୍ ବେଶ୍ ସ୍ମରଣୀୟ ରହିବ।



## ତମାଣ୍ଡୋ ପ୍ରିମିୟର ଲିଗ୍ | ୱାରିୟର୍ସକୁ ହରାଇଲା ରକ୍‌ଷ୍ଟାର

ଭୁବନେଶ୍ୱର,୧୦।୨(ସମିସ): ପାତ୍ରପଡ଼ାର ୟୁବି ରକଷ୍ଟାର ୪ ୱିକେଟରେ ଭୁବନେଶ୍ୱରର ବିଜେତା ୱାରିୟର୍ସକୁ ହରାଇ ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିଜେତା ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୧୦ ରନ୍। ଦଳ ପକ୍ଷରୁ ଅବିଷ୍କାର ପଟ୍ଟନାୟକ ୫୭ ରନ୍ କରିଥିଲାବେଳେ ରକ୍‌ଷ୍ଟାରର ରାକେଶ ବିଶ୍ୱାଳ ୫ଟି ଓ ଅବ୍‌ଦୁଲ ଖାନ୍ ୨ଟି ୱିକେଟ ପାଇଥିଲେ। ଜବାବରେ ୟୁବି ରକ୍‌ଷ୍ଟାର ୧୨.୨ ଓଭରରେ ୬ ୱିକେଟ ହରାଇ ୧୧୩ ରନ କରିବା ସହ ମ୍ୟାଚ୍ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ସୁଜିତ ଲେଙ୍କା ସର୍ବାଧିକ ୪୩ ରନ୍ କରିଥିଲାବେଳେ ପରାଜିତ ଦଳର ଗଣେଶ ଛାପାଙ୍କୁ ୩ଟି ୱିକେଟ ମିଳିଥିଲା। ବିଜୟୀ ରକ୍‌ଷ୍ଟାର ପକ୍ଷରୁ ୪ ଓଭରରେ ୨୮ ରନ୍ ଦେଇ ୫ଟି ୱିକେଟ ନେଇଥିବା ରାକେଶ ବିଶ୍ୱାଳଙ୍କୁ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଉପସଭାପତି ରାଜେଶ ପ୍ରଧାନ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ଦିଲୀପ ସାମଲ ଓ ବିଭୁପ୍ରସାଦ ଚୌଧୁରୀ ପରିଚାଳନା କରିଥିଲେ। ଆସନ୍ତାକାଲି ବା ବୁଧବାର ଏମ୍‌ସିସି, କାକଟପୁର ଓ ଭୁବନେଶ୍ୱରର ମାଇଟି ୟଙ୍ଗଷ୍ଟାର ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ।




## ଓଡ଼ିଶାଠୁ ୨୨୭ ରନ୍‌ରେ ହାରିଲା କେରଳ

ଭୁବନେଶ୍ୱର,୧୦।୨(ସମିସ): କେରଳକୁ ୨୨୭ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ଓଡ଼ିଶା ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ନଗେଶ ଟ୍ରଫିର ସୁପର-୮'ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଦଳ ତାହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଆସନ୍ତାକାଲି ଦିଲ୍ଲୀକୁ ଭେଟିବ। ଏହି ମ୍ୟାଚ୍‌ରେ ୫୦ ବଲ୍‌ରୁ ୧୧୮ ରନ୍ କରିଥିବା ଓଡ଼ିଶାର ଲାଲପ୍ରସାଦ ସୋରେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସୋରେନ୍‌ଙ୍କ ୧୧୮ ଓ ସୁଖରାମ ମାଝୀଙ୍କ ୪୯ ବଲ୍‌ରୁ ଅପରାଜିତ ୧୧୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୩୦୦ ରନ୍ କରିଥିଲା। ଜବାବରେ ୩୦୧ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରି କେରଳ ଦଳ ୧୨.୪ ଓଭରରେ ମାତ୍ର ୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଖରାମ, ଲାଲପ୍ରସାଦ ଓ ଅଧିନାୟକ ଲିଙ୍ଗରାଜ ରାଉତରା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ନଗେଶ ଟ୍ରଫି




## ପ୍ରଶାନ୍ତ ମେମୋରିଆଲ ଆଇନଜୀବୀ କ୍ରିକେଟ ଆରମ୍ଭ | ଭୁବନେଶ୍ୱର ବିଜୟୀ

ଭୁବନେଶ୍ୱର, ୧୦।୨ (ସମିସ): ପ୍ରଶାନ୍ତ ରାଉତରାୟ ମେମୋରିଆଲ୍ ଅଲ୍‌ଓଡ଼ିଶା ଆଇନଜୀବୀ କ୍ରିକେଟ୍‌ର ୧୧ତମ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଆୟୋଜକ ଭୁବନେଶ୍ୱର ବାର୍ ସଂଘ ୬୯ ରନରେ ବାଲେଶ୍ୱର ସଂଘକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚରେ ଭୁବନେଶ୍ୱର ରେଡ୍ ୬ ୱିକେଟରେ ପୁରୀ ସଂଘକୁ ହରାଇଦେଇଛି। ଭୁବନେଶ୍ୱର ବାରର ଆଶୁତୋଷ ବେହେରା (୭୯ ରନ) ଓ ରେଡ୍‌ର ପ୍ରବୋଧ ପରିଡ଼ା (୪୫ ରନ ଓ ଗୋଟିଏ ୱିକେଟ୍) ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଆମ୍ରି ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ସଂଘର ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ।




## ରଣଜୀ ଟ୍ରଫି | ଇନିଂସ ବିଜୟ ସହ ସେମିରେ ବେଙ୍ଗଲ

କୋଲକାତା, ୧୦।୨ (ଏଜେନ୍ସି)

ଏକ ଇନିଂସ ଓ ୯୦ ରନରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରି ଘରୋଇ ବେଙ୍ଗଲ ଅନ୍ତିମ ତଥା ୪ର୍ଥ ଦଳ ଭାବେ ଚଳିତ ରଣଜୀ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବେଙ୍ଗଲ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ୩୩୪ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଆନ୍ଧ୍ର ପ୍ରଦେଶ ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ନୀତୀଶ କୁମାର ରେଡ୍ଡୀ ୯୦ ରନର ଲଢୁଆ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଶାହବାଜ ଅହମ୍ମଦ ୪ଟି ୱିକେଟ୍ ନେଇ ବେଙ୍ଗଲକୁ ବିଜୟୀ କରାଇଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସରେ ୨୯୫ ରନରେ ସୀମିତ ରହିଥିଲା। ଜବାବରେ ଘରୋଇ ବେଙ୍ଗଲ ସୁଦୀପ ଘରାମିଙ୍କ ଆକର୍ଷଣୀୟ ଦ୍ୱିଶତକ ବଳରେ ୬୨୯ ରନ କରିଥିଲା। ସୁଦୀପ ୧୫ ଘଣ୍ଟା କାଳ କ୍ରିଜରେ ରହି ୫୯୬ ବଲ୍ ଖେଳି ୨୯୯ ରନରେ ଦୁର୍ଭାଗ୍ୟଜନକ ଭାବେ ଆଉଟ୍ ହୋଇଥିଲେ। ସୁଦୀପଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଉତ୍ତରାଖଣ୍ଡ, ଜମ୍ମୁ କାଶ୍ମୀର ଓ କର୍ଣ୍ଣାଟକ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଉତ୍ତରାଖଣ୍ଡ ଓ ଜମ୍ମୁ ପ୍ରଥମଥର ସେମିଫାଇନାଲ ଖେଳିବେ।

### ସେମିଫାଇନାଲ କାର୍ଯ୍ୟସୂଚୀ

ପ୍ରଥମ : ଉତ୍ତରାଖଣ୍ଡ-କର୍ଣ୍ଣାଟକ
ଦ୍ୱିତୀୟ : ଜମ୍ମୁ କାଶ୍ମୀର-ବେଙ୍ଗଲ

## ଭାରତ ବିପକ୍ଷ ମ୍ୟାଚ୍ ବୟକଟ୍‌ରୁ ଓହରିବା

# ପାକିସ୍ତାନର ନିଷ୍ପତ୍ତି; କ୍ରିକେଟର ଜିତ୍

ଲାହୋର,୧୦।୨(ଏଜେନ୍ସି)

ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଭାରତ ସହ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ସରକାରଙ୍କ ନିଷ୍ପତ୍ତି ବଳରେ କ୍ରିକେଟର ଜିତ୍ ହୋଇଛି। ବିଶ୍ୱକପ୍‌ରେ ଏବେ ପୁଣିଥରେ ଆକର୍ଷଣ ବଢ଼ିଛି ଓ ସମଗ୍ର ବିଶ୍ୱର କ୍ରିକେଟ ସମର୍ଥକ ପୁଣିଥରେ କ୍ରିକେଟ ମୁହାଁ ହୋଇଛନ୍ତି। ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିବାକୁ ସରକାର ନିଷ୍ପତ୍ତି ନେବା ଫଳରେ କ୍ରିକେଟ ସହ ଜଡ଼ିତ ସମସ୍ତ ପକ୍ଷ କ୍ଷତିରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଥିଲା। ପାକିସ୍ତାନକୁ ଏହି ନିଷ୍ପତ୍ତିରୁ ଓହରିବା ଲାଗି ଆଇସିସିର ଉପାଧ୍ୟକ୍ଷ ଇମ୍ରାନ ମିର୍ଜା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଯୋଗ ଗୁପ୍ତା, ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ଓ ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକ ଓ କ୍ରିକେଟ ବୋର୍ଡ। ଲାହୋରରେ ଆଇସିସି, ପିସିବି ଓ ବିସିବିକୁ ନେଇ ତ୍ରିପାକ୍ଷିକ ଆଲୋଚନା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଶ୍ରୀଲଙ୍କା ରାଷ୍ଟ୍ରପତି ଦିସାନାୟକେ ଟେଲିଫୋନ ମାଧ୍ୟମରେ ଅନୁରୋଧ କରିବା ସବୁକିଛି ବଦଳାଇଦେଇଥିଲା। ଅସୁବିଧା ସମୟରେ ପାକିସ୍ତାନ କ୍ରିକେଟକୁ ଶ୍ରୀଲଙ୍କା କ୍ରିକେଟ ସହଯୋଗ କରିଆସିଛି। ପାକିସ୍ତାନ ସରକାର ଏହାକୁ ଭଲଭାବେ ଜାଣିବା ପରେ ନିଷ୍ପତ୍ତି ବଦଳାଇବାକୁ ଉଚିତ ମନେକରିଛନ୍ତି।

ଭାରତରେ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରି ବାଂଲାଦେଶ ବିଦା ହୋଇଥିଲା। ସ୍କଟଲାଣ୍ଡକୁ ବଦଳ ଦଳ ଭାବେ ନିଆଯାଇଥିଲେ ମଧ୍ୟ ଏଭଳି ନିଷ୍ପତ୍ତିକୁ ପାକିସ୍ତାନ ବିରୋଧ କରିଥିଲା। ଫଳରେ ବିଶ୍ୱକପ୍‌ରେ ଖେଳିବାକୁ ପାକିସ୍ତାନ ସରକାର ଅନୁମତି ଦେଇଥିଲେ ମଧ୍ୟ କଲମ୍ବୋରେ ଫେବୃଆରୀ ୧୫ରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବାକୁ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ଏହି ମ୍ୟାଚ୍ ନ ଖେଳିଲେ, ଆଇସିସିର ଦକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଥିଲା। ସ୍ପନସରମାନେ ମଧ୍ୟ ଭାରତ-ପାକିସ୍ତାନ ମ୍ୟାଚ୍ ନହେଲେ ସେମାନଙ୍କ ଫି'ରେ ପରିବର୍ତ୍ତନ କରିବାକୁ ସୂଚନା ଦେଇଥିଲେ। ଏଭଳି ସ୍ଥିତିରେ ଯେପରି ହେଉ ପାକିସ୍ତାନକୁ ମନାଇବାକୁ ଆଇସିସି ସ୍ଥିର କରିଥିଲା। ସେହିପରି ଯେଉଁ ସମର୍ଥକମାନେ ଏହି ମୁକାବିଲା ଦେଖିବାକୁ ଟିକଟ କାଟିବା ସହ ହୋଟେଲ ବୁକ୍ କରିଥିଲେ ସେମାନଙ୍କର ମଧ୍ୟ କ୍ଷତି ହୋଇଥାନ୍ତି। ଶ୍ରୀଲଙ୍କାର ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ବିଶେଷ ଭାବେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ସମସ୍ତ ସଦସ୍ୟ ରାଷ୍ଟ୍ର ସହ ପାକିସ୍ତାନ ମଧ୍ୟ ଆଇସିସି ସହ ରାଜିନାମା କରିଛି। ଏଣୁ ଆଇନଗତ ଭାବେ ପାକିସ୍ତାନ କ୍ଷତିପୂରଣ ଦେବାକୁ ବାଧ୍ୟ। ସେହିପରି ପାକିସ୍ତାନକୁ ମନାଇବାକୁ ଆଇସିସି ନରମ ମନୋଭାବ ପୋଷଣ କରିଥିଲେ ମଧ୍ୟ ଭାରତ ସହ ମୁକାବିଲା ନ କଲେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସମ୍ପର୍କରେ ଚେତାବନୀ ସହ ପାକିସ୍ତାନ କ୍ରିକେଟ ବୋର୍ଡକୁ ଅବଗତ କରାଇଥିଲା। ଏହି ଚେତାବନୀରେ ପାକିସ୍ତାନକୁ ଅନ୍ତର୍ଜାତୀୟ କ୍ରିକେଟରୁ ବୟକଟ, ଆଇସିସିର ଆର୍ଥିକ ଅନୁଦାନ ପାଖାପାଖି ୧୨୯୧ କୋଟି ଟଙ୍କାକୁ ବନ୍ଦ କରିବା, ପାକିସ୍ତାନ ସୁପର ଲିଗ୍‌ରେ କୌଣସି ବିଦେଶୀ ଖେଳାଳିଙ୍କୁ ଅନୁମତି ଦିଆଯିବ ନାହିଁ ବୋଲି ଆଇସିସି ସ୍ପଷ୍ଟ ଭାବେ ଜଣାଇଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ ଏହା ଜାଣିବା ପରେ ହରଡଘଣାରେ ପଡ଼ିଥିଲା। କିପରି ସମ୍ମାନର ସହ ଏହି ନିଷ୍ପତ୍ତିରୁ ଓହରିବ ତାହା ଖୋଜିଥିଲା। ପ୍ରଥମେ ବାଂଲାଦେଶ କ୍ରିକେଟ ବୋର୍ଡ ମାଧ୍ୟମରେ ଅନୁରୋଧ କରିବା, ଦ୍ୱିତୀୟରେ ଶ୍ରୀଲଙ୍କାର ରାଷ୍ଟ୍ରପତି ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ପାକିସ୍ତାନ ଏହି ବିଶ୍ୱକପ୍‌ରେ ଖେଳିବା ଛଡ଼ା ଅନ୍ୟ ଉପାୟ ନ ଥିଲା। ଲାହୋର ବୈଠକରେ ପାକିସ୍ତାନ ଯେତେ ସବୁ ଦାବି କରିଥିଲା ଆର୍ଥିକ ଅନୁଦାନ ଛଡ଼ା ଅନ୍ୟ ସବୁ ଦାବି ଆଇସିସି ଖାରଜ କରିଦେଇଥିଲା। କିନ୍ତୁ ବାଂଲାଦେଶ ଏହି ବିଶ୍ୱକପ୍‌ରେ ଖେଳି ନ ଥିବାରୁ ତାହା ଉପରେ କୌଣସି ପ୍ରକାର ଦଣ୍ଡବିଧାନ କରାଯିବ ନାହିଁ ବୋଲି ଉଭୟ ପିସିବି ଓ ବିସିବିର ଦାବିକୁ ଆଇସିସି ମାନିନେଇଥିଲା। ଏହା ଫଳରେ ଫେବୃଆରୀ ୧୫ରେ ଭାରତ ସହ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ସରକାର ରାଜିହୋଇଥିଲେ। ଏହି ନିଷ୍ପତ୍ତି ଫଳରେ କ୍ରିକେଟର ବଡ଼ ବିଜୟ ହୋଇଛି ବୋଲି କୁହାଯାଉଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS